R.N.I. REGN. No. 65000/96
POSTAL REGN. No. OR/BN-32/12-14

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୧୧
ତିଥି : ନବମୀ
୧୫ ଅକ୍ଟୋବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 10, 15 October 2025, Wednesday,
Bhubaneswar, Price: 5.00, Online Portal www.odishasamaya.com,
thesamayanews@gmail.com, www.samayalive.in

Bhubaneswar | Balasore | Angul | Berhampur | Sambalpur

### ଦୁର୍ଗାପୁରରେ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା

# ପୀଡ଼ିତାଙ୍କ ପୁରୁଷ ବନ୍ଧୁ ଗିରଫ

▲ ଗଣଦୁଷ୍କର୍ମ କରାଯାଇନାହିଁ : ପୋଲିସ

▲ ଘଟଣାସ୍ଥଳରେ ପୋଲିସର ଛାନ୍‌ଭିନ୍

କୋଲକାତା, ୧୪।୧୦ : ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । ପୋଲିସ ଆଜି ପୀଡିତାଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରିଛି । ପୋଲିସ ପକ୍ଷରୁ କୁହାଯାଇଛି ଯେ ପୀଡିତାଙ୍କ ସହ ଗଣଦୁଷ୍କର୍ମ ହୋଇନାହିଁ । ତାଙ୍କୁ ଜଣେ ବ୍ୟକ୍ତି ଶାରୀରିକ ଭାବେ ନିର୍ଯାତନା ଦେଇଥିଲେ । ଆସନ୍ତାକାଲି ପୀଡିତାଙ୍କ ପୁରୁଷ ବନ୍ଧୁଙ୍କୁ କୋର୍ଟରେ ହାଜର କରାଯିବ ।

ଆସାନସୋଲ୍-ଦୁର୍ଗାପୁର କମିଶନରେଟ୍‌ରେ ପୋଲିସ କମିଶନର ସୁନୀଲ କୁମାର ଚୌଧୁରୀ ଗଣମାଧ୍ୟମକୁ କହିଛନ୍ତି ଯେ ପୀଡିତାଙ୍କ ବୟାନ ଓ ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ଯାହା ଜଣାପଡ଼ିଛି ଜଣେ ବ୍ୟକ୍ତି ହିଁ ଡାକ୍ତରୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି । ପୀଡିତାଙ୍କର ବୟାନକୁ ଭିତ୍ତିକରି ପୋଲିସ ଏଭଳି ମତ ରଖିଛି । ଆମେ ସବୁ ଦିଗକୁ ନେଇ ଅନୁସନ୍ଧାନ କରିଛୁ । ସବୁ ଗିରଫ ଅଭିଯୁକ୍ତଙ୍କୁ ଜେରା କରିଛୁ । ଏବେବି ତଦନ୍ତ ଜାରି ରହିଛି । ଏହି ଘଟଣାରେ ପୂର୍ବରୁ ୫ ଜଣ ଗିରଫ ହୋଇଥିଲେ । ଆଜି ପୁରୁଷ ବନ୍ଧୁଙ୍କୁ ଗିରଫ କରାଯାଇଛି । ପୀଡିତାଙ୍କ ମୋବାଇଲ ଫୋନ୍ ମଧ୍ୟ ଠାବ ହୋଇଛି । ସେହିଭଳି ପୀଡିତାଙ୍କ ପୁରୁଷ ବନ୍ଧୁଙ୍କ ପୋଷାକ ଓ ବ୍ୟକ୍ତିଗତ ଉପସ୍ଥିତିକୁ ମଧ୍ୟ ସଂଗ୍ରହ କରିଛୁ । ଆମ ଟିମ୍ ଘଟଣା ଘଟିଥିବା ସ୍ଥାନକୁ ପୀଡିତାଙ୍କ ବନ୍ଧୁଙ୍କ ସହ ଯାଇଥିଲେ । ସେଠାରେ ଘଟଣାର ଦୃଶ୍ୟାବଳିର ପୁନରାବୃତ୍ତି କରାଯାଇଥିଲା । ତେବେ ଫରେନ୍‌ସିକ୍ ଓ ମେଡିକାଲି ରିପୋର୍ଟକୁ ଅପେକ୍ଷା କରାଯାଇଛି ।

ଡିସିପି ଅଭିଶେକ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏକ ପୋଲିସ ଟିମ୍ ଘଟଣାସ୍ଥଳକୁ ଅଭିଯୁକ୍ତଙ୍କୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି । ଦୁର୍ଗାପୁରରେ ଥିବା ( ୯ ପୃଷ୍ଠାରେ)

# ଜଳିଗଲା ବସ୍, ୨୦ ମୃତ

ଯୋଧପୁର, ୧୪।୧୦ : ମଙ୍ଗଳବାର ରାଜସ୍ଥାନର ଜୈସଲମେରରୁ ଯୋଧପୁର ଯାଉଥିବା ଏକ ଘରୋଇ ବସରେ ହଠାତ୍ ନିଆଁ ଲାଗିଯିବାରୁ ୨୦ ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଏହି ଘଟଣାରେ ୧୫ ଜଣ ଆହତ ହୋଇଛନ୍ତି । ୫୭ ଜଣ ଯାତ୍ରୀଙ୍କୁ ନେଇ ବସଟି ଅପରାହ୍ନ ପ୍ରାୟ ୩ଟାରେ ଜୈସଲମେର ଛାଡିଥିଲା । ଜୈସଲମେର-ଯୋଧପୁର ରାଜପଥରେ ଯାତ୍ରା କରୁଥିବା ସମୟରେ, ଗାଡ଼ିର ପଛ ପାଖରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା । ଡ୍ରାଇଭର ତୁରନ୍ତ ରାସ୍ତା କଡ଼ରେ ବସ୍ ଅଟକାଇ ଦେଇଥିଲେ । ଖବରପାଇ ଅଗ୍ନିଶମ ବାହିନୀ ଏବଂ ପୋଲିସ ତୁରନ୍ତ ପହଞ୍ଚିଥିଲେ । ଆହତ ଯାତ୍ରୀମାନଙ୍କୁ ପ୍ରଥମେ ଜୈସଲମେରର ଜବାହର ହସ୍ପିଟାଲକୁ ନିଆଯାଇଥିଲା ଏବଂ ୧୫ ଜଣ ଗୁରୁତର ଆହତ ବ୍ୟକ୍ତିଙ୍କୁ ପରେ ଉନ୍ନତ ଚିକିତ୍ସା ପାଇଁ ଯୋଧପୁରର ଏକ ହସ୍ପିଟାଲକୁ ପଠାଯାଇଥିଲା । ଦୁର୍ଘଟଣାର ଖବର ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି ।

# ନିୟମିତ ଜେଲ୍ ବୁଲିବେ ଜିଲ୍ଲାପାଳ, ଏସ୍‌ପି

ଭୁବନେଶ୍ୱର, ୧୪।୧୦ (ସବ୍ୟୁ): ନିୟମିତ ବ୍ୟବଧାନରେ ଜେଲକୁ ଅଚାନକ ପରିଦର୍ଶନରେ ଯିବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜେଲ ବିଭାଗ ଡିଜି ସୁଶାନ୍ତ ନାଥ ଚିଠି ଲେଖି ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ଜେଲର କଏଦୀମାନେ ସୁସ୍ଥ ପରିବେଶରେ ରହିପାରିବେ । ଏଥିସହ ଜେଲ ପରିଚାଳନାରେ ସ୍ୱଚ୍ଛତା ଏବଂ ଶୃଙ୍ଖଳା ବଜାୟ ରହିବ । ରାଜ୍ୟର ଜେଲମାନଙ୍କରେ କଏଦୀମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଥିବା ଗଣମାଧ୍ୟମରେ ବିଭିନ୍ନ ସମୟରେ ଖବର ପ୍ରକାଶ ପାଉଛି । ଏନେଇ ଜାତୀୟ ମାନବାଧିକାର କମିଶନ ରାଜ୍ୟ ( ୯ ପୃଷ୍ଠାରେ)

DSPL-316



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କୃଷି ବିଦ୍ୟାନିଧି ଯୋଜନା

- ସିଏମ୍ କିଷାନ ହିତାଧିକାରୀ ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା
- AISHE ମାନର ସରକାରୀ ଶିକ୍ଷାନୁଷ୍ଠାନର ସମସ୍ତ ଖର୍ଚ୍ଚ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନର ନିର୍ଦ୍ଧାରିତ ହାରରେ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର
- ଜାତୀୟ ଶିକ୍ଷାନୁଷ୍ଠାନ ଯଥା IIT, IIM, NIT, AIIMS ଏବଂ ICAR ରେ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସରକାରୀ ସହାୟତାର ବ୍ୟବସ୍ଥା

| କ୍ର.ନଂ | କାର୍ଯ୍ୟକ୍ରମ | ସମୟ ସୀମା (୨୦୨୫-୨୬) |
|---|---|---|
| ୧ | ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍‌ଲାଇନ୍ ଆବେଦନର ଆରମ୍ଭ ତାରିଖ | ୧୫.୧୦.୨୦୨୫ |
| ୨ | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ | ୩୦.୧୧.୨୦୨୫ |
| ୩ | ଅନୁଷ୍ଠାନର ପ୍ରଧାନ/ ମୁଖ୍ୟଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ରେକର୍ଡର ଅନ୍‌ଲାଇନ୍ ଯାଞ୍ଚର ଶେଷ ତାରିଖ | ୧୫.୧୨.୨୦୨୫ |
| ୪ | ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ରେକର୍ଡର ଅନ୍‌ଲାଇନ୍ ଯାଞ୍ଚର ଶେଷ ତାରିଖ | ୧୫.୦୧.୨୦୨୬ |

OIPR: 01102/13/0036/2526

ଯୋଗ୍ୟ ଛାତ୍ରଛାତ୍ରୀମାନେ www.scholarship.odisha.gov.in ରେ ଆବେଦନ କରନ୍ତୁ

ଅଧିକ ସୂଚନା ପାଇଁ ୧୫୫୩୩୫/ ୧୮୦୦-୩୪୫-୬୭୭୦ରେ ଯୋଗାଯୋଗ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

HealthWorld Medicine & Polyclinic
Available on the 3rd Sunday of every month Date-
(ପେଟ ରୋଗ ବିଶେଷଜ୍ଞ)
Dr. Shakti Prasad Chaudhary
MBBS, MD (General Medicine)
DM (ILBS, New Delhi) Gold Medalist
Consultant Gastroenterology & Hepatology
Kalinga Hospital, Bhubaneswar

HealthWorld Medicine & Polyclinic
Available on the 3rd Sunday of every month Date-
(ମଧୁମେହ ଓ ଥାଇରଏଡ଼ ରୋଗ ବିଶେଷଜ୍ଞ)
Dr. Ankita Tiwari
MD,DM (Endocrinology) KEM, Mumbai
Consultant Endocrinologist &
Diabetrologist AMRI Hospital, BBSR

HealthWorld Medicine & Polyclinic
Available on the 2nd Sunday of every month Date-
(ବରିଷ୍ଠ ଶିଶୁ ବିଶେଷଜ୍ଞ)
Dr. Rajat Kumar Das
(MBBS M.O Paediatric for Sisubhavan, SCB Cuttack,
Senior Child Specialist
Balasore Golei, Opposite Hospital Road,
Anand Bazar, Baripada,
Contact Number - 8637268411, 7381294888

HealthWorld Medicine & Polyclinic
(Every day) Date -
(ସ୍ୱାସ୍ଥ୍ୟ ରୋଗ ବିଶେଷଜ୍ଞ)
Dr. Swapnesh Mishra
MD.(MEDICINE)
Asst. Prof P.R.M. MEDICAL
College & Hospital, Baripada
Regd. No.: 17046/2009

HealthWorld Medicine & Polyclinic
Available on the 3rd Friday of every month Date -
(ସ୍ନାୟୁ ରୋଗ ବିଶେଷଜ୍ଞ)
Dr. Payod kumar jena
MBBS,MD,DM (Neurology)
KEM (Mumbai) Chief consultant
Neurologist,
Sunshine Hospital,Bhubaneswar

HealthWorld Medicine & Polyclinic
Available on the 2nd & 4th Sunday of every month Date -
(ହୃଦରୋଗ ବିଶେଷଜ୍ଞ)
Dr. Bikram Keshari Mohapatra
Consultant Interventional Cardiologist
MD. (MEDICINE) DM CARDIOLOGY (FESC)
Care Hospital, Bhubaneswar
Regd.: 15457/04

HealthWorld Medicine & Polyclinic
(Every day) Date -
(ମାନସିକ ରୋଗ ବିଶେଷଜ୍ଞ)
Dr. Chunuram Soren
MBBS, MD
Consultant of Neuropsychiatrist
SCB Medical College, Cuttack

HealthWorld Medicine & Polyclinic
(Every day) Date -
(ଅସ୍ତ୍ରୋପଚାର ରୋଗ ବିଶେଷଜ୍ଞ)
Dr. Mahadev Prasad Patra
Surgery specialist
PRM MCH, Baripada
Available for consultation everyday

HealthWorld Medicine & Polyclinic
Available on the 1st Sunday of every month Date -
(ପେଟ ରୋଗ ବିଶେଷଜ୍ଞ)
Dr. S. RAKESH KUMAR
D.M. Gastroenterology (SGPGIMS, LUCKNOW)
FOrmer Asst. Proffessor Gastroenterlogy,
(SGPGIMS. (LUCKNOW)
Associate Professor Gastroenterlogy,
(IMS & SUM Hospital, Bhubaneswar)

HealthWorld Medicine & Polyclinic
Available on the 4th Sunday of every month Date -
(ରକ୍ତ ହୀନତା ଓ କର୍କଟ ରୋଗ ବିଶେଷଜ୍ଞ)
Dr. Dibyajyoti Prusty
MBBS,MD Ex - SR (Clinical Hematology)
SCB Medical college, Cuttack
Asst. Prof:- IMS & SUM Hospital -II, Bhubaneswar

HealthWorld Medicine & Polyclinic
(Every day) Date -
(ହାଡ ରୋଗ ବିଶେଷଜ୍ଞ)
Dr. Sidheswar Basky
Orthopedic,MS(Ortho)
PRM medical college, Baripada
Available for consultation everyday

HealthWorld Medicine & Polyclinic
(Every day) Date -
(ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ)
Dr. Subhrajit Mandal
MBBS MO (O & G) SCB MCH ASST. PROF.
OBS & GYNECOLOGY
PRM MEDICAL COLLEGE TRAINED IN USG

HealthWorld Medicine & Polyclinic
Available on the 2nd Sunday of every Date -
(କିଡ୍ନୀ ରୋଗ ବିଶେଷଜ୍ଞ)
Dr. Rudrashis samal
MD,DM(Nephrology)
Consultant Nephrologist

HealthWorld Medicine & Polyclinic
Available on the 2nd Sunday of every month Date -
(ଫୁସ୍ ଫୁସ୍ ରୋଗ ବିଶେଷଜ୍ଞ)
DR. SANGRAM KESHARI MOHAPATRA
MBBS MD(Pulmonary medicine & critical care)
SCB Medical College & Hospital, Cuttack
Consultant -(Pulmonologist,Allergic Disease,
SLEEP,CHEST, TB SPECIALIST)
KIMS Hospital, Bhubaneswar

HealthWorld Medicine & Polyclinic
(Every day) Date -
(ନାକ,କାନ ଓ ଗଳା ରୋଗ ବିଶେଷଜ୍ଞ)
Dr. KCKDN Hembram
MBBS,MS(ENT)
PRM MCH, Baripada
Available for consultation everyday

HealthWorld Medicine & Polyclinic
(Every day) Date -
(ସ୍ୱାସ୍ଥ୍ୟ ରୋଗ ବିଶେଷଜ୍ଞ)
Dr. Deepak Kumar Naik
MD (MEDICINE)
P.R.M. MEDICAL College &
Hospital,Baripada

HealthWorld Medicine & Polyclinic
(Every day) Date -
(ସ୍ୱାସ୍ଥ୍ୟ ରୋଗ ବିଶେଷଜ୍ଞ)
Dr. Debasish Dash
DM (Endocrinology) MBBS
MD (Medicine)
PG HOSPITAL KOLKATA
IPGMER SSKM Hospital Kolkata

HealthWorld Medicine & Polyclinic
Available on the 3rd Sunday of every month Date -
(ହାଡ଼ ରୋଗ ବିଶେଷଜ୍ଞ)
Dr. Devasis Sarangi
SR. Consultant, Orthopedic Surgeon
MBBS,DNB (Ortho),M.Ch. (Ortho)
Indo japanese Fellowship in Computer
Navigated Joint Replacement & Arthroscopy
Sunshine Hospital, Bhubaneswar

HealthWorld Medicine & Polyclinic
(Every day) Date -
(ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ)
Dr.ANJALI TUDU
MBBS, MD (OBS & GYNAE)
SENIOR RESIDENT
LADY HARDINGE MEDICAL
COLLEGE, NEW DELHI

HealthWorld Medicine & Polyclinic
Available on the 2nd Sunday of every month Date -
(ଚର୍ମରୋଗ ବିଶେଷଜ୍ଞ)
Dr. SUCHISMITA DALAI
M.B.B.S, M.D SKIN & VD (S.C.B)
PRM MEDICAL COLLEGE & HOSPITAL
BARIPADA SENIOR RESIDENT
SKIN, VD & COSMETIC PROCEDURES

HealthWorld Medicine & Polyclinic
Available on the 1st Saturday of every month Date -
(ଆଣ୍ଠୁ ଗଣ୍ଠି ଖଞ୍ଜା ବିଶେଷଜ୍ଞ)
Dr. Sakir Ahmed
MD(Medicine) DM (Clinical Immunology and Rheumatology)
Consultant - Rheumatologist & Associate Professor KIMS Hospital, Bhubaneswar
Editor- In-Chief, Immunologic Research
Co-Convenor, APLAR SIG on Digital Health

HealthWorld Medicine & Polyclinic
Every week Monday & Wednesday Available Date -
(ମୂତ୍ର ଓ ମୂତ୍ରାଶୟ ରୋଗ ବିଶେଷଜ୍ଞ)
Dr. Deepak Ranjan Paul
MS. Mch. (Urology)
Consultant Urologist & Andrologist
Endurology,Kidney Stone Deisease
Prostate Disease,Male Infertility,Uro-oncology

HealthWorld Medicine & Polyclinic
(Every day) Date -
(ମାନସିକ ରୋଗ ବିଶେଷଜ୍ଞ)
DR. JAYAPRAKASH R RAVANA
Near SBI bazar branch, Anand bazar, Balesore golei, Baripada
Healthworldbpd.com
Contact no. 8637268411, 7381294888

HealthWorld Medicine & Polyclinic
Available on the 4th Sunday of every month Date -
(କିଡ୍ନୀ ରୋଗ ବିଶେଷଜ୍ଞ)
Dr. Chinmayananda Dash
MBBS,MD(Medicine)DM(Nephrology
Asst. Prof. IMS SUM HOSPITAL BHUBANESWAR
Consulttant:-
Nephrology & Kidney Transplant Physician

➡ healthworldbpd@gmail.com
➡ www.healthworldbpd.com
➡ Online Doctors Appointment Contact No :- 8637268411
➡ Medicine Home Delivery Available :- 7381293888
➡ Blood Home Collection Available :- 8712247365

HEALTH WORLD MEDICINES
Balasore Golei, Opposite Hospital Road,
Anand Bazar,Baripada Mayurbhanj
Contact No :- 8637268411 , 7381294888

# କ୍ୟାରିୟରରେ ପଡିଛି କଳାଯାଦୁର ପ୍ରଭାବ



ନିକଟରେ ଅଭିନେତ୍ରୀ ଅମ୍ରିତା ରାଓ ଦେଇଥିବା ସାକ୍ଷାତକାର ଖୁବ ଭାଇରାଲ ହେବାରେ ଲାଗିଛି । ଏହି ସାକ୍ଷାତକାରରେ ଅମ୍ରିତା ଦେଇଥିବା ମନ୍ତବ୍ୟ ବଲିଉଡର ଏକ ରାଜକୁ ଖୁଲାସା କରିଛି ବୋଲି ଅନ୍‌ଲାଇନରେ ଆଲୋଚନା ଚାଲିଛି । ଅମ୍ରିତାଙ୍କ ଅନୁସାରେ ତାଙ୍କ ଉପରେ କଳାଯାଦୁ କରାଯାଇଥିଲା । ଏହି କଳାଯାଦୁ ସାହାଯ୍ୟରେ ତାଙ୍କଠାରୁ ତିନୋଟି ଫିଲ୍ମ ଛଡାଇ ନିଆଯାଇଥିବା ଅମ୍ରିତା ପ୍ରକାଶ କରିଛନ୍ତି । ଏପରିକି ତାଙ୍କୁ ଏହି ଫିଲ୍ମ ପାଇଁ ସାଇନିଂ ଆମାଉଣ୍ଟ ପ୍ରଦାନ କରାଯାଇଥିବା ପରେ ତାଙ୍କୁ ରିପ୍ଲେସ କରାଯାଇଥିଲା । ଏପରିକି ଉକ୍ତ ପ୍ରୋଜେକ୍ଟ ଗୁଡିକ ଆରମ୍ଭ ହିଁ ହୋଇ ପାରିନଥିଲା । ତାଙ୍କ ଗୁରୁ ତାଙ୍କୁ ଏନେଇ ସୂଚନା ଦେଇଥିଲେ ତେଣୁ ସେ ଏହାକୁ ବିଶ୍ୱାସ କରିଥିଲେ ବୋଲି ଅମ୍ରିତା ପ୍ରକାଶ କରିଛନ୍ତି । ଏହି କଳାଯାଦୁ କାରଣରୁ ତାଙ୍କ କ୍ୟାରିୟରେ ଅନେକ କିଛି କ୍ଷତି ହୋଇଛି । ତେବେ କେବଳ ସେ ଏକାନୁହେଁ , ଇଣ୍ଡଷ୍ଟ୍ରୀରେ ଏଭଳି ଆହୁରି ହିରୋଇନ ମଧ୍ୟ ଅଛନ୍ତି ଯାହାଙ୍କ ଉପରେ କଳାଯାଦୁ କରାଯାଇଛି ବୋଲି ଅମ୍ରିତା ମତ ଦେଇଛନ୍ତି ।

## ଆଜି ଜନ୍ମଦିନ

# ଏପିଜେ ଅବଦୁଲ କଲାମ

ଭାରତର ୧୧ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିବା ଅବଦୁଲ କଲାମ ହେଉଛନ୍ତି ସମସ୍ତଙ୍କର ପ୍ରିୟ ରାଷ୍ଟ୍ରପତି । ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବେ ସାରା ପୃଥିବୀରେ ରହିଛି ତାଙ୍କର ଅନେକ ଖ୍ୟାତି । ତାମିଲନାଡୁର ରାମେଶ୍ୱରମରେ ୧୫ ଅକ୍ଟୋବର ୧୯୩୧ରେ ଜନ୍ମଗ୍ରହଣ କରିଥିବା ଅବଦୁଲ କଲାମଙ୍କର ପୂରାନାମ ହେଉଛି ଅବୁଲ ପାକିର ଜୈନୁଲାବୁଦ୍ଦୀନ ଅବଦୁଲ କଲାମ ।



ସେ ତିରୁଚିରପଲ୍ଲୀର ସେଣ୍ଟ ଜୋସେଫ୍ କଲେଜରୁ ପଦାର୍ଥ ବିଜ୍ଞାନ ଓ ଚେନ୍ନାଇର ମାଦ୍ରାସ ଇନ୍ସଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଅନ୍ତରୀକ୍ଷ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ । ଦେଶର ରାଷ୍ଟ୍ରପତି ହେବା ପୂର୍ବରୁ ସେ ଡି.ଆର୍.ଡି.ଓ ଏବଂ ଇସ୍ରୋରେ ଅନ୍ତରୀକ୍ଷ ଇଞ୍ଜିନିୟର ଥିଲେ । ବାଲିଷ୍ଟିକ ମିଶାଇଲ୍ ଓ ଲଞ୍ଚ ଭେହିକିଲ୍ ପ୍ରଯୁକ୍ତିବିଦ୍ୟାର ଆବିଷ୍କାର ପାଇଁ କଲାମଙ୍କୁ ଭାରତର ମିସାଇଲ୍ ମ୍ୟାନର ଆଖ୍ୟା ଦିଆଯାଇଛି । ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ ଭାରତର ସର୍ବୋଚ୍ଚ ବେସାମରିକ ଉପାଧି ଭାରତ ରତ୍ନରେ ସମ୍ମାନିତ କରାଯାଇଥିଲା । ସେ ଭାରତର ରାଷ୍ଟ୍ରପତି ଭାବେ ୨୦୦୨ ଜୁଲାଇ ୨୫ ତାରିଖରୁ ୨୦୦୭ ଜୁଲାଇ ୨୫ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ଲୋକଙ୍କ ରାଷ୍ଟ୍ରପତି ଭାବେ ତାଙ୍କର ଏକ ଭିନ୍ନ ପରିଚୟ ରହିଥିଲା ।

ତାଙ୍କର ଓଡ଼ିଶା ସହିତ ମଧ୍ୟ ରହିଥିଲା ନିଆରା ସମ୍ପର୍କ । ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ ପୂର୍ବରୁ ଜଣେ ବୈଜ୍ଞାନିକ ଭାବେ କଲାମ ବହୁବାର ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷାଘାଟିକୁ ଆସିଛନ୍ତି । ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ଥିବା ସମୟରେ ସେ ଏକାଧିକବାର ଓଡ଼ିଶାରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ । ଜଣେ ଲେଖକ ଭାବେ ମଧ୍ୟ ରହିଛି ତାଙ୍କର ଦକ୍ଷତା । ତାଙ୍କଦ୍ୱାରା ଲିଖିତ ଇଗନାଇଟେଡ୍ ମାଇଣ୍ଡସ୍ (୨୦୦୨), 'ୱିଙ୍ଗସ୍ ଅଫ୍ ଫାୟାର' (୧୯୯୯) ଓ ଇଣ୍ଡିଆ ୨୦୨୦- ଏ ଭିଜନ୍ ଫର୍ ଦ ନ୍ୟୁ ମିଲେନିୟମ୍' ଦେଶର କୋଟି କୋଟି ଲୋକଙ୍କ ଲାଗି ପ୍ରେରଣାର ଉତ୍ସ ସାଜିଛି । 'ୱିଙ୍ଗସ୍ ଅଫ୍ ଦି ଫାୟାର' ହେଉଛି ତାଙ୍କର ଆତ୍ମଜୀବନୀ, ଅନ୍ୟ ଗୋଟିଏ ଆତ୍ମଜୀବନୀ ହେଉଛି ଟର୍ଣ୍ଣିଂ ପଏଣ୍ଟ । ତେବେ ଏହି ମହାନ ବୈଜ୍ଞାନିକ ତଥା ଦେଶର ପ୍ରିୟ ରାଷ୍ଟ୍ରପତିଙ୍କର ଶିଲଂସ୍ଥିତ ବେଥନି ହସ୍ପିଟାଲରେ ୨୭ ଜୁଲାଇ ୨୦୧୫ରେ ଦେହାନ୍ତ ହୋଇଥିଲା । ଏକ ସଭାରେ ଭାଷଣ ଦେଉଥିବା ସମୟରେ ଆକସ୍ମିକ ହୃଦ୍‌ଘାତ କାରଣରୁ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ଏହାପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠି ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ଅବର୍ତ୍ତମାନରେ ଦେଶର ଅପୂରଣୀୟ କ୍ଷତି ହୋଇଛି । ଦେଶ ତାର ମିସାଇଲ୍‌ମ୍ୟାନ୍‌ଙ୍କୁ ସବୁଦିନ ପାଇଁ ହରାଇଥିଲା ।




୧୫ ଅକ୍ଟୋବର ଦିନ ସାରା ବିଶ୍ୱରେ ପାଳିତ ହୋଇଥାଏ ବିଶ୍ୱ ଛାତ୍ର ଦିବସ । ୧୫ ଅକ୍ଟୋବର ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏ. ପି. ଜେ. ଅବଦୁଲ କଲାମଙ୍କ ଜନ୍ମଦିନ ହୋଇଥିବାରୁ, ସଂଯୁକ୍ତ ରାଷ୍ଟ୍ର ଆମେରିକା ପକ୍ଷରୁ ଏହାକୁ ବିଶ୍ୱ ଛାତ୍ର ଦିବସ ରୂପେ ପାଳନ କରାଯାଉଛି । କଲାମ ଜଣେ ଉତ୍ସର୍ଗୀକୃତ ଶିକ୍ଷକ ଥିଲେ । ସେ ନିଜ ଜୀବନକୁ ଶିକ୍ଷା ପାଇଁ ଉତ୍ସର୍ଗ କରିଥିଲେ । ସେ କହିଥିଲେ ଯେ ଶିକ୍ଷକମାନେ ସମାଜର ନିର୍ମାଣକାରୀ ଅଟନ୍ତି ଏବଂ ଯେତେବେଳେ ଛାତ୍ରମାନେ ସେମାନଙ୍କ ବିଷୟ ଉପରେ ପାରଦର୍ଶୀ ହୁଅନ୍ତି ସେତେବେଳେ ହିଁ ଏକ ଆଦର୍ଶ ସମାଜ ଗଠନ ହୋଇପାରିବ । ଛାତ୍ରମାନଙ୍କ ପ୍ରତି କଲାମଙ୍କ ଅନାବିଳ ଶ୍ରଦ୍ଧା ତଥା ଛାତ୍ରମାନଙ୍କ ପକ୍ଷେ କଲାମ ଏକ ଆଦର୍ଶ ବ୍ୟକ୍ତିତ୍ୱ ଭାବେ ଏକ ପ୍ରେରଣାର ଉତ୍ସ । ପ୍ରତିବର୍ଷ ଏହି ଦିନଟିକୁ ପ୍ରତିଟି ଶିକ୍ଷା ଅନୁଷ୍ଠାନରେ ପାଳନ କରାଯାଇଥାଏ । କଲାମ ସାରା ବିଶ୍ୱରେ ନିଜର ପ୍ରେରଣାଦାୟ ଭାଷଣ ପାଇଁ ଖୁବ ପରିଚିତ ଥିଲେ । ଏହି ଅବସରରେ ଅନୁଷ୍ଠାନ ଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ।

## ସୋସିଆଲ କୋଟ୍ସ



“ସମସ୍ତେ ଭାବିଥିଲେ ଶାହରୁଖଙ୍କ ପୁଅଙ୍କୁ ହିରୋ ଭାବେ ଲଞ୍ଚ କରାଯିବ । ହେଲେ ଯାହା ହେଉ ସେ ନିର୍ଦ୍ଦେଶକ ଭାବେ ନିଜ କ୍ୟାରିୟର ଆରମ୍ଭ କଲେ । ଏହା ମୋତେ ଖୁସି ଦେଇଛି ।

ଅନୁଭବ ସିହ୍ନା, ଫିଲ୍ମମେକର



“ଅରିଜିତ ମୋର ଖୁବ ଭଲ ସାଙ୍ଗ । ସେ ଯାହା ବି ପରିସ୍ଥିତି ହୋଇଥିଲା ତାହା କେବଳ ଭୁଲ ବୁଝାମଣା ଥିଲା । ଖୁବଶୀଘ୍ର ଆମେ କାମ କରିବୁ ।

ସଲମାନ ଖାନ, ଅଭିନେତା



“ବାପାଙ୍କ ନିଧନ ମୋତେ ଭିତରୁ ଭାଙ୍ଗି ଦେଇଛି । ସେ ମୋ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ଥିଲେ ରହିବେ ମଧ୍ୟ ।

ଜିମି ସେରଗିଲ, ଅଭିନେତା

# ବୁଝି ହେବ ଗଛର ଭାଷା



ସାଧାରଣତ ଗଛ ମାନଙ୍କର ଭାଷା ବୁଝିବା ମଣିଷର କଳ୍ପନା ବାହାରର କାର୍ଯ୍ୟ । ହେଲେ ନିକଟରେ ଏଆଇକୁ ବ୍ୟବହାର କରି ଏଭଳି କିଛି ପ୍ରୋଜେକ୍ଟର ଆରମ୍ଭ କରାଯାଇଛି, ଯାହା ଏହି କଳ୍ପନାକୁ ବାସ୍ତବରେ ପରିଣତ କରିବ । ସୂଚନା ଅନୁସାରେ ଲଣ୍ଡନର ଏଜେନ୍ସି ଡ୍ରୋଗ ୫ ଏକ ଏଆଇ ପ୍ରୋଜେକ୍ଟର ଆରମ୍ଭ କରିଛନ୍ତି । ଏହି ପ୍ରୋଜେକ୍ଟରେ ଗଛର ଭାଷା ବୁଝିବାକୁ ଚେଷ୍ଟା କରାଯାଇଛି । ଏହି ପ୍ରୋଜେକ୍ଟକୁ ଲଣ୍ଡନ, ଡବ୍ଲିନ ଓ ଅଷ୍ଟିନର ବୈଜ୍ଞାନିକମାନେ ମିଶି ଆରମ୍ଭ କରିଛନ୍ତି । ଏଆଇକୁ ବ୍ୟବହାର କରି ମଣିଷମାନେ ଗଛ ସହିତ କଥା ହୋଇ ପାରୁଛନ୍ତି । ପ୍ରୋଜେକ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ପାଖାପାଖି ୧୦୦ ଜଣ ଲୋକ ଗଛ ସହିତ କଥାବାର୍ତ୍ତା କରିଛନ୍ତି । ଏହି ପ୍ରକ୍ରିୟାରେ ପ୍ରଥମେ ଗଛ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଏଆଇକୁ ଦେବାକୁ ହୋଇଥାଏ । ଏହାପରେ ସେନ୍ସରର ସାହାଯ୍ୟରେ ଗଛର ବାୟୋଇଲେକ୍ଟ୍ରିକାଲ ସିଗ୍‌ନାଲକୁ ଟ୍ରେସ କରାଯାଇଥାଏ । ଏହି ସିଗନାଲ ଏଆଇର ସାହାଯ୍ୟରେ ମଣିଷ ବୁଝୁଥିବା ଭାଷାକୁ ରୁପାନ୍ତରିତ ହୋଇଥାଏ । ଏହି ପ୍ରୋଜେକ୍ଟରେ ଏଆଇ ହିଁ ଗଛର ମସ୍ତିଷ୍କ ଭଳି କାର୍ଯ୍ୟ କରିଥାଏ ଏବଂ ମଣିଷଙ୍କ ସହିତ କଥା ହୋଇଥାଏ । ଏହି ପ୍ରୋଜେକ୍ଟର ମୂଳ ଉଦ୍ଦେଶ୍ୟ ଯୁବଗୋଷ୍ଠୀଙ୍କୁ ପ୍ରକୃତି ସହିତ ଯୋଡିବା ।

# ମସ୍ତିଷ୍କରୁ କମ୍ପ୍ୟୁଟର ନିର୍ମାଣ !

ସୁଇଜରଲାଣ୍ଡର ଏକ କମ୍ପାନୀ ଫାଇନାଲ ସ୍ପାର୍କ ଲାବ ମଣିଷ ମସ୍ତିଷ୍କର ନ୍ୟୁରୋନ୍ସକୁ ବ୍ୟବହାର କରି କମ୍ପ୍ୟୁଟରର ନିର୍ମାଣ କରୁଥିବା ସୂଚନା ମିଳିଛି । ବୈଜ୍ଞାନିକଙ୍କ ମତରେ ମସ୍ତିଷ୍କର କାର୍ଯ୍ୟଦକ୍ଷତା ସମସ୍ତ କମ୍ପ୍ୟୁଟର ଠାରୁ ଅଧିକ । ତେଣୁ ମସ୍ତିଷ୍କର ଜୀବନ୍ତ ସେଲ୍‌କୁ ଇଲେକ୍ଟ୍ରିକ ସିଗନାଲ ସାହାଯ୍ୟରେ ଟ୍ରେନିଂ ଦେବା ଆରମ୍ଭ କରିଛନ୍ତି । ଏହାପୂର୍ବରୁ ବୈଜ୍ଞାନିକମାନେ ଡିସ୍‌ବ୍ରେନ ନାମକ ଏକ ପରୀକ୍ଷଣ କରିଥିଲେ । ଯେଉଁଥିରେ ମସ୍ତିଷ୍କର କୋଷିକା ବା ସେଲ ଗୁଡିକୁ ଭିଡିଓ ଗେମ ଖେଳିବା ଶିଖାଯାଇଥିଲା । କିନ୍ତୁ ଏହି ସେଲ ଗୁଡିକ ମାତ୍ର ୪ମାସ ଜୀବନ୍ତ ରହିପାରିଥିଲେ । ତେଣୁ ବର୍ତ୍ତମାନ ବୈଜ୍ଞାନିକଙ୍କ ପାଇଁ ଏହି ସେଲ ଗୁଡିକର ଜୀବନ ବଢାଇବା ଏକ ଚାଲେଞ୍ଜରେ ପରିଣତ ହୋଇଛି । ଏହି ସମସ୍ୟାର ସମାଧାନ ହୋଇପାରିଲେ ଜୀବନ୍ତ ମସ୍ତିଷ୍କ କୋଷରୁ କମ୍ପ୍ୟୁଟର ନିର୍ମାଣ ଆହୁରି ସହଜ ଓ ସରଳ ହୋଇପାରିବ ।



୧୬୮୬ – ମୋଗଲ ଶାସକ ଔରଙ୍ଗଜେବ ବିଜାପୁର ସହିତ ଶାନ୍ତି ବୁଝାମଣାରେ ସ୍ୱାକ୍ଷର କରିଥିଲେ ।
୧୮୧୫ – ନେପୋଲିଅନ ବୋନାପାର୍ଟ ନିର୍ବାସନ ଜୀବନ କାଟିବା ପାଇଁ ହେଲେନା ଦ୍ୱୀପ ପହଞ୍ଚିଥିଲେ ।
୧୮୬୬ – କାନାଡାରେ ଭୟାଭୟ ଅଗ୍ନିକାଣ୍ଡ କାରଣରୁ ୨୫୦୦ରୁ ଅଧିକ ଘର ଜଳି ନଷ୍ଟ ହୋଇଯାଇଥିଲା ।
୧୮୭୪ – ଜାଗ୍‌ରେବରେ ଏକ ଆଧୁନିକ ବିଶ୍ୱବିଦ୍ୟାଳୟର ସ୍ଥାପନା କରାଯାଇଥିଲା ।
୧୮୭୮ – ଏଡିସନଙ୍କ ଦ୍ୱାରା ଇଲେକ୍ଟ୍ରିକ୍ ଲାଇଟ କମ୍ପାନୀର ସ୍ଥାପନା ।
୧୯୧୭ – ଡଚ୍ ବିଦେଶୀ ଡ୍ୟାନ୍ସର ମାତା ହାରୀଙ୍କ ହତ୍ୟା ।
୨୦୦୩ – ଚୀନର ପ୍ରଥମ ମାନବ ସମ୍ବଳିତ ମହାକାଶ ମିଶନର ଆରମ୍ଭ ।
୨୦୦୬ – ୟୁନାଇଟେଡ ନେସନ ନର୍ଥ କୋରିଆ ଉପରେ ପ୍ରତିରୋଧ ଲଗାଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରକଳ୍ପ

# କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବ ରାଜ୍ୟର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ବିଷୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କେନ୍ଦୁଝର ପ୍ରଶାସନ ସହ ଆଲୋଚନା କରିଛନ୍ତି । ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରକଳ୍ପ ଭାବେ ବିକଶିତ ହେବାକୁ ଥିବା ଏହି କେନ୍ଦ୍ର ଓଡିଶାର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଭାବେ ସାନଘାଗରା ଠାରେ ପ୍ରାୟ ୧୩୪ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା ହେବ।



ଉକ୍ତ ବୈଠକରୁ ଜଣା ପଡିଛି ଯେ, ଏହି କେନ୍ଦ୍ର, ଜୈବ ବିବିଧତା ସଂରକ୍ଷଣ, କମ୍ୟୁନିଟି ସେଣ୍ଟର, ଇକୋ-ଟୁରିଜିମ ଏବଂ ଗବେଷଣା ଓ ଶିକ୍ଷା ର ବିକାଶ ପାଇଁ ନିର୍ମାଣ କରାଯିବ। ଏହି ସ୍ଥାନଟି ପ୍ରାକୃତିକ ଅଭିଜ୍ଞତା ଏବଂ ଥିମାଟିକ ଗାର୍ଡେନର ଅନୁଭୂତି ପ୍ରଦାନ କରିବ । ଏହି କେନ୍ଦ୍ରରେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରଜାତିର ଅର୍କିଡ଼ ଉପଲବ୍ଧ ହେବା ସହିତ ଗୋଲାପ, ବାଉଁଶ, କାକଟସ, ଜଙ୍ଗଲୀ ଫଳ ଇତ୍ୟାଦି ମଧ୍ୟ ସ୍ଥାନିତ ହୋଇ ଅଞ୍ଚଳର ଶୋଭା ମଣ୍ଡନ କରିବ । ଏହି ଅଂଚଳକୁ ବିଶେଷ ପର୍ଯ୍ୟଟନ ସ୍ଥଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ବର୍ଷ ତମାମ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅଂଚଳରେ ହାତୀ ଉପଦ୍ରବ ଅଧିକ ରହୁଥିବାରୁ ଜିଲ୍ଲା ପ୍ରଶାସନକୁ ମଧ୍ୟ ଏହାର ଉଚିତ ପ୍ରତିକାର ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଉରରକ୍ଟ୍ର ଗ୍ଧକ୍ସରଭମଷରଗ୍ଧ ଦ୍ୱାରା ମଣିଷ-ହାତୀଙ୍କର ସଂଘର୍ଷକୁ ରୋକିବା ପାଇଁ ପରାମର୍ଶ ଦେଇଥିଲେ । ଏହି ନୂତନ ନିର୍ମାଣ ଯୋଗୁଁ ସେହି ସ୍ଥାନ ଦେଇ ବହି ଯାଉଥିବା ମାଛକାନ୍ଦଣା ନଦୀର ଜଳ ଯେପରି ସବୁବେଳେ ଭରପୁର ରୁହେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ଏହି କେନ୍ଦ୍ରରେ ଅର୍କିଡ୍ ସଂରକ୍ଷଣ ଏବଂ ପ୍ରଦର୍ଶନ କେନ୍ଦ୍ର, ପଦ୍ମ ଉଦ୍ୟାନ, ଜଙ୍ଗଲୀ ଖାଦ୍ୟଯୋଗ୍ୟ ଫଳ ଉଦ୍ୟାନ, ଫର୍ଣ୍ଣ ଉଦ୍ୟାନ, ଔଷଧୀୟ ଉଦ୍ଭିଦ ଉଦ୍ୟାନ, ଫୁଲ ବଜାର, ଛୋଟ ପିଲାଙ୍କ ଖେଳ ସ୍ଥାନନିର୍ମାଣ ହେବା ସହିତ ସମସ୍ତ ଆସବାବପତ୍ର ପାଇଁ ସ୍ଥାନୀୟ ପଥର ଏବଂ କାଠର ବ୍ୟବହାର କରାଯିବ । ଏହି ନିର୍ମାଣ କାର୍ଯ୍ୟ ୨୦୨୭ ସୁଦ୍ଧା ସମାପ୍ତ ହେବ ବୋଲି ଆଲୋଚନାରୁ ଜଣାପଡିଛି । ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଆଭାସୀ ମାଧ୍ୟମରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଓ କେନ୍ଦୁଝର ଉରଙ୍ଗ ଧନରାଜ ହନୁମନ୍ତ ଧାମଡେରେ ପ୍ରମୁଖ ଉପସ୍ଥିତ ଥିଲେ ।

## ଏମ୍ସ କର୍ମଚାରୀ ହତ୍ୟା ମାମଲା

# ୪ ଗିରଫ, ବନ୍ଧୁକ ଜବତ

ଭୁବନେଶ୍ୱର, (ସବ୍ୟୁ) : ସରକନ୍ତରାର ଏମ୍ସ କର୍ମଚାରୀ ରବି ଓରଫ ସୁଧାଂଶୁ ଖୁଣ୍ଟିଆଙ୍କ ହତ୍ୟା ମାମଲାରେ ଖଣ୍ଡଗିରି ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି ।ସେମାନେ ବ୍ୟବହାର କରିଥିବା ବନ୍ଧୁକ ମଧ୍ୟ ଜବତ ହୋଇଛି । ଜମିବାଡି ବିବାଦରୁ ରବିଙ୍କ ଦାଦାପୁଅ ଭାଇ ପୂର୍ବରୁ ତାଙ୍କୁ ହତ୍ୟା ଧମକ ଦେଇ ପରିବାର ନିଶ୍ଚିହ୍ନ କରିଦେବେ ବୋଲି କହିଥିଲେ । କାରଣ ଭୁବନେଶ୍ୱର ସିଭିଲ୍ କୋର୍ଟରେ ଚାଲିଥିବା ଜମି ମାମଲାରେ ଅଗ୍ରଣୀ ଭୂମିକା ନେଉଥିଲେ ରବି । ତାଙ୍କୁ ହତ୍ୟା ଧମକ ଦେବା ସହ ସତକୁ ସତ ସୋମବାର ସେ ଏମ୍ସକୁ ଡିୟୁଟିକୁ ଯାଉଥିବା ବେଳେ ମେଳଣ ପଡ଼ିଆ ନିକଟରେ ତାଙ୍କୁ ଗୁଳିମାଡ କରି ହତ୍ୟା କଲେ ।

ଗିରଫ ହୋଇଥିବା ୪ ଅଭିଯୁକ୍ତ ହେଲେ ରାକେଶ ଖୁଣ୍ଟିଆ ଓରଫ



ରାକା, ଭାଲୁ ଓରଫ ସୁକାନ୍ତ ପ୍ରଧାନ, ଛବି ଓରଫ ଶୁଭେନ୍ଦ୍ର ପ୍ରଧାନ ଓ କାହ୍ନା ଓରଫ ସୁବ୍ରତ ସାହୁ । ସୁବ୍ରତ ଘର ରଘୁନାଥନଗରରେ ହୋଇଥିବା ବେଳେ ଅନ୍ୟ ତିନିଜଣଙ୍କ ଘର ସରକନ୍ତରା ହାଟସାହିରେ ବୋଲି ସାମ୍ବାଦିକ ସମ୍ମିଳନୀରେ ଏସିପି କହିଛନ୍ତି । ଗିରଫ ହୋଇଥିବା ୪ଜଣଙ୍କ ମୋବାଇଲ ଫୋନ୍ ଓ ବ୍ୟବହୃତ ବନ୍ଧୁକ ଜବତ ହୋଇଛି । ତଦନ୍ତ ଜାରି ରହିଛି, ଏ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଗିରଫ ହୋଇପାରନ୍ତି ।

## ନିଶ୍ଚିନ୍ତକୋଇଲି ଅଞ୍ଚଳର ନାବାଳିକାକୁ ବଳାତ୍କାର ମାମଲା

# ଆସାମୀ ଅବଦୁଲ ରଜାକକୁ ୨୦ବର୍ଷ ଜେଲ୍

କଟକ,(ସବ୍ୟୁ): ନିଶ୍ଚିନ୍ତକୋଇଲି ଅଞ୍ଚଳର ନାବାଳିକାକୁ ଅପହରଣ କରି କୋରାପୁଟରେ ବଳାତ୍କାର କରିବା ଘଟଣାରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଆସାମୀ ଅବଦୁଲ୍ ରଜାକ୍‌କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୬୫ ହଜାର ଟଙ୍କାର ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆସାମୀ ଅଧିକ ୧୧ମାସ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି ।ଅପରପକ୍ଷରେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, କୋରାପୁଟ ଲକ୍ଷ୍ମୀପୁର ଅଞ୍ଚଳର ୨୫ ବର୍ଷୀୟ ଯୁବକ ଅବଦୁଲ୍ ରଜାକ୍ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଆସି ରହୁଥିଲେ। ୨୦୨୨ ମାର୍ଚ୍ଚ ୩ ତାରିଖ ଦିନ ଜଣେ ନାବାଳିକାକୁ ଅପହରଣ କରି ନେଇ କୋରାପୁଟ ଚାଲି ଯାଇଥିଲା । ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ନିଶ୍ଚିନ୍ତକୋଇଲି ଥାନାରେ ଏତଲା ଦିଆଯାଇଥିଲା। ଏହି ଏତଲା ଆଧାରରେ ପୁଲିସ୍ ତଦନ୍ତ କରି ନାବାଳିକାକୁ କୋରାପୁଟରୁ ଉଦ୍ଧାର କରିଥିଲା। ଆସାମୀ ଅବଦୁଲ୍ ରଜାକ୍ ପୀଡ଼ିତାଙ୍କୁ କୋରାପୁଟ ନେଇ ସେଠି ବିବାହ କରିବା ସହ ଜବରଦସ୍ତ ବଳାତ୍କାର କରିଥିବା ନେଇ ପୁଲିସ୍ ରିପୋର୍ଟରେ ଉଲ୍ଲେଖ କରିଥିଲା। ଏନେଇ ଚାର୍ଜସିଟ୍ ଦାଖଲ ପରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ଶୁଣାଣି ହୋଇଥିଲା। ଅଦାଲତ ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଆସାମୀକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିବା ୨୦ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ଏବଂ ବିଶ୍ୱଜିତ୍ ରାୟ ପରିଚାଳନା କରୁଥିଲେ ।

# ସୋଆ କମ୍ୟୁନିଟି ରେଡ଼ିଓ ଏବଂ ଡବ୍ଲୁଟିସିର ମିଳିତ ସହଭାଗିତାରେ ନୂତନ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ୱାର୍ଲ୍ଡ ଟ୍ରେଡ ସେଂଟର, ଭୁବନେଶ୍ୱରର ସହଭାଗିତାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କମ୍ୟୁନିଟି ରେଡ଼ିଓ ଷ୍ଟେସନ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନର ପ୍ରତିଯୋଗିତା ମୂଳକ ଦୁନିଆରେ ସଫଳତା ହାସଲ କରିଥିବା ବ୍ୟକ୍ତି ମାନଙ୍କ ସମ୍ପର୍କରେ ପ୍ରସାରଣ କରାଯିବ। ବିଭିନ୍ନ କ୍ଷେତ୍ରରେ ଦୃଢ଼ତାର ସହ ସଫଳତା ହାସଲ କରିଥିବା ପୁରୁଷ ଏବଂ ନାରୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମର ନାମ ରହିଛି 'ଆସ୍ତା କି ଉଡ଼ାନ୍-ଏକ ନୟି ପେହେଚାନ୍'। ଷ୍ଟାର୍ଟଅପ୍, ଭିତିଭୂମୀ ଓ ସୂଚନା ଏବଂ ପ୍ରଯୁକ୍ତି, କୃଷି, ଖାଦ୍ୟ ପ୍ରକ୍ରିୟା, ଆନ୍ତର୍ଜାତିକ ବ୍ୟାପାର ଓ ପର୍ଯ୍ୟଟନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବବର୍ଗଙ୍କୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରାଯିବ। ପ୍ରଥମ କାର୍ଯ୍ୟକ୍ରମ ଅକ୍ଟୋବର ୧୦ରେ ରେକର୍ଡିଂ କରାଯାଇଥିବା ବେଳେ ଡବ୍ଲୁଟିସିର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମ ଏପିସୋଡ୍‌ରେ ଶ୍ରୀମତି ଜ୍ୟୋତ୍ସ୍ନା ଦାସ ଏବଂ ଆର୍‌ଜେ ରମାବଲ୍ଲଭଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

## ଅତ୍ୟାଧୁନିକ ସୁରକ୍ଷା ବଳୟରେ ରହିବ ପୁରୀ ଶ୍ରୀମନ୍ଦିର

# ଶ୍ରୀମନ୍ଦିର ଭିତରେ ହେବ ୱାକିଟକି ବ୍ୟବସ୍ଥା : ଗିରୀଶ ଚନ୍ଦ୍ର ମୁର୍ମୁ

ପୁରୀ, (ସବ୍ୟୁ) : ଏଥର ଅତ୍ୟାଧୁନିକ ସୁରକ୍ଷା ବଳୟରେ ରହିବ ପୁରୀ ଶ୍ରୀମନ୍ଦିର । ଶ୍ରୀମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀମନ୍ଦିର ସୁରକ୍ଷା ନେଇ ପୁରୀ ନୀଳାଦ୍ରି ଭକ୍ତ ନିବାସରେ ବସିଥିବା ସୁରକ୍ଷା ସବ କମିଟି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି । ସୁରକ୍ଷା ପାଇଁ ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ମୁତୟନ ରହିବେ । ବିଶେଷକରି ନୋ ଫ୍ଲାଇଙ୍ଗ ଜୋନ ଉପରେ ବିଶେଷ ଆଲୋଚନା ହୋଇଛି କ୍ଷ ସର୍ଭିଲାନ୍ସ ସିକ୍ୟୁରିଟି, ଶ୍ରୀମନ୍ଦିର ଭିତରେ ଫୋନ ବ୍ୟବହାର ଉପରେ ମଧ୍ୟ ଆଲୋଚନା କରାଯାଇଛି । ଆଗକୁ ୱାକିଟକି ବ୍ୟବସ୍ଥା ହେବ ବୋଲି କହିଛନ୍ତି ସୁରକ୍ଷା ସବକମିଟି ମୁଖ୍ୟ ଗିରୀଶ ଚନ୍ଦ୍ର ମୁର୍ମୁ । ସେହିପରି ଫାୟାର ସେଫଟି ଏବଂ ଇଲେକ୍ଟ୍ରି ସେଫଟି ଉପରେ ବି ବୈଠକରେ ଫୋକସ ଦିଆଯାଇଥିଲା । ପୂର୍ବତନ ସିଏଜି ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଗିରୀଶ ମୁର୍ମୁଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ସବ କମିଟିର ଅନ୍ୟ ୮ ସଦସ୍ୟ ଉପସ୍ଥିତ ଥିଲେ ।



ଶ୍ରୀମନ୍ଦିର ସୁରକ୍ଷା ନେଇ ବୈଠକ

## ଏଆଇରୁ ଆପତ୍ତିଜନକ ଫଟୋ ଜେନେରେଟ୍ କରି ଯୁବକ ଗିରଫ

# ରାଜନେତା, ଅଭିନେତା ଏବଂ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ କରୁଥିଲା ଟାର୍ଗେଟ୍

କଟକ, (ସବ୍ୟୁ): ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)ରୁ ରାଜ୍ୟର ବିଶିଷ୍ଟ ରାଜନେତା, ଲୋକପ୍ରିୟ ଅଭିନେତା ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ଫଟୋ ଜେନେରେଟ୍ କରି ସୋସିଆଲ୍ ମିଡ଼ିଆରେ ଆପତ୍ତିଜନକ କଣ୍ଟେଣ୍ଟ ଭାଇରାଲ କରୁଥିବା ଜଣେ ଅଭିଯୁକ୍ତକୁ ଆଜି କମିଶନରେଟ ପୁଲିସ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତର ଘର ସାଲେପୁର ଅଞ୍ଚଳରେ ହୋଇଥିବା ବେଳେ ତା' ନାଁ ବିଶ୍ୱବଲ୍ଲଭାନନ୍ଦ ଓରଫ୍ କୁନ୍‌ମୁନ୍ ।

ସେ ଦୀର୍ଘ ଦିନ ହେବ ଏଭଳି ଆପତ୍ତିଜନକ ଏଆଇ ଜେନେରେଟ୍ ଫଟୋ ଓ ଭିଡ଼ିଓ ଭାଇରାଲ କରି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରୁ ଅର୍ଥ ରୋଜଗାର କରିବାକୁ ଉଦ୍ୟମ କରୁଥିଲା । ଜଣେ ଅଭିଯୋଗକାରୀଙ୍କ ଏତଲାକ୍ରମେ ସାଇବର ଥାନା ପୁଲିସ ବିଶ୍ୱବଲ୍ଲଭାନନ୍ଦକୁ ଗିରଫ କରିବା ସହ ବିଭିନ୍ନ ନେଟୱର୍କ ତଥା 'ମେଟା'କୁ ତାର ଆକାଉଣ୍ଟ ଓ ଡାଟା ଦେବାକୁ ଚିଠି ଲେଖିଛି ।

ପୁଲିସ ସୂଚନା ଅନୁସାରେ, 'ବିଶ୍ୱବଲ୍ଲଭାନନ୍ଦ କୁନ୍‌ମୁନ୍' ନାମରେ ଏକ ଫେସବୁକ୍ ଆକାଉଣ୍ଟ ରହିଥିଲା । ଅଭିଯୁକ୍ତ ଏହି ଆକାଉଣ୍ଟରେ ପ୍ରତ୍ୟେକ ଦିନ ବିଭିନ୍ନ ରାଜନେତା, ଚଳଚ୍ଚିତ୍ର ଅଭିନେତା ଓ ଅଭିନେତ୍ରୀ ଏବଂ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଏଆଇ ଜେନେରେଟ୍ ଫଟୋ ଓ ଭିଡ଼ିଓ ପୋଷ୍ଟ କରି ସେମାନଙ୍କ ଚରିତ୍ର ସଂହାର କରୁଥିଲା । ସେହିପରି ନିଜସ୍ୱ ଇନଷ୍ଟାଗ୍ରାମ, ଏକ୍ସ ଓ ହ୍ୱାଟ୍ସଆପ୍‌ରେ ଏହି ଆପତ୍ତିଜନକ ଅଶ୍ଳୀଳ ଭିଡ଼ିଓ ଓ ଅଡିଓ ପୋଷ୍ଟ କରୁଥିଲା । ଗତ ୧୨ ତାରିଖରେ ସେ ଏକାଧିକ ଅଶ୍ଳୀଳ ଭିଡିଓ ପୋଷ୍ଟ କରିଥିବା ବେଳେ ଏ ସମ୍ପର୍କରେ ଜଣେ ଫେସବୁକ୍ ୟୁଜର୍ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି, ଆଇଆଇସି ରଶ୍ମୀତା ଜେନା ତଦନ୍ତ ଆରମ୍ଭ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ତଦନ୍ତ ସମୟରେ ଅଭିଯୁକ୍ତକୁ ଚିହ୍ନଟ କରାଯାଇ ଆଜି ଗିରଫ କରାଯାଇଥିଲା । ଏହି ଘଟଣାର ଯେଉଁ ଆର୍ଥିକ ଦିଗ ରହିଛି, ତାହାକୁ ଠାବ କରିବା ପାଇଁ ମାମଲାର ଅଧିକ ତଦନ୍ତ ଜାରି ରହିଥିବା ସାଇବର ଥାନା ପୁଲିସ କହିଛି । ଅନ୍ୟପକ୍ଷରେ ସୋସିଆଲ୍ ମିଡ଼ିଆରେ କଣ୍ଟେଣ୍ଟ ଅପଲୋଡ୍ କରି ଅର୍ଥ ରୋଜଗାର ହୋଇ ପାରୁଥିବାରୁ କେତେକ ଖଳ ପ୍ରକୃତିର ଲୋକମାନେ ସେଲିବ୍ରେଟିଙ୍କୁ ଟାର୍ଗେଟ୍ କରୁଛନ୍ତି । କାରଣ' ସେଲିବ୍ରେଟିଙ୍କ ବିବାଦୀୟ ଫଟୋ ଓ ଭିଡ଼ିଓର ଭ୍ୟୁ'ଅଧିକ ରହିଥାଏ । ଆଗକୁ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ କହିଛନ୍ତି ।

# ଜିଲ୍ଲାସ୍ତରୀୟ କଳା ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସମଗ୍ର ଶିକ୍ଷା ଖୋର୍ଦ୍ଧା ଆନୁକୂଲ୍ୟରେ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ଖୋର୍ଦ୍ଧା ଜିଲ୍ଲାର ୧୦ ଟି ବ୍ଲକ ରୁ ମୋଟ ୨୮୬ ଜଣ ଛାତ୍ର ଛାତ୍ରୀ ମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ ଉତ୍ସବକୁ ପ୍ରଥମାର୍ଦ୍ଧରେ ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ଉଦଘାଟନ କରିଥିଲେ ତାଙ୍କ ସହିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଂଯୋଜିକା ସୁନୀତା ପଟ୍ଟନାୟକ ଓ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଉପସ୍ଥିତ ଥିଲେ। ୧୨ ଟି ବିଭାଗରେ କଳା ଉତ୍ସବ ରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ନେଇ ପ୍ରତିଯୋଗିତା କରଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନମିକା ରାୟ ଉପସ୍ଥିତ ରହି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସୋଲ ସଙ୍ଗ, ଭୋକାଲ ମ୍ୟୁଜିକ୍ ଗ୍ରୁପ, ସଙ୍ଗୀତ, ମେଲୋଡି, ପାରମ୍ପରିକ ଦଳଗତ ସଙ୍ଗୀତ, ସୋଲୋ ନାଚ, ଦଳଗତ ନୃତ୍ୟ, ଦଳଗତ ନାଟକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଆସନ୍ତା ୧୭ ତାରିଖରେ ହେବାକୁ ଥିବା ଜୋନାଲ ସ୍ତରୀୟ କଳା ଉତ୍ସବରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା ।

## ୟୁନିଟ୍-୨ ସରକାରୀ କ୍ୱାର୍ଟର୍ସରୁ ହଟିଲା ଜବରଦଖଲ

# ଦିନକରେ ୨୧ ଘର ଖାଲି, ଆଜି ଆଉ ୨

ଭୁବନେଶ୍ୱର,(ସବ୍ୟୁ): ରାଜଧାନୀରେ ପୁଣି ସରକାରୀ କ୍ୱାର୍ଟର୍ସକୁ ମାଡ଼ିବସି ବର୍ଷବର୍ଷ ଧରି ରହିଥିଲେ । ଗୋଟିଏ କି ଦୁଇଟି ନୁହେଁ, ପୁରା ୨୩ଟି କ୍ୱାର୍ଟର୍ସ ତାଲା ଭାଙ୍ଗି କ୍ୱାର୍ଟର୍ସ ରହିଥିବା ବ୍ୟକ୍ତିମାନଙ୍କୁ ବାହାର କରିଥିଲା ।

ୟୁନିଟ୍-୨ ଅଞ୍ଚଳରେ ଥିବା ୨୩ଟି ସରକାରୀ କ୍ୱାର୍ଟର୍ସକୁ ବେଆଇନ ଭାବେ ଅକ୍ତିଆର କରିଥିଲେ କିଛି ବ୍ୟକ୍ତି । ସେଗୁଡ଼ିକୁ ଆଲଟମେଣ୍ଟ ହୋଇ ନଥିବା ବେଳେ କିଛି ବ୍ୟକ୍ତି ଜୋର ଜବରଦସ୍ତ ରହିଥିଲେ । ସାଧାରଣ ପ୍ରଶାସନ ବିଭାଗ ଏ ସମ୍ପର୍କରେ ଜାଣିବା ପରେ ଆଜି (ମଙ୍ଗଳବାର) ବିଡିଏ ଏନ୍‌ଫୋର୍ସମେଣ୍ଟ ସହାୟତାରେ ଅବୈଧ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ସାଧାରଣ ପ୍ରଶାସନ ବିଭାଗର ଅଧିକାରୀମାନେ ବେଆଇନ ଜବରଦଖଲକାରୀଙ୍କୁ ବାହାର କରିବା ସହ କ୍ୱାର୍ଟର୍ସରୁ ଆସବାବପତ୍ର କାଢ଼ି ଦେଇଥିଲେ । ଦିନକରେ ୨୧ଟି କ୍ୱାର୍ଟର୍ସ ଖାଲି କରାଯାଇଥିଲାବେଳେ ବାକି ଦୁଇଟି କ୍ୱାର୍ଟର୍ସକୁ ଆସନ୍ତାକାଲି (ବୁଧବାର) ଖାଲି କରାଯିବ ବୋଲି ସୂଚନା ମିଳିଛି । ସେହିପରି ଚନ୍ଦ୍ରଶେଖରପୁରସ୍ଥିତ ଓଡ଼ିଶା ହାଉସିଂ ବୋର୍ଡ଼ ସ୍କିମ୍ ଅନ୍ତର୍ଗତ କାନନବିହାର ଫେଜ୍-୧ରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିଛି ବିଡିଏ । ଏହି ଉଚ୍ଛେଦରେ ୧୧ଟି କ୍ୟାବିନ, ୩ଟି ଟିଣ ନିର୍ମିତ ଦୋକାନ, ୩ଟି ଆଜବେଷ୍ଟସ୍ ଘର ଏବଂ ଦୁଇଟି ହୋଟେଲକୁ ଭଙ୍ଗାଯାଇଛି । ପ୍ରାୟ ୨୦୦ ଡେସିମିଲ ହାଉସିଂବୋର୍ଡ଼ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି । ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ୧ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା । ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର (ଓଏସ୍‌ଡି) ଦେବରାଜ ସେଠୀ ଓ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ ।



ଜବରଦଖଲ ମୁକ୍ତ ହେଲା ହାଉସିଂବୋର୍ଡ଼ ଜମି

# ଓଡ଼ିଶାରେ ସହରାଞ୍ଚଳ ବିକାଶ ଏବଂ ଗତିଶୀଳତା ପାଇଁ ଏଡିବି ସହିତ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଓଡିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଆଜି ସହରାଞ୍ଚଳ ବିକାଶ ଏବଂ ଗତିଶୀଳତା କ୍ଷେତ୍ରରେ ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ସହିତ ଏକ ଗଭୀର ଏବଂ ରଣନୈତିକ ସହଯୋଗ ପାଇଁ ମାର୍ଗ ଅନୁସନ୍ଧାନ କରିବା ପାଇଁ ଆଲୋଚନା କରିଛି। ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭିତ୍ତିଭୂମି ବିକାଶ, ସ୍ଥାୟୀ ଗତିଶୀଳତା ଏବଂ ସ୍ଥିର ସହରାଞ୍ଚଳ ଯୋଜନା କ୍ଷେତ୍ରରେ ସୁଦୃଢ଼ ସହଯୋଗ ମାଧ୍ୟମରେ ଓଡ଼ିଶାର ସହରୀ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଉଭୟ ପକ୍ଷ ସହରାଞ୍ଚଳ ପଦକ୍ଷେପଗୁଡ଼ିକର ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ସ୍ୱଚ୍ଛ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ତଦାରଖ, ତଥ୍ୟ-ଚାଳିତ ନିଷ୍ପତ୍ତି ଗ୍ରହଣ ଏବଂ ସମନ୍ୱିତ ପ୍ରକଳ୍ପ ପରିଚାଳନା ପାଇଁ ମିଳିତ କମିଟି ଗଠନ ଉପରେ ଆଲୋଚନା





କରିଥିଲେ। ସୌଗତ ଦାସଗୁପ୍ତା ଏବଂ ଶ୍ରୀ ଅଭିଷେକ ମୁଖାର୍ଜୀଙ୍କୁ ନେଇ ଗଠିତ ଏସୀୟ ଉନ୍ନୟନ ବ୍ୟାଙ୍କର ଏକ ପ୍ରତିନିଧିମଣ୍ଡଳୀ ଏକ ଦୀର୍ଘକାଳୀନ ସହଭାଗୀତା ପାଇଁ ଏଡିବି ର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସହରାଞ୍ଚଳ ବିକାଶ ଏବଂ ଗତିଶୀଳତା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ଭଳି ସହଯୋଗୀ କ୍ଷେତ୍ରଗୁଡ଼ିକୁ ବୈଷୟିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାର ସେମାନଙ୍କର ଉଦ୍ଦେଶ୍ୟ ପ୍ରକାଶ କରିଥିଲା, ଯାହା ଦ୍ୱାରା ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯିବ।

ଶ୍ରୀମତୀ ପାଢୀ ଓଡ଼ିଶାର ବିକାଶ ଯାତ୍ରାରେ ଏଡିବି ର ନିରନ୍ତର ଯୋଗଦାନକୁ ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ, ସ୍ଥିର ଏବଂ ଲୋକ-କୈନ୍ଦ୍ରିକ ସହର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସହରାଞ୍ଚଳରେ ଜୀବନର ଗୁଣବତ୍ତା ବୃଦ୍ଧି କରିବା ପାଇଁ ସମନ୍ୱିତ ଯୋଜନା, ନବସୃଜନ-ଚାଳିତ ଶାସନ ଏବଂ ସ୍ଥାୟୀ ସମାଧାନ ଉପରେ ବିଭାଗର ଧ୍ୟାନ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱତନ୍ତ୍ର ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ।

# ଦେଶୀ ମଦ ଜବତ ସହ ଜଣେ ଗିରଫ୍

ଚୌଦ୍ୱାର, (ସବ୍ୟୁ): ଚୌଦ୍ୱାର ଥାନା ଅନ୍ତର୍ଗତ ବିରୂପା କେନାଲ ରୋଡ଼ ନିକଟରେ ୨୫ଲିଟର ଦେଶୀ ମଦ ଜବତ ସହ ଜଣେ ଯୁବକକୁ ଗିରଫ୍ କରାଯାଇଥିବା ଜଣାପଡ଼ିଛି । ସୂଚନାଥାଉକି, ଏସ୍‌ଆଇ ସମରଜ୍ୟୋତି ବିଶ୍ୱାଳ ପାଟ୍ରୋଲିଂ କରୁଥିବା ସମୟରେ ସନ୍ତୋଷ ରଥ (୨୮) ନାମକ ଜଣେ ଯୁବକ ବିରୂପା କେନାଲ ରୋଡ଼ରେ ନିଜ ସ୍କୁଟି ଓଡ଼ି୦୫ ବିଜେଡ଼୫୮୧୪ ଯୋଗେ ଜରିପ୍ୟାକ୍ ଭର୍ତ୍ତି ୨୫ଲିଟର ଦେଶୀ ମଦ ନେଇ ଯାଉଥିବା ବେଳେ ତାକୁ ଅଟକ ରଖି ମଦ ଜବତ ସହ ସନ୍ତୋଷକୁ ଗିରଫ୍ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଚୌଦ୍ୱାର ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ମହିଳା ରେଳଯାତ୍ରୀଙ୍କ ଠାରୁ ୨୦ଲକ୍ଷର ଗହଣା ଲୁଟ୍

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ରେଳ ଷ୍ଟେସନରେ ଜଣେ ମହିଳା ରେଳଯାତ୍ରୀଙ୍କ ଠାରୁ ୨୦ଲକ୍ଷ ଟଙ୍କାର ଗହଣା ଲୁଟ୍ ହୋଇଥିବା ଜିଆରପି ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ତଦନ୍ତ କରାଯାଉଥିବା ବେଳେ କାହାରକୁ ଗିରଫ କରାଯାଇନାହିଁ । ଗଞ୍ଜାମ ଛତ୍ରପୁରର ଅମିତା ଦାସଙ୍କ ଘର । ସେ ଭୁବନେଶ୍ୱର ରେଳଷ୍ଟେସନ ପ୍ଲାଟ୍‌ଫର୍ମ-୫ରେ କୋଣାର୍କ ଏକ୍ସପ୍ରେସ୍‌ରେ ଚଢୁଥିବା ବେଳେ ତାଙ୍କୁ ଦଳେ ମହିଳା ପେଲାଠେଲା କରିଥିଲେ । କାହିଁ ପେଲାଠେଲା କରୁଛ ବୋଲି ସେ ପ୍ରତିବାଦ କରିଥିଲେ ମଧ୍ୟ ସେମାନେ ଶୁଣିନଥିଲେ ।

ଅମିତା ତାଙ୍କ ଏ-୬ରେ ବସିବା ପରେ ଦେଖିଥିଲେ ତାଙ୍କ ଭ୍ୟାନିଟ୍ ଚେନ୍ ଖୋଲା ଅଛି । ଖୋଲିଲା କାହିଁକି ବୋଲି ଜାଣିବାକୁ ଚାହିଁ ଭ୍ୟାନିଟି ଭିତରେ ଥିବା ଗୋଟିଏ ବଡପର୍ସ ଓ ତା'ଭିତରେ ଗୋଟିଏ ଛୋଟିଆ ପର୍ସ ଥିଲା ତାକୁ ଚେକ୍ କରିବା ବେଳେ ଜାଣିବାକୁ ପାଇଥିଲେ ଯେ, ଛୋଟ ପର୍ସଟି ନାହିଁ । ଯେଉଁଥିରେ ୨୦୦ଗ୍ରାମ୍ ପାଖାପାଖି ସୁନା ଅଳଙ୍କାର ଥିଲା । ନଭେମ୍ବର ମାସରେ ଝିଅ ବାହାଘର ଥିବାରୁ ବାହାଘର ପାଇଁ କିଛି ସୁନା ଅଳଙ୍କାର କିଣିଥିଲେ ଏବଂ ନିଜେ ପିନ୍ଧିବା ପାଇଁ ନିଜ ଗହଣା କିଛି ସେହି ପର୍ସରେ ରଖିଥିଲେ । ଲୁଟେରା ମହିଳାମାନେ ଟ୍ରେନ୍‌ରେ ଚଢିବା ବେଳେ ଜାଣିଜାଣି ଗହଳି କରି ପର୍ସକୁ ଲୁଟିନେଇ ଖସିଯାଇଥିଲେ । କାରଣ ସେହି ଟ୍ରେନ୍‌ରେ ସେହି ମହିଳାମାନେ ନଥିବା ସେ ଦେଖିଥିଲେ ।

ଉପାୟଶୂନ୍ୟ ହୋଇ ଜିଆରପି ଥାନାରେ ସେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ହୋଇଥିଲେ ମଧ୍ୟ ସେହି ମହିଳାଙ୍କୁ ଧରିବା କାଠିକର ପାଠ୍ । ସେମାନେ ଟ୍ରେନ୍‌ରେ ଆସି ଲୁଟ୍‌ପାଟ କରିବା ପରେ ପୁନରାୟ ଟ୍ରେନ୍ ଯୋଗେ ଖସିଯାଇଥାନ୍ତି । ଭୁବନେଶ୍ୱର ରେଳ ଷ୍ଟେସନରେ ଏହିପରି ଲୁଟ୍‌ପାଟ ହେଉଥିବା ବେଳେ କେତେକ ଘଟଣା ଅଭିଯୋଗ ହୁଏ ତ ଆଉ କେତେକ ଘଟଣାର ଯାତ୍ରୀମାନେ ଅଭିଯୋଗ କରନ୍ତି ନାହିଁ । କାରଣ ସେମାନେ ଅନ୍ୟ ରାଜ୍ୟର ହୋଇଥିବାରୁ ଅଭିଯୋଗ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ ।

### ଷଷ୍ଠ ଓଏମ୍‌ବି ବୈଠକରେ ସାମୁଦ୍ରିକ ନେତୃତ୍ୱ ଦିଗରେ ଓଡ଼ିଶା

# ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ରେ ରାଜ୍ୟ ରଣନୈତିକ ଦୃଷ୍ଟିକୋଣ ପ୍ରଦର୍ଶନ କରିବ

ଭୁବନେଶ୍ୱର, (ସବ୍ୟୁ): ଆଜି ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ସାମୁଦ୍ରିକ ବୋର୍ଡ (ଓଏମବି) ର ଷଷ୍ଠ ବୋର୍ଡ ବୈଠକରେ ଓଡ଼ିଶା ନିଜର ସାମୁଦ୍ରିକ ଐତିହ୍ୟକୁ ପୁନରୁଦ୍ଧାର କରିବା ଏବଂ ଏକ ଅଗ୍ରଣୀ ଉପକୂଳ ଅର୍ଥନୀତି ଭାବେ ଉଭା ହେବା ଲାଗି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ,; ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ହେମନ୍ତ ଶର୍ମା,;ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ମିଶ୍ରଙ୍କ ସମେତ ପୋଲିସ, ରାଜସ୍ୱ, ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ବୋର୍ଡର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଶା ଭାରତ ସାମୁଦ୍ରିକ ସପ୍ତାହ (ଆଇଏମଡବ୍ଲୁ) ୨୦୨୫ ରେ ଏକ ଅଂଶୀଦାର ରାଜ୍ୟ ଭାବରେ ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥିବାବେଳେ, ବୋର୍ଡ ପ୍ରମୁଖ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲା ଏବଂ ରାଜ୍ୟକୁ ସ୍ଥାୟୀ




ସାମୁଦ୍ରିକ ବିକାଶର ହବ୍ ଭାବରେ ଅବସ୍ଥାପିତ କରିବା ପାଇଁ ଏକ ବିସ୍ତୃତ ରୋଡମ୍ୟାପକୁ ଚୂଡ଼ାନ୍ତ କରିଥିଲା। ଧ୍ୟାନ କେନ୍ଦ୍ରିତ କ୍ଷେତ୍ରଗୁଡ଼ିକ ମଧ୍ୟରେ ରହିଛି ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଏବଂ ରପ୍ତାନୀ, ଜାହାଜ ନିର୍ମାଣ, ଜାହାଜ ମରାମତି , ରିସାଇକ୍ଲିଂ, କ୍ୟାପ୍ଟିଭ୍ ଜେଟି ବିକାଶ, ବନ୍ଦର ନେତୃତ୍ୱାଧୀନ ଶିଳ୍ପ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ଏବଂ ସାମୁଦ୍ରିକ କ୍ଷେତ୍ର ପାଇଁ ଭବିଷ୍ୟତରେ ନିର୍ମାଣ ପାଇଁ ପଦକ୍ଷେପ ଆରମ୍ଭ କରିବା କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବରେ ଏହାର ଉତ୍ଥାନ ପ୍ରଦର୍ଶନ କରିବ।

ଆଇ. ଏମ୍. ଡବ୍ଲ୍ୟୁ. ୨୦୨୫ ସମୟରେ ରାଜ୍ୟ ଆନୁଷ୍ଠାନିକ ଭାବେ ଓଡ଼ିଶା ଆଭ୍ୟନ୍ତରୀଣ ଜାହାଜ ନିୟମ, ୨୦୨୫ ଉନ୍ମୋଚନ କରିବାକୁ ଯାଉଛି, ଯାହା ଆଭ୍ୟନ୍ତରୀଣ ଜଳ ପରିବହନ ପାଇଁ ନିୟାମକ ସମର୍ଥନକୁ ସୁଦୃଢ଼ କରିବ। ଭିତ୍ତିଭୂମି ଏବଂ ପର୍ଯ୍ୟଟନକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତୀୟ ବନ୍ଦର ସଂଘ (ଆଇ. ପି. ଏ.), ପାରାଦୀପ ବନ୍ଦର ପ୍ରାଧିକରଣ (ପି. ପି. ଏ.), ଭାରତୀୟ ବନ୍ଦର ରେଳ ଏବଂ ରୋପୱେ କର୍ପୋରେସନ ଲିମିଟେଡ (ଆଇ. ପି. ଆର. ସି. ଏଲ.) ଏବଂ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇ. ଡବ୍ଲ୍ୟୁ. ଏ. ଆଇ.) ସହିତ ରଣନୈତିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ ଓ ପ୍ରାଚୀନ କଳିଙ୍ଗ ନୌ-ବାଣିଜ୍ୟ ଦକ୍ଷତା ଠାରୁ ଆରମ୍ଭ କରି ଆଧୁନିକ ସାମୁଦ୍ରିକ ମହତ୍ୱାକାଂକ୍ଷା ପର୍ଯ୍ୟନ୍ତ ଓଡ଼ିଶାର ସାମୁଦ୍ରିକ ଯାତ୍ରାକୁ ପାଳନ କରୁଥିବା ଏକ କଫି ଟେବୁଲ୍ ବୁକ୍, ସମନ୍ୱିତ ସାମୁଦ୍ରିକ ବିକାଶ ପାଇଁ ଦୀର୍ଘକାଳୀନ ଦୃଷ୍ଟିକୋଣକୁ ରେଖାଙ୍କିତ କରି ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା (ଓଏମପିପି) ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରାଯିବା ନିମନ୍ତେ ସ୍ଥିର କରାଯାଇଛି ଓ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରି କହିଥିଲେ ଯେ ସମୃଦ୍ଧ ସାମୁଦ୍ରିକ ଇତିହାସ ଏବଂ ୪୮୦ କିଲୋମିଟର ଦୀର୍ଘ ଉପକୂଳ ସହିତ ଓଡ଼ିଶା ଏକ ଜାତୀୟ ଏବଂ ବୈଶ୍ୱିକ ସାମୁଦ୍ରିକ ନେତା ହେବା ପାଇଁ ରଣନୈତିକ ସ୍ଥିତିରେ ରହିଛି। ସମାବେଶୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ସାମୁଦ୍ରିକ ବାଣିଜ୍ୟରେ ରାଜ୍ୟର ଐତିହାସିକ ପ୍ରାଧାନ୍ୟକୁ ପୁନର୍ଜୀବିତ କରିବା ପାଇଁ ସ୍ଥାୟୀ, ପ୍ରଯୁକ୍ତି ପରିଚାଳିତ ପଦକ୍ଷେପର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉଭୟ ରାଜ୍ୟ ଏବଂ ଜାତୀୟ ସାମୁଦ୍ରିକ ଉଦ୍ଦେଶ୍ୟ ସହିତ ତାଳ ଦେଇ ଚାଲୁଥିବା ଏବଂ ନୂତନ ପଦକ୍ଷେପର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ମିଶନ ମୋଡରେ କାର୍ଯ୍ୟ କରିବାକୁ ବୋର୍ଡ ସଂକଳ୍ପ ନେଇଛି।

### ଡିଏ ଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ଉଦ୍ୟୋଗପତି କ୍ୟାରିଅର ଶୀର୍ଷକ କାଉନ୍‌ସେଲିଂ ସେସନ୍

# ଧୈର୍ଯ୍ୟ, ନିଷ୍ଠା, ଉତ୍ତମ ସମ୍ପର୍କ ହିଁ ଉଦ୍ୟୋଗପତୀ ସୃଷ୍ଟି କରେ: ସୁଶାନ୍ତ ପଣ୍ଡା

କଟକ, (ସବ୍ୟୁ): ପିଲାଙ୍କୁ ଡ଼ାକ୍ତର ,ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ ଭାବେ ଦେଖିବା ପାଇଁ ସବୁ ବାପା ମାଆ ମନରେ ଆଶା ରଖିଥାନ୍ତି। ଇଂଜିନିୟର ହେବା ନିଶାକୁ ପରିତ୍ୟାଗ କରି ଭଲ ଉଦ୍ୟୋଗୀପତି ହେବାକୁ କଟକ ଡିଏଭି ଏସିବି ମେଡିକାଲ ପବ୍ଲିକ ସ୍କୁଲରେ ଉଦ୍ୟୋଗପତି ଯାହା ତାଙ୍କ ନିଜ ଜୀବନଯାତ୍ରା ର ସଂଘର୍ଷମୟ ଅନୁଭୂତିକୁ ଏବେବି ଜୀବନ୍ତ ରଖିଛି ବୋଲି ଛାତ୍ର ଛାତ୍ରୀ ମାନଙ୍କ ସହ ବିଭିନ୍ନ ପ୍ରଶ୍ନର ଉତ୍ତର




ପିଲାଟି ମଧ୍ୟ ସେହି ଚିନ୍ତାଧାରାକୁ ସାକାର କରିବାପାଇଁ ଲାଗି ପଡେ। ତେବେ ସବୁପିଲା କଣ ଏଥିରେ ସଫଳ ହୁଅନ୍ତି? ସଫଳତା ପାଇ ନ ଥିବା ପିଲାଟି ଭାଙ୍ଗିପଡେ। ଜୀବନ ସାରା ସେ କେବଳ ଆତ୍ମଗ୍ଲାନିରେ ଧନ୍ଦି ହୋଇଯାଏ। ତେଣୁ ଚାକିରୀ ପଛରେ ନ ଧାଇଁ ଚାକିରୀ ସୃଷ୍ଟି କର। ତେବେ ଯାଇ ଆମର ହେବ ଅର୍ଥନୈତିକ ପ୍ରଗତି।ଡାକ୍ତର, ଉପରେ ହୋଇଥିବା କ୍ୟାରିଅର କାଉନ୍ସେଲିଂ କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ଶିଳ୍ପପତି ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଉପସ୍ଥିତ ୫ଶହରୁ ଉର୍ଦ୍ଧ ବିଦ୍ୟାର୍ଥୀ ମାନଙ୍କୁ କହିଛନ୍ତି। ସଫଳ ଉଦ୍ୟୋଗୀ ହେବା ପାଇଁ ଧନ ବାଧକ ସାଜେନି , ଆବଶ୍ୟକ ପଡେ ଧୈର୍ଯ୍ୟ, ନିଷ୍ଠା, ଦୃଢ଼ ସଙ୍କଳ୍ପ ଏବଂ ଉତ୍ତମ ସମ୍ପର୍କ। ଦେବା ଅବସରରେ ସେ କହିଥିଲେ। ତେଣୁ ଆଗାମୀଦିନରେ ଜଣେ ଭଲ ଉଦ୍ୟୋଗପତି ଟିଏ ହେବାକୁ ଶ୍ରୀ ପଣ୍ଡା ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସେସନରେ ସ୍କୁଲ ମ୍ୟାନେଜିଙ୍ଗ କମିଟିର ଅଧ୍ୟକ୍ଷ ରବିନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ସେସନ ଶେଷରେ ସ୍କୁଲର ପ୍ରିନ୍ସପାଲ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବାଇକ ଚାଳକଙ୍କ ବେକରେ ବ୍ଲେଡ ଲଗାଇ ଦୁର୍ବୃତ୍ତ ଲୁଟି ନେଲେ ଟଙ୍କା

ବେତନଟୀ, (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ୧୮ ନଂ ଜାତୀୟ ରାଜପଥରେ ବାରିପଦାରୁ ବୈଶିଙ୍ଗା ଅଭିମୁଖେ ଘରକୁ ଫେରୁଥିବା ଜନୈକ ବାଇକ ଚାଳକଙ୍କୁ କୃଷ୍ଣଚନ୍ଦ୍ରପୁର ସେଣ୍ଟ୍ରାଲ ନର୍ସରୀ ନିକଟରେ ଦୁଇଟି ବାଇକରେ ଆସି ୫ଜଣ ଯୁବକ ଅଟକାଇବା ସହିତ ବେକରେ ବ୍ଲେଡ ଲଗାଇ କେନାଲ ରାସ୍ତାକୁ ନେଇ ସେଠାରୁ ଟଙ୍କା ଲୁଟିନେବା ଘଟଣାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ । ଏତଲାକାରୀ ବୈଶିଙ୍ଗା ଥାନା ଅଧୀନ ପାଇକଯୁଗୁପୁରା ଗ୍ରାମର ଉମାକାନ୍ତ ପାତ୍ରଙ୍କ ପୁଅ କାର୍ତ୍ତିକଚନ୍ଦ୍ର ପାତ୍ରଙ୍କ ଅଭିଯୋଗ ମୁତାବକ ସେ ନିଜର ଝିଅକୁ ବାରିପଦାରେ ହଷ୍ଟେଲରେ ଛାଡି ଘରକୁ ଫେରୁଥିବା ବେଳେ କୃଷ୍ଣଚନ୍ଦ୍ରପୁର ସେଣ୍ଟ୍ରାଲ ନର୍ସରୀ ଠାରେ ୫ଜଣ ଯୁବକ ଏକ ପଲସର ଏବଂ ଆପାଚେ ବାଇକଯୋଗେ ଆସି ହଠାତ୍ ତାଙ୍କୁ ଅଟକାଇଥିଲେ । କାର୍ତ୍ତିକ କିଛି ବୁଝିବା ପୂର୍ବରୁ ତାଙ୍କ ଙ୍କ ବେକରେ ଧାରୁଆ ବ୍ଲେଡ ଲଗାଇ ସଙ୍ଗେସଙ୍ଗେ ତାଙ୍କର ବାଇକ ସମେତ ତାଙ୍କୁ ଟେକିନେଇ କେନାଲ ରାସ୍ତାକୁ ପଳାଇଥିଲେ । ସେଠାରେ ୯ହଜାର ୮ଶହ ଟଙ୍କା ଲୁଟିନେବା ସହିତ ପୁଲିସ ନିକଟରେ ଅଭିଯୋଗ ନକରିବାକୁ ଧମକ ଚମକ ଦେଇଥିଲେ । ଏନେଇ ସୋମବାର ରାତିରେ କାର୍ତ୍ତିକ ଚନ୍ଦ୍ରଙ୍କ ଏତଲାମୂଳେ ମୂଳେ ବେତନଟୀ ପୁଲିସ ୩୬୬/୨୫ ନମ୍ବରରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ନେଇ ବିଜେପି ମହିଳା ମୋର୍ଚ୍ଚାର ପ୍ରତିବାଦ ସଭା

କଟକ, (ସବ୍ୟୁ):ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ଦ୍ୱାରା ସାମୁହିକ ଗଣବଳାତ୍କାର ଏବେ ଦେଶରେ ଗମ୍ଭୀର ସ୍ଥିତି ଉପୁଜାଇଛି । ସାରା ଭାରତବର୍ଷରେ ଭାରତୀୟ ଜନତା ପାର୍ଟିର ମହିଳା ମୋର୍ଚ୍ଚା ଏହାକୁ ନେଇ ପ୍ରତିବାଦ କରୁଥିବାବେଳେ ମମତା ବାନାର୍ଜୀଙ୍କ ମନ୍ତବ୍ୟ ଏହାକୁ ଆହୁରୀ ଚିନ୍ତାଜନକ କରିଛି । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟିଥିବା ଘଟଣାରେ ନିଜର ମନ୍ତବ୍ୟ ରଖି କହିଛନ୍ତି ଯେ ମହିଳାମାନେ ରାତିରେ ଘରୁ ବାହାରିବା ଅନୁଚିତ । ମମତାଙ୍କ ମନ୍ତବ୍ୟ ଲଜ୍ୟାଜନକ ଏବଂ ମହିଳା ବିରୋଧି ପରୋକ୍ଷରେ ବଳାତ୍କାରୀଙ୍କୁ ମମତା ସୁରକ୍ଷା ଦେଉଥିବା ସହ ପଶ୍ଚିମବଙ୍ଗରେ ଆଇନ୍ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପଦ ବୋଲି ବରିଷ୍ଠ ବିଜେପି ନେତ୍ରୀ ବାଂସୁରୀ ସ୍ୱରାଜ କହିଛନ୍ତି । ଏହି ମନ୍ତବ୍ୟକୁ ନେଇ ସାରା ଦେଶରେ ପ୍ରତିବାଦ ହୋଇଥିବାବେଳେ ଆଜି କଟକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ପ୍ରବିଣା ମହାପାତ୍ରଙ୍କ ନେତୃତ୍ୱରେ କଟକ ବାଦାମବାଡ଼ି ଛକରେ ଏକ ପ୍ରତିବାଦ ସଭା ହେବା ସହିତ ମମତା ବାନାର୍ଜୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳାମୋର୍ଚ୍ଚା ସାଧାରଣ ସଂପାଦିକା ମଧୁସ୍ମିତା ପ୍ରଧାନ ସଂଚଳାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ରଶ୍ମିରେଖା ଦାସ, ଗୀତା ଦାସ, ପୂର୍ଣ୍ଣବାସୀ ମହାପାତ୍ର, ରଞ୍ଜିତା ନାୟକ, କଳ୍ପନା ବେହେରା, ମାମିନା ମହାନ୍ତି, ଦିପ୍ତୀ ସ୍ୱାଇଁ, ସଂଯୁକ୍ତା ମିଶ୍ର, ମିଳନ ରାଉତରାୟ, ଅଳକା ମହାନ୍ତି, ସବିତା ବେହେରା, ସୁମିତ୍ରା ଦେବତା, ସ୍ୱର୍ଣ୍ଣଲତା ସେଠୀ, ପୁଷ୍ପଲତା ଲେଙ୍କା, ମମତା ଚୌଧୁରୀ, କଲ୍ୟାଣୀ ମାହାଲା, ସଂଯୁକ୍ତା ବିଶ୍ୱାଳ, ସବିତା ଦାସ, ଅମ୍ବିକା ଦାସ, ନମିତା ମିଶ୍ର, ସ୍ନେହାମଞ୍ଜରୀ ମହାନ୍ତି, ପ୍ରତିମା ସ୍ୱାଇଁ, ରୀତା ମହାପାତ୍ର, ସସ୍ମିତା ମହାପାତ୍ର, ଶୁଭଶ୍ରୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଆରାଧ୍ୟା ମହିଳା ସମିତିର ଆଧ୍ୟାତ୍ମିକ ସଭା



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ବିଶୁଦ୍ଧାନନ୍ଦ ନଗର ଓ ଝରଣା ବିହାର ସ୍ଥିତ ଆରାଧ୍ୟା ମହିଳା ସମିତି ଆନୁକୂଲ୍ୟରେ ଆଧ୍ୟାତ୍ମିକ ଚେତନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱନାମଧ୍ୟାନ ପ୍ରବଚିକାତକ୍ଷ ବ୍ରହ୍ମାକୁମାରୀ ଦୁର୍ଗେଶ ନନ୍ଦିନୀ ଯୋଗଦେଇ ମହିଳା ମାନେ କିପରି ସ୍ୱାଭାଲମ୍ବୀ ହୋଇ ସମାଜରେ ନିଜର ଏକ ପରିଚୟ ସୃଷ୍ଟି କରିପାରିବେ ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ. ପିଲାର ପ୍ରଥମ ଗୁରୁ ହେଲେ ମା, ପ୍ରତେକ କ୍ଷେତ୍ରରେ ନାରୀମାନଙ୍କୁ ସରକାର ମଧ୍ୟ ପ୍ରୋତ୍ସାହନ ଦେଇ ଆସୁଛନ୍ତି, ନାରୀ ଶକ୍ତି ଏକ ଜ୍ୱଳନ୍ତ ଉଦାହରଣ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ. ସମଗ୍ର ବିଶ୍ୱକୁ ସତ ରାସ୍ତାରେ ଓ ଜ୍ଞାନ ମାର୍ଗରେ ଯିବାପାଇଁ ବ୍ରହ୍ମାକୁମାରୀ ଭଉଣୀ ମାନେ ବିଶ୍ୱର ୨୦୦ଦେଶରେ ନିଜର ଉପସ୍ଥିତି ପ୍ରତିପାଦନ କରିଛନ୍ତି। ମାନବ ସେବା ହିଁ ଈଶ୍ୱର ସେବା ଏହି ମାର୍ଗରେ ଚାଲି ଦିନ. ଦରିଦ୍ର ଓ ଦୁଖୀମାନଙ୍କର ସେବା କରିବାକୁ ପ୍ରବତାଇଥିଲ । ପ୍ରାରମ୍ଭରେ ବ୍ରହ୍ମାକୁମାରୀ ଦୁର୍ଗେଶ ନନ୍ଦିନୀ ଓ ବ୍ରହ୍ମାକୁମାରୀ ସାଗରୀକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସେମାନେ ଓଁ ଶାନ୍ତି ର ଏକ ଫୋଟୋଚିତ୍ର ଆରାଧ୍ୟା ମହିଳା ସମିତିକୁ ପ୍ରଦାନ କରିଥିଲେ.ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଶ୍ରୋତା ଯୋଗଦେଇଥିଲେ । ଏଥିରେ ସମିତି ସଭାପତି ଶ୍ରୀମତୀ ମିନା କୁମାରୀ ପ୍ରଧାନ ଅ ତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଉପ ସଭାପତି ପୁଷ୍ପଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ. ମାନି ଦାଶ ସଂଖ୍ୟପରେ ମହିଳା ସମିତିର ଭବିଷ୍ୟତ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ସଦସ୍ୟା ମମତା ସାହୁ, ଭାରତୀ ମିଶ୍ର, ସ୍ୱର୍ଣ୍ଣଲତା ସାହୁ, ଜାନଭି ମାଝୀ, ମିନତୀ ସାହୁ, ବିନୋଦିନୀ ସାହୁ, ସୁମିତ୍ରା ବାରିକ, ଅନିତା ଭଞ୍ଜ ଓ ସୂଦୀପ୍ତା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଅଖିଳ ଭାରତୀୟ ଗ୍ରାହକ ପ୍ରଞ୍ଚାୟତ ଓଡିଶା ପୂର୍ବ ପ୍ରାନ୍ତ ଓ ଜିଲ୍ଲା ପରିଚୟ ବର୍ଗ ବୈଠକ

ଭୁବନେଶ୍ୱର (ସବ୍ୟୁ) : ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପୂର୍ବ ପ୍ରାନ୍ତ ଓ ଜିଲ୍ଲା ପରିଚୟ ବର୍ଗ ବୈଠକ ବଡ଼ବଡ଼ ବ୍ରିଟ୍ କଲୋନୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ୧୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଦିନକର ସବନୀସ ଯୋଗ ଦେଇଥିଲେ। ଅନ୍ୟ କାର୍ଯ୍ୟକର୍ତ୍ତା ମାନଙ୍କ ମଧ୍ୟରେ ରାମଚନ୍ଦ୍ର ସ୍ୱାଇଁ, ପୂର୍ବ କ୍ଷେତ୍ର ସଂଗଠନ ମନ୍ତ୍ରୀ, ମହେନ୍ଦ୍ର କୁମାର ପ୍ରଧାନ, ଉପସଭାପତି ଓଡିଶା ପୂର୍ବପ୍ରାନ୍ତ,ଦୀପକ ମହାନ୍ତି, କେନ୍ଦ୍ରୀୟ ପ୍ରଭାରୀ ଓଡିଶା ପୂର୍ବ, ବଦ୍ରିନାରାୟଣ ମହାରଣା, ପୂର୍ବ କ୍ଷେତ୍ର ସହ ସଂଗଠନ ମନ୍ତ୍ରୀ, ସୁଦର୍ଶନ ଦାସ ସହ ପ୍ରାନ୍ତ କାର୍ଯ୍ୟବାହ ଆରଏସ୍‌ଏସ୍ ପାଳକ, ଅଭୟ ଅନିର୍ବାଣ ସମ୍ପାଦକ ପୂର୍ବ ପ୍ରାନ୍ତ,ସ୍ନେହାଂଶୁ ପଟ୍ଟନାୟକ, ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ,ଅଜୟ କୁମାର ଚୌଧୁରୀ, ଭୁବନେଶ୍ୱର ମହାନଗର ସଭାପତି,ଉଜ୍ଜ୍ୱଳ ପଣ୍ଡା, ସମ୍ପାଦକ ଭୁବନେଶ୍ୱର ମହାନଗର ବିଧୁ ଭୂଷଣ ନାୟକ ମହାନଗର




ପ୍ରଭାରୀ ତଥା କୋଷାଧ୍ୟକ୍ଷ, ଓ ସସ୍ମିତା ମଙ୍ଗରାଜ, ମହିଳା ପ୍ରମୁଖ ଭୁବନେଶ୍ୱର ମହାନଗର ଯୋଗ ଦେଇଥିଲେ। ଗ୍ରାହକ ମାନଙ୍କର ଅଧିକାରକୁ ସମାଜ ର ସମସ୍ତ ବର୍ଗ ମାନଙ୍କ ମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟ ନେଇ କାର୍ଯ୍ୟ କରିବା ସହିତ ଆଇନ ଗତ ସହଯୋଗ ଦେବାକୁ ଏହି ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନେ ଆଲୋଚନା କରିଥିଲେ। ଏହି କ୍ରମରେ ସମସ୍ତ ଜିଲ୍ଲାରେ ଏକ ଦେୟମୁକ୍ତ ଗ୍ରାହକ ମାର୍ଗଦର୍ଶନ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା।

ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ ଗ୍ରାହକ ମାନଙ୍କୁ ବିଭିନ୍ନ ପ୍ରକାର ର ଶୋଷଣ ର ସାମ୍ନା କରିବାକୁ ପଡୁଛି ବୋଲି ଅଭିଯୋଗ ଆସୁଛି। କିପରି ଏକ ଶୋଷଣ ମୁକ୍ତ ସମାଜ ଗଠନ କରାଯାଇପାରିବ ଓ ପ୍ରତ୍ୟକ ଗ୍ରାହକ କିପରି ଶୋଷଣ ମୁକ୍ତ ହେବେ ସେ ଦିଗରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା। ତତସହିତ ପ୍ରତ୍ୟକ ସ୍କୁଲ କଲେଜ ରେ ଗ୍ରାହକ ସଚେତନତା ଶିବିର ମାନ ଆୟୋଜନ କରାଇ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଇବା ସହ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସମାଜକୁ ଶୋଷଣ ମୁକ୍ତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଶେଷ କରି ଶତାଧିକ ମହିଳା ମାନେ ଏହି ବୈଠକରେ ଉପସ୍ଥିତ ରହିଥିଲେ, ସମାଜ କୁ ସଂସ୍କାର ଆଣିବା ଦିଗରେ ମାଆ ମାନଙ୍କର ତଥା ସମଗ୍ର ମହିଳା ମାନଙ୍କର ଭୂମିକା ଅତି ଗୁରୁତ୍ୱ ପୂର୍ଣ୍ଣ । ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ମହାନଗର ର ୨୨ ଟି ୱାର୍ଡ ର କମିଟି ଗଠନ କରି ପ୍ରମୁଖ ସଦସ୍ୟ ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଆଗାମୀ ଦିନରେ ଅନ୍ୟ ୱାର୍ଡ ଗୁଡିକରେ ମଧ୍ୟ କମିଟି ଗଠନ କରାଯିବ ବୋଲି ସଂଗଠନ ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି । ଏହି ୱାର୍ଡ ର ପ୍ରମୁଖ ମାନେ ସାଧାରଣ ଲୋକଙ୍କୁ ଗ୍ରାହକ ସମ୍ବନ୍ଧୀୟ ସଚେତନତା ଓ ନାଗରିକ ଅଧିକାର ସୁରକ୍ଷା ବିଷୟରେ ସଚେତନ କରାଇବା ପାଇଁ ଦୃଢ଼ ନିଷ୍ପତି ନେଇଛନ୍ତି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି କାର୍ଯ୍ୟକର୍ତ୍ତାମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ ବିଷୟରେ ସାଧାରଣ ଲୋକଙ୍କ ପାଖରେ ପହଂଚାଇବା ପାଇଁ ଆହ୍ୱାନ ଦେଇଛନ୍ତି ଏବଂ ଏକ ଶୋଷଣ ମୁକ୍ତ ସମାଜ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ସଂକଳ୍ପ ନେବାକୁ କହିଛନ୍ତି।

# ସେନା ନିଯୁକ୍ତି କାର୍ଯ୍ୟାଳୟ, କଟକ ପକ୍ଷରୁ ଅଗ୍ନିପଥ ଯୋଜନା ପାଇଁ ନିଯୁକ୍ତି ରାଲି

କଟକ , (ସବ୍ୟୁ):କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲା ପାଇଁ ଅଗ୍ନିପଥ ଯୋଜନା ଅଧୀନରେ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପାଇଁ ସେନା ନିଯୁକ୍ତି ରାଲି ୨୨ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱର (ଓଡିଶା)ର ସୈନିକ ସ୍କୁଲରେ ଅନୁଷ୍ଠିତ ହେବ । ନିଯୁକ୍ତି ରାଲି ସମୟରେ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷା (CEE)ରୁ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରୀରିକ ସୁସ୍ଥତା ପରୀକ୍ଷା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି । ପ୍ରାର୍ଥୀଙ୍କ ପ୍ରବେଶ ପତ୍ର ପୂର୍ବରୁ ସେମାନଙ୍କର ପଞ୍ଜିକୃତ ଇମେଲ୍ ଆଇଡିକୁ ପଠାଯାଇଛି। ପ୍ରାର୍ଥୀମାନେ ଭାରତୀୟ ସେନାରେ ଯୋଗ ଦିଅନ୍ତୁ ୱେବସାଇଟ୍ www.joinindianarmy.nic.inରେ ସେମାନଙ୍କର ପ୍ରୋଫାଇଲ୍‌ରେ ଲଗ୍ ଇନ୍ କରି ନିଯୁକ୍ତି ରାଲି ପାଇଁ ସେମାନଙ୍କର ପ୍ରବେଶ ପତ୍ର ଡାଉନଲୋଡ୍ କରିପାରିବେ । ଯେକୌଣସି ପ୍ରଶ୍ନ ପାଇଁ, ପ୍ରାର୍ଥୀମାନେ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ ନମ୍ବର ୦୬୭୧୨୩୦୫୨୮୦, ୯୪୩୭୧୬୨୨୮୦ ରେ ଯୋଗାଯୋଗ କରିପାରିବେ । ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କର ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ନକରିବାକୁ ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ସେମାନେ ଟାଉଟ୍ / ଏଜେଣ୍ଟଙ୍କ ଘୃଣ୍ୟ କାର୍ଯ୍ୟକଳାପର ଶିକାର ନହୁଅନ୍ତି। ଏପରି ଯେକୌଣସି ଘଟଣା ଘଟିଲେ ତୁରନ୍ତ ସ୍ଥାନୀୟ ପୋଲିସ ଏବଂ କଟକର ସେନା ନିଯୁକ୍ତ କାର୍ଯ୍ୟାଳୟର ନିଯୁକ୍ତ କର୍ମଚାରୀଙ୍କୁ ରିପୋର୍ଟ କରାଯିବା ଉଚିତ। ସ୍ଥାନୀୟ ପୋଲିସ ଏବଂ ସିଭିଲ୍ ପ୍ରଶାସନ ମାଧ୍ୟମରେ ନିଯୁକ୍ତି ରାଲି ସମ ସମୟରେ ଏପରି ଟାଉଟ୍ / ଏଜେଣ୍ଟ ଏବଂ ଅପବ୍ୟବହାରକୁ ଗିରଫ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି ।

# ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସତର୍କତା ଓ ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସରେ ସତର୍କତା ଓ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଜନତାଙ୍କୁ ସୁରକ୍ଷିତ ଆର୍ଥିକ ଅଭ୍ୟାସ ସମ୍ପର୍କରେ ଅବଗତ କରାଇବା, ଅନ୍‌ଲାଇନ୍ ଠକେଇକୁ ରୋକିବା ଏବଂ ବ୍ୟାଙ୍କିଙ୍ଗ୍‌ରେ ସଚ୍ଚୋଟତା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଏଥିରେ ଡେରିକି (ଜଗତ୍‌ସିଂହପୁର), ଜଗତ୍‌ସିଂହପୁର, ବରିମୁଣ୍ଡ (ଭୁବନେଶ୍ୱର), କେନ୍ଦୁପଲ୍ଲୀ (ଖୋର୍ଦ୍ଧା) ଏବଂ ଗୋଡିପଡା (ନୟାଗଡ) ଆଦି ଶାଖା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡେରିକି (ଜଗତ୍‌ସିଂହପୁର) ଶାଖା ପ୍ରବନ୍ଧକ ମନୋରଞ୍ଜନ ବେହେରା, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଦିବ୍ୟରାଜ, ଜଗତ୍‌ସିଂହପୁର ଶାଖା ପ୍ରବନ୍ଧକ ହିମାଂଶୁ ଶେଖର ପାଣିଗ୍ରାହୀ, ବରିମୁଣ୍ଡ (ଭୁବନେଶ୍ୱର) ଶାଖା ପ୍ରବନ୍ଧକ ଦେବଶ୍ରୀ ବରାଇ, କେନ୍ଦୁପଲ୍ଲୀ (ଖୋର୍ଦ୍ଧା) ଶାଖା ପ୍ରବନ୍ଧକ ଚିନ୍ତାମଣୀ ବେହେରା ଏବଂ ଗୋଡିପଡା (ନୟାଗଡ) ଶାଖା ପ୍ରବନ୍ଧକ ଜ୍ଞାନରଞ୍ଜନ ସାହୁ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସତର୍କତା ଅଧିକାରୀ ନିରଜ କୁମାର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପୋଷଣ ମାସ -୨୦୨୫

ଖୋର୍ଦ୍ଧା, (ସବ୍ୟୁ): ଗତ ସେପ୍ଟେମ୍ବର ୧୭ ତାରିଖରୁ ବିଭିନ୍ନ ବ୍ଲକ, ଅଙ୍ଗନୱାଡ଼ି କେନ୍ଦ୍ର, ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦମାନଙ୍କରେ ପାଳନ କରାଯାଇ ଆସୁଥିବା ପୋଷଣ ମାସ -୨୦୨୫ ଉପଲକ୍ଷେ ଆଜି ଏକ ସାଧାରଣ ସଭା ଓ ବିଭିନ୍ନ ପୁଷ୍ଟିକର ଓ ପୋଷଣ ଖାଦ୍ୟ ପ୍ରଦର୍ଶନୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ପୂର୍ବାହ୍ନରେ ଜିଲ୍ଲାସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବାସହ ବିଭିନ୍ନ ମାହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ମା, ସୁଭଦ୍ରା ମା ମାନଙ୍କ ଦ୍ୱାରା ପ୍ରସ୍ତୁତ ଉଚ୍ଚ କୋଟୀର ପୋଷଣ ଓ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖିବାସହ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ନିଜ ଅଭିଭାଷଣରେ କାହିଲେଯେ ପୋଷଣ ମାସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ମହତ କାର୍ଯ୍ୟକ୍ରମ ଓ ଯୋଜନା ହୋଇଥିବା ବେଳେ ଜିଲ୍ଲାର ସମସ୍ତ ଶିଶୁ, ମାତୃ ଓ କିଶୋରୀ ମାନଙ୍କ ପୁଷ୍ଟିକର ଖାଦ୍ୟ ଖାଇବାର ଆବଶ୍ୟକତାକୁ ପ୍ରୋତ୍ସାହନ ଦେବା ସହ ପୁଷ୍ଟି ହୀନତା ଦୁରକରିବା ଓ ବ୍ୟାପକ ଜନସଚେତନତା ସୃଷ୍ଟି କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଡାକ୍ତର ଇନ୍ଦିରା ରଥ, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାସ, ଅନୁପମା ଭୋଇ, ଦେବକୀ ସାହୁ, ନଳିନୀ ଗିରୀ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ପୋଷଣ ମାସର ସଫଳତା, ଆବଶ୍ୟକତା ଓ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ସିଡିପିଓ, ଅଙ୍ଗନୱାଡ଼ି ପରିଚାଳିକା, ଆଶା କର୍ମୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଜିଲ୍ଲାସମାଜ କଲ୍ୟାଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

# କୃଷି ମହାବିଦ୍ୟାଳୟର ସ୍ୱତନ୍ତ୍ର ଏନଏସ୍‌ଏସ୍ ଶିବିର ଉଦଘାଟିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ମହାବିଦ୍ୟାଳୟ ପକ୍ଷରୁ ଏନଏସ୍‌ଏସ୍‌ର ଏକ ୭-ଦିନିଆ ସ୍ୱତନ୍ତ୍ର ଶିବିର ଶୁକ୍ରବାର ସରଦେଇପୁର ଗ୍ରାମରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଶିବିରରେ ଏନ୍‌ଏସ୍‌ଏସ୍‌ର ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡଃ ରମେଶ ଚନ୍ଦ୍ର ବେହେରା, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏନଏସଏସ୍ ସଂଯୋଜକ ଡଃ କମଳ ଲୋଚନ ମହନ୍ତ, କୃଷି ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ସରୋଜ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

ଏହି କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ଶତାଧିକ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ସତ୍ୟନାରାୟଣ ଶତପଥି ଓ ଡଃ ଶ୍ୱେତା ରଥଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରିଥିଲେ। ଏହି ଶିବିରରେ ସ୍ୱଚ୍ଛତା ଅଭିଯାନ, ସଚେତନତା ରାଲି, ସ୍ୱାସ୍ଥ୍ୟ ପରୀକ୍ଷା, ବୃକ୍ଷ ରୋପଣ ଅଭିଯାନ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ସମ୍ମିଳିତ ରହିଛି। ଏଥିରେ ଅନ୍ୟ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନେହା ପ୍ରଧାନ ଓ ଡ଼ଃ ନିତିଶି କୁମାର ଜେନା ଯୋଗ ଦେଇଥିଲେ। ପ୍ରାୟ ୧୦୦ ଜଣ ଏନଏସ୍‌ଏସ୍‌ର ସ୍ୱେଚ୍ଛାସେବକ ଏଥିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ଜାତୀୟ



ସେବା ଯୋଜନାର ମନ୍ତ୍ରକୁ ପାଳନ କରିବାର ଶପଥ ନେଇଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମର ଶେଷରେ ଏନଏସ୍‌ଏସ୍‌ର ସ୍ୱେଚ୍ଛାସେବକ ମାନଙ୍କ ଦ୍ୱାରା ଦୁଇଟି ରାଲି ଆୟୋଜିତ ହୋଇଥିଲା। ଏଥି ମଧ୍ୟରୁ ଗୋଟିଏ ମାଦକ ଦ୍ରବ୍ୟ ବିରୋଧୀ ସଚେତନତା ନିମନ୍ତେ ରାଲି ଓ ଅନ୍ୟଟି ଗାଁ ସର୍ବେକ୍ଷଣ।

ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ବୁଧବାର, ୧୫ ଅକ୍ଟୋବର ୨୦୨୫
29th ANNIVERSARY


# ଡ. ଏପିଜେ ଅବଦୁଲ କାଲାମଙ୍କ ଜୟନ୍ତୀରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣଙ୍କ କଳା କୃତି




ବ୍ରହ୍ମପୁର, (ସବ୍ୟୁ): ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କାଲାମଙ୍କ ଜୟନ୍ତୀ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ବାଲୁକା କଳା କୃତି ଗୋପାଳପୁର ବେଳାଭୂମିରେ ତିଆରି କରିଛନ୍ତି । ଯାହାର ଉଚ୍ଚତା ୬ ଫୁଟ ୬ ଇଞ୍ଚି ଓ ଓସାର ୮ ଫୁଟ ରହିଛି । ଏହାକୁ କରିବାକୁ ସତ୍ୟଙ୍କୁ ୩ ଘଣ୍ଟା ସମୟ ଲାଗିଥିଲା ।

# ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଧାରଣା ଓ ବିକ୍ଷୋଭ



ବ୍ରହ୍ମପୁର, (ସବ୍ୟୁ): ମଙ୍ଗଳବାର ସ୍ଥାନୀୟ ଗାନ୍ଧୀ ନଗର ସ୍ଥିତ ମାହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ବିକ୍ଷୋଭ କରାଯାଇଛି । ରାଜ୍ୟରେ, ଗଞ୍ଜାମ ଜିଲ୍ଲା ଓ ବ୍ରହ୍ମପୁର ସହରରେ ବୃଦ୍ଧି ପାଉଥିବା ଅସହ୍ୟ ଆଇନ ଶୃଙ୍ଖଳା ପରିସ୍ଥିତି ବିରୋଧରେ ରାଜ୍ୟ କଂଗ୍ରେସ ଆହ୍ୱାନ କ୍ରମେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ତରଫରୁ ଶାନ୍ତି ପୂର୍ଣ୍ଣ ଭାବରେ ଏକ ପ୍ରତିବାଦ ଓ ଧାରଣା ଦିଆଯାଇଥିଲା । ରାଜ୍ୟରେ ପୋଲିସ ଏସଆଇ ପରିକ୍ଷାରେ ଲିକ, ୨ ଦୁର୍ଦାନ୍ତ ଅପରାଧି ଜେଲରୁ ଫେରାର, ଭଦ୍ରକରେ ମାନସିକ ବିକାର ଗ୍ରସ୍ତ ମହିଳାଙ୍କୁ ବଳାତ୍କାର, ବାଲେଶ୍ୱରରେ ରାତ୍ରି କାଳିନ କର୍ଫ୍ୟୁ, ବ୍ରହ୍ମପୁର ରେ ଆଇନଜୀବୀ ତଥା ବିଜେପି ନେତା ପିତବାସ ପଣ୍ଡାଙ୍କ ହତ୍ୟା, ପିପିଲିରେ ବସ ଭିତରେ ପଶି ୫ ଜଣଙ୍କୁ ମାରଣାସ୍ତ୍ର ଧରି ଆକ୍ରମଣ ଭଳି ଅନେକ ଘଟଣା ରହିଛି ବୋଲି ପ୍ଲାକାର୍ଡ ଧରି ପ୍ରତିବାଦ କରି ତୁରନ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ରହିଛି ବୋଲି ଦାବି କରିଥିଲେ । ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ । ଏହି ଧରଣରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ପୂର୍ବତନ ବିଧାୟକ ଡ ଲଲାତେନ୍ଦୁ ମହାପାତ୍ର, ଯୁବ କଂଗ୍ରେସ ସଭାପତି ବିକାଶ ନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ବନଜା ପଣ୍ଡା, ସୁଭାଷୀନ ପଟ୍ଟନାୟକ, ପଦ୍ମ ଚରଣ ସାହୁ, ପ୍ରବିର ଶାମଲ,ଶ୍ୟମ ସୁନ୍ଦର ସାହୁ, ପ୍ରବୀର ସାବତ, ଅଭିରାମ ସ୍ୱାଇଁ, ପ୍ରଶାନ୍ତ କୁମାର ରେଡ୍ଡୀ, ପିତାମ୍ବର ଗୌଡ, ଶଙ୍କର ସୁବୁଦ୍ଧି, ଅଶୋକ ପଟ୍ଟନାୟକ, ସଞ୍ଜୟ ମଣ୍ଡଳ, ଶିବ ପ୍ରସାଦ ପ୍ରଧାନ, ମହେଶ୍ୱର ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଯୁବ ଛାତ୍ର କଂଗ୍ରେସ କର୍ମ କର୍ତ୍ତା ମାନେ ଯୋଗ ଦେଇଥିଲେ ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଡିଓ

ଧରାକୋଟ, (ସବ୍ୟୁ): କାର୍ଯ୍ୟରେ ଯୋଗ ଦେବାର ପ୍ରଥମ ଦିନରେ ବ୍ଲକ ସମ୍ମିଳନୀ କକ୍ଷରେ ନୂତନ ବିଡିଓ ସଂଗ୍ରାମ କେଶରୀ ଜେନା ପଞ୍ଚାୟତରାଜ ବିଭାଗର ଯୋଜନା ସମୂହର ସମୀକ୍ଷା କରିଛନ୍ତି । ଧରାକୋଟ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଗ୍ରାମୀଣ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ବିକସିତ ଗାଁ ବିକଶିତ ଓଡ଼ିଶା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ପେନସନ ଯୋଜନା,ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଯୋଜନା, ଅଙ୍ଗନୱାଡ଼ି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ଯୋଜନା ଗୁଡିକର ସମୀକ୍ଷା କରିବା ସହ ବ୍ଲକ ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ସମସ୍ତଙ୍କ ଭିତରେ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଏବି ଡି ଓ ସୁଶିଳ ପଟ୍ଟନାୟକ, ଏଇଇ ପ୍ରମୋଦ କୁମାର ପାଣିଗ୍ରାହୀ, ଜିପିଇଓ ଦେବରାଜ ନାୟକ, ଯୋଗାଣ ନୀରିକ୍ଷକ ସଞ୍ଜୟ ମଲିକ, ସି ପି ଲମ୍ବୋଦର ଗୌଡ଼, ଏପି ଓ ନନ୍ଦିନୀ ଦାସ, ବିଏସଏସ ଓ ସଚିନ ପାତ୍ର, ସିଡିପିଓ ସୁନିଲ ପ୍ରଭା ରଥ, ଆର ଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, କନିଷ୍ଠ ଯନ୍ତ୍ରୀ ଦୀପ୍ତିରେଖା ନାଥ, ଡି .କନ୍ୟାକୁମାରୀ , ବିଜୟଲକ୍ଷ୍ମୀ ସାହୁ, ଅର୍ଚ୍ଚନା ପଣ୍ଡା, ପ୍ରଦୀପ ନାୟକ, ପ୍ରେମ ରଞ୍ଜନ ମହାପାତ୍ର, ବିକ୍ରମ ସୋରେନଙ୍କ ସମେତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମସ୍ତ ଏଡିଇଓ, ସମସ୍ତ ଯୋଗାଣ ସହାୟକ ଉପସ୍ଥିତ ରହିଥିଲେ ।

# ପ୍ରଥମ ବାର୍ଷିକୀ ଶ୍ରାଦ୍ଧରେ ଭଜନ ସମାରୋହ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ବାସିନ୍ଦା ତଥା ଗଞ୍ଜାମର ଅନ୍ୟତମ ସଂଗୀତ ଗୁରୁ ନାରାୟଣ ନାହାକଙ୍କ ଧର୍ମପନି ସ୍ୱର୍ଗତା ନମିତା ନାହାକଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ଚାରଣ ସଭା ଲକ୍ଷ୍ମୀପୂର ଗ୍ରାମରେ ସଂଗୀତ ଗୁରୁ ତଥା କରାପଲ୍ଲୀ ହାଇସ୍କୁଲ ଶିକ୍ଷକ ଧୀରେନ୍ଦ୍ର ନାଥ ସଭାପତିଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭାରେ ନାରାୟଣ ନାହାକଙ୍କ ଗୁରୁ ତଥା ନିଖିଳ ଉତ୍କଳ ଶିକ୍ଷକ ମହାସଙ୍ଘର ଅଧ୍ୟକ୍ଷ କାମରାଜୁ ମହାରଣା ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱର୍ଗତା ନମିତାଙ୍କ ସ୍ୱାମୀଙ୍କ ପ୍ରତି ଭକ୍ତି ଓ ସହାଭାଗୀତା ଉପରେ ସ୍ମୃତି ଚାରଣ କରିଥିଲେ । ସାମ୍ବାଦିକ କ୍ଷେତ୍ରବାସି ସାହୁ ମଧ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସ୍ୱର୍ଗତା ନମିତାଙ୍କ ସ୍ମୃତିରେ ଗଞ୍ଜାମର ବିଭିନ୍ନ କଣ୍ଠଶିଳ୍ପୀଙ୍କ ସହଯୋଗରେ ଏକ ଭଜନ ଆସର ଆୟୋଜନ କରାଯାଇଥିଲା । ଏଥିରେ ନାରାୟଣଙ୍କ ଅନେକ ଶିଷ୍ୟ ଶିଷ୍ୟା, ସହଯୋଗୀ ଛତ୍ରପୁର, ଗୋପାଳପୁର, ପୁରୁଷୋତ୍ତମପୁର, ବ୍ରହ୍ମପୁର ଠାରୁ ଆସି ଅଂଶ ଗ୍ରହଣ କରି ଭଜନ ପରିବେଷଣ କରିଥିଲେ । ଗୁରୁ ନୀଳାଞ୍ଚଳ ବେହେରା, ରଶ୍ମିରଂଜନ ସାହୁ, ମାଧବ ସାହୁ, ଜଗନ୍ନାଥ, ବାବୁଲା, ମୁନା,ବିଶ୍ୱଜିତ, ପ୍ରଫୁଲ୍ଲ, ପରମେଶ୍ୱର ପ୍ରମୁଖ ଭଜନ ପରିବେଷଣରେ ସହଯୋଗ କରିଥିଲେ ।

# ପଥର ଖାଦାନ ବନ୍ଦ ପାଇଁ ଧାରଣା ଷଷ୍ଠ ଦିନରେ

ଛତ୍ରପୁର, (ସବ୍ୟୁ) : ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଚାଂୟତ ଅଧିନ ଝରପୋଖରୀ ଗ୍ରାମବାସୀ ମାନେ ପଥର ଖାଦାନ ବନ୍ଦ ଦାବୀ ନେଇ ଦେଇଥିବା ଧାରଣା ଆଜି ଷଷ୍ଠ ଦିନରେ ପହଂଚିଛି । ଆଜି ଏହି ଧାରଣା କିପରି ହଟିବ ସେନେଇ କିଛି ଜଣ ଲିଜ ଧାରୀଙ୍କ ମଧ୍ୟସ୍ଥି ସାଜି ଧାରଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝେଇବାକୁ ଚେଷ୍ଟାକରିଥିଲେ ବି ଆନ୍ଦୋଳନକାରୀ ସେମାନଙ୍କ ଯିଦରେ ଅଟଳ ରହିଥିଲେ, ସେମାନଙ୍କ ଗୋଟିଏ ଦାବୀ ପଥର ଖାଦାନ ବନ୍ଦ ହେଉ । ଏହାପରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, କନିଷ୍ଠ ଖଣି ଅଧିକାରୀ ଦୀପକ ଜେନା, ଛତ୍ରପୁର ପୁଲିସ ଘଟଣା ସ୍ଥଳରେ ପହଂଚି ପୁଣି ଆନ୍ଦୋଳନକାରୀମାନଙ୍କୁ ବୁଝାଇଥିଲେ । ଧାରଣା ନକରି ଆଲୋଚନା କରି ଏହାର ସମାଧାନ କରିବାକୁ ପ୍ରଶାସନ ଲୋକଙ୍କୁ ଚାପ ପକାଇଥିଲେ ।

କିନ୍ତୁ ଗ୍ରାମବାସୀ ପ୍ରଶାସନକୁ ରୋକଠୋକ ଶୁଣାଇଥିଲେ କି ଯେତେ ଦିନ ପ୍ରର୍ଯ୍ୟନ୍ତ ଏହି ଖାଦାନ ବନ୍ଦ ହୋଇନାହିଁ ସେତେଦିନ ପ୍ରର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ । ଅନ୍ୟପକ୍ଷରେ ଗତକାଲି ଛୋଟ ଛୋଟ ସ୍କୁଲ ଛାତ୍ର/ଛାତ୍ରୀ ଏବଂ କଲେଜ ଛାତ୍ର/ଛାତ୍ରୀମାନେ ଏହି ଧାରଣାରେ ସାମିଲ ହୋଇଥିବାରୁ ପ୍ରଶାସନକୁ ଚିନ୍ତା ଘାରିଛି, ବିଭିନ୍ନ ଉପାୟରେ କିପରି ଏହାର ସମାଧାନ କରିବା ପାଇଁ ଚେଷ୍ଟା ଜାରି ରଖିଥିବା ସୂଚନା ମିଳିଛି । ଗ୍ରାମବାସୀଙ୍କ ଗୋଟିଏ ଦାବୀ ପଥର ଖାଦାନ ବନ୍ଦ ହେଉଁ, ନଚତେ ଏଠି ହିଁ ମରିବୁ ପଛେ ହଟିବୁ ନାହିଁ, ଆନ୍ଦୋଳନ ପାଇଁ ସେଠାରେ ପଥର ଖାଦାନ ବନ୍ଦ ରଖିବାକୁ ଖଣି ବିଭାଗ ପକ୍ଷରୁ ଲିଜ ଧାରୀକୁ କୁହାଯାଇଛି ବୋଲି କନିଷ୍ଠ ଖଣି ଅଧିକାରୀ ଦୀପକ ଜେନା ସୂଚନା ଦେଇଛନ୍ତି । ଲିଜଧାରୀ କେତେ ପରିମାଣର ଖାଦାନ କରିଛି ତାହାର ତଦନ୍ତ କରାଯିବ ବୋଲି କହିଥିଲେ । ସୂଚନା ଥାଉକ ଜୈନିକ ବ୍ୟକ୍ତି ପଥର ଖାଦାନ ପାଇଁ ଲିଜ ନେଇଥିଲେ ବି ଅହରହ ପଥର ଫୁଟେଇବା ସହ ଘରର କାନ୍ଥ ଫାଟୁଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏପରିକି ଗ୍ରାମର ରାସ୍ତା ମଧ୍ୟ ନଷ୍ଟ ହେବାସହ ଯାତାୟତ ବେଳେ ଭୟ ମଧ୍ୟ ଲାଗୁଛି ବୋଲି କହିଛନ୍ତି । ତେଣୁ ଲିଜ ନେଇଥିବା ବ୍ୟକ୍ତିଙ୍କ ତୁରନ୍ତ ଲିଜ ବାତିଲ କରିବା ଦାବୀ ହୋଇଛି । ଚଳିତ ମାସ ୯ ତାରିଖରୁ ଧାରଣାରେ ବସି ରହିଛନ୍ତି । ଯେଉଁ ପ୍ରର୍ଯ୍ୟନ୍ତ ଦାବୀପୂରଣ ହେବନାହିଁ ଏହି ଧାରଣା ଜାରି ରହିବ ବୋଲି କହିଥିଲେ ।

# ଦେଢ଼ ଲକ୍ଷ ଟଙ୍କାର ବେଆଇନ ବାଣ ଜବତ

ଭଞ୍ଜନଗର, (ସବ୍ୟୁ): ବେଆଇନ୍ ବାଣ ଗୋଦାମରେ ଭଂଜନଗର ପୋଲିସର ଚଢ଼ାଉ କରି ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ବାଣ ଜବତ କରିଛି । ଭଂଜନଗର ନିକଟସ୍ଥ ଜିଲୁଣ୍ଡି ଗାଁ ନିକଟରେ, ପ୍ରଶାନ୍ତ ପଣ୍ଡା ନାମକ ଜନୈକ ବ୍ୟକ୍ତିଙ୍କ ଘରେ ବେଆଇନ୍ ବାଣ ଗଚ୍ଛିତ ଥିବା ସୂଚନା ପାଇ ଚଢ଼ାଉ କରିଥିଲା ପୋଲିସ । ଏନେଇ ଭଂଜନଗର ଥାନାରେ ୧୧୪୯/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୋଲିସ ।

# ଧରାକୋଟ ଥାନା ଏସଆଇଙ୍କ ପଦୋନ୍ନତି

ଧରାକୋଟ, (ସବ୍ୟୁ): ଧରାକୋଟ ଥାନାରେ କାର୍ଯ୍ୟରତ ସବ ଇନିସପେକଟର ବାଲ୍ମୀକି ପ୍ରଧାନ ପାଇଛନ୍ତି । ସେ କୋରାପୁଟ ଜିଲ୍ଲାରୁ ଆସି ୨୦୨୧ ମସିହାରେ ଧରାକୋଟ ଥାନାରେ ଯୋଗ ଦେଇଥିଲେ । ଜଣେ ଦାୟିତ୍ୱ ସମ୍ପନ୍ନ, ଶୃଙ୍ଖଳିତ ପୋଲିସ ଅଧିକାରୀ ଭାବରେ ସେ ନିଜ କର୍ତ୍ତବ୍ୟ ସୁଚାରୁ ରୁପେ ପ୍ରତିପାଦନ କରି ଜନ ସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଥିଲେ । ଧରାକୋଟ ଥାନାରେ କାର୍ଯ୍ୟରତ ଥିବା ବେଳେ ତାଙ୍କର ପଦୋନ୍ନତି ହୋଇଥିବାରୁ ତାଙ୍କୁ ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ, ଏସଆଇ ସସ୍ମିତା ପଣ୍ଡା, ଏଏସଆଇ ରାଜେନ୍ଦ୍ର ରାଉତ, ମୁରଲୀଧର ରାଓ, ଅନିଲ ଶବର, ହାବିଲଦାର ମନୋଜ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଦୀର୍ଘ ବର୍ଷର ପରିଶ୍ରମ ଫଳ ପାଇଲେ ଭାନୁପ୍ରତାପ - ଜିଲ୍ଲାପାଳ



ବାରିପଦା, (ସବ୍ୟୁ) : ଦୀର୍ଘ ୩୦/୩୫ ବର୍ଷ ଧରି ରାଇଫଲ ଚାଳନା ପ୍ରତିଯୋଗିତା ପାଇଁ ଅଭ୍ୟାସ କରିବା ସହ ବିଭନ୍ନ ସମୟରେ ବିଫଳ ହୋଇ ଶେଷରେ ସଫଳତାର ସ୍ୱାଦ ଚାଖିଲେ ଭାନୁପ୍ରତାପ ଭଞ୍ଜଦେଓ ଓ ତାଳଚେର ଠାରେ ଅନୁଷ୍ଠିତ ଅନୁଗୁଳ ଜିଲ୍ଲା ରାଇଫଲ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୬୦ତମ ବାର୍ଷିକ ସୁଟିଂ ପ୍ରତିଯୋଗିତାରେ ଭେଟେରାନ ବର୍ଗରେ ଅଂଶଗ୍ରହଣ କରି ଭାନୁପ୍ରତାପ ୬୫ବର୍ଷ ବୟସରେ ପ୍ରଥମ ସ୍ଥାନ ଅଧିକାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଖବରପାଇ ଜିଲ୍ଲାପାଳ ହେମକାନ୍ତ ସୟ ନିଜ କାର୍ଯ୍ୟାଳୟରେ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ସହ ସମ୍ପାଦକ ଅମ୍ବିକା ରାଉତ ଉପସ୍ଥିତ ଥିଲେ। ଶ୍ରୀ ଭଞ୍ଜଦେଓଙ୍କ ଏହି ସଫଳତାର କାହାଣୀ ଆଗାମୀ ଦିନରେ ଯୁବପିଢ଼ିଙ୍କୁ ରାଇଫଲ ସୁଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ସିପାକ ଟାକ୍ରୋ ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ୩୦ କ୍ରୀଡାବିତ୍ ସାମିଲ




ବାରିପଦା, (ସବ୍ୟୁ) : ଚଳିତ ଅକ୍ଟୋବର ମାସ ୧୬ ରୁ ୧୯ ତାରିଖ ପର୍ଯ୍ୟନ୍ତରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଉମରକୋଟ ଠାରେ ଓଡିଶା ରାଜ୍ୟସ୍ତରୀୟ ସିପାକ ଟାକ୍ରୋ ଓ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୩୦ଜଣ କ୍ରୀଡାବିତ୍ତ ଯୋଗଦେବେ।

ସିପାକଟାକ୍ରୋ ବାଳକ ଟିମ ମ୍ୟାନେଜର ଭାବେ ଆଦିତ୍ୟ କାନୁନ୍‌ଗୋ ଉଚ୍ଚ ବିଦ୍ୟାଳୟ, ହାତୀମରାର ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ ମ୍ୟାନେଜର ଭାବେ ମାଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ, ଲାଲଗଞ୍ଜର ପିଇଟି ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱରେ ୧୦ଜଣ କ୍ରୀଡାବିତ୍ତ ଯୋଗ ଦେବେ। ସେମାନେ ହେଲେ ୧୭ବର୍ଷରୁ କମ ବାଳକ ବିଭାଗରେ ଅମିତ କୁଅଁର, ମାନସ ରଞ୍ଜନ ନାଏକ, ସାହିଲ କୁମାର ସେଠୀ, ଆକାଶ ସୋରେନ, ଅମିତ କୁମାର ନାଏକ ଓ ବାଳିକା ବିଭାଗରେ ସିନିଗ ମାଝୀ, କ୍ରିଷ୍ଣା କୁମାରୀ ମହାନ୍ତ, ସୁଦିପ୍ତା ହାଁସଦାଃ, ପୂଜା ହେମ୍ବ୍ରମ, ପାଏଲ ମାଝୀ ବ୍ୟାଡ଼ମିଣ୍ଟନ ବାଳକ ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁର୍ଗାପୁରର ପିଇଟି ହେମନ୍ତ କୁମାର ଜେନା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଆମରାର ପିଇଟି ମଧୁସ୍ମିତା ପାତ୍ରଙ୍କ ନେତୃତ୍ୱରେ ୨୦ଜଣ କ୍ରୀଡାବିତ୍ତ ଯୋଗ ଦେବେ। ସେମାନେ ହେଲେ ୧୪ବର୍ଷରୁ ବାଳକ ବିଭାଗରେ ଜଗନ୍ନାଥ ମାଝି, ହିମାଂଶୁ ଶେଖର ଦାସ, ଜ୍ୟୋତି ରଞ୍ଜନ ଗିରି, ଦେବାଶିଷ ପାତ୍ର, ଚନ୍ଦ୍ରଭାନୁ ବେହେରା ଓ ବାଳିକା ବିଭାଗରେ ହୀରାମଣି ସିଂ, ସିଲିରାଣୀ ମାରାଣ୍ଡି, ପ୍ରଗତି ସ୍ୱାଗତିକା ଦାସ, ଇଂତା ପ୍ରଧାନ, ଦୀପ୍ତିମୟୀ ମାଲାକାରା ସେହିପରି ୧୭ବର୍ଷରୁ କମ ବାଳକ ବିଭାଗରେ ଅରୁଣ୍ଡୀ ବିଶ୍ୱାଳ, ଜୀବନ ଜ୍ୟୋତି ଦାସ, ଏମ.ଡି. ତାସିଫ ରାଜା, ଖ୍ୟାତିରଞ୍ଜନ ମହାପାତ୍ର, ଏମ.ଡି. ଅଶିପ ଅଲ୍ଲୀ ଓ ବାଳିକା ବିଭାଗରେ ପ୍ରୀତି ବିନ୍ଧାଣୀ, ମିନତୀ ସିଂ, ସବିତା ସିଂ, ଗୁଞ୍ଜନ କୁମ୍ଭାର, ଲକ୍ଷ୍ମୀପ୍ରିୟା ଗିରି ଏମ୍‌କେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଏହି ଭବ୍ୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଉପସ୍ଥିତ ରହି କ୍ରୀଡାବିତ୍ତମାନଙ୍କୁ ଉତ୍ସାହିତ କରିବା ସହିତ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି।

## ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ

# ୨୦ ନଭେମ୍ବର ସୁଦ୍ଧା ପଞ୍ଜୀକରଣ

ବାରିପଦା, (ସବ୍ୟୁ) : ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚିତ୍ର ଉତ୍ସବ ଡିସେମ୍ବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ ଓ ଜାତୀୟ ସ୍ତରୀୟ ଏହି ପ୍ରତିଯୋଗିତାରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଦୁଇଟି ବିଭାଗ- କ୍ଷୁଦ୍ର ଚଳଚିତ୍ର (୩୦ ମିନିଟ୍) ଓ ଡକ୍ୟୁମେଣ୍ଟାରି (୪୫ ମିନିଟ୍) ଫିଲ୍ମ ଗୁଡିକ ଅଂଶଗ୍ରହଣ କରିପାରିବେ ଏବଂ ଇଚ୍ଛୁକ ପ୍ରଯୋଜକ ମାନେ ଅନ୍‌ଲାଇନ୍‌ରେ ନଭେମ୍ବର ମାସ ୨୦ତାରିଖ ସୁଦ୍ଧା ପଞ୍ଜିକରଣ କରିପାରିବେ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଜଣାଇଛନ୍ତି। ଫାଉଣ୍ଡେସନର ପ୍ରମୁଖ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଉତ୍ସବର ସଫଳତା କାମନା କରିବା ସହ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି।

ଏହି ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚିତ୍ର, ଡକ୍ୟୁମେଣ୍ଟାରୀ, ଡେବ୍ୟୁ ନିର୍ଦ୍ଦେଶକ, ଛାତ୍ର ଚଳଚିତ୍ର, ଶିଶୁ ଚଳଚିତ୍ର ଓ ମହିଳା ନିର୍ଦ୍ଦେଶିକାଙ୍କୁ ପୁରସ୍କୃତ କରାଯିବା ସହିତ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଗୌରବ ଓ ଆଜୀବନ ସଫଳତା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶ୍ରୀ ବେଶ୍ରା ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଉତ୍ସାହ ଓ ମହକ ୨୦୨୫

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଏକାଠି ହେଲେ ବିଭିନ୍ନ ଶିଶୁ ଥଇଥାନ କେନ୍ଦ୍ରର ୨୫୦ ଶିଶୁ




କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି କଟକ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ "ଉତ୍ସାହ ଓ ମହକ ୨୦୨୫ । ଏଥିରେ ସମଗ୍ର କଟକ ଜିଲ୍ଲାର ବିଭିନ୍ନ ଶିଶୁ ଥଇଥାନ କେନ୍ଦ୍ରରେ ରହୁଥିବା ପ୍ରାୟ ୨୫୦ ଜଣ ଅନ୍ତେବାସୀ ବେଶ୍ ଉତ୍ସାହ ସହକାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ସେମାନଙ୍କୁ ଅଧାରୁ ପାଠ ନ ଛାଡ଼ିବାକୁ ଆହ୍ୱାନ ଦେଇଥିଲେ । ଏଥିସହ ପିଲାମାନେ ଏ ରାଜ୍ୟର ଭବିଷ୍ୟତ ବୋଲି କହି ସେମାନଙ୍କୁ ଉତ୍ସାହିତ କରିଥିଲେ । ପିଲାମାନଙ୍କ ମଧ୍ୟରେ ଦିବସବ୍ୟାପୀ କୁଇଜ୍, ଏକକ ସଂଗୀତ, ବକ୍ତୃତା, ଚିତ୍ରାଙ୍କନ ଓ ସମବେତ ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ଚିତ୍ରାଙ୍କନ କନିଷ୍ଠ ବର୍ଗରେ ଯଶୋଦା ସଦନର ସୁବାସିନୀ ରାଉତ ପ୍ରଥମ, ବସୁନ୍ଧରାର ସୋନାଲି ମୁର୍ମୁ ଦ୍ୱିତୀୟ ଓ ଏସଆଇଏସର ରିକା ପିଙ୍ଗୁଆ ତୃତୀୟ ଏବଂ ବରିଷ୍ଠ ବର୍ଗରେ ସ୍ୱପ୍ନେଶ୍ୱରର ବାବୁଲା ତପନ ପ୍ରଥମ, ଏସବିକେଏର ରାନାଇ ଟୁଡୁ ଦ୍ୱିତୀୟ ଓ ଏସଆଇଏସର ରଶ୍ମିରେଖା ବଦ୍ରା ତୃତୀୟ ହୋଇଥିଲେ । ସେହିପରି ବକ୍ତୃତା କନିଷ୍ଠ ବର୍ଗରେ ଉତ୍କଳ ବାଳାଶ୍ରମର ସୀମାଞ୍ଚଳ ସାହୁ ପ୍ରଥମ, ବିଶ୍ୱରଞ୍ଜନ ପ୍ରଧାନ ଦ୍ୱିତୀୟ ଓ ଯଶୋଦାର ସୁଶାନ୍ତ ପ୍ରଧାନ ତୃତୀୟ ଏବଂ ବରିଷ୍ଠ ବର୍ଗରେ ବାପୁଜୀର ଖଗେଶ୍ୱର ଦାସ ପ୍ରଥମ, ଏସଆଇଏସର ଦୀପା ପଣ୍ଡା ଦ୍ୱିତୀୟ ଓ ଆଇଆଇପିଏମର ସ୍ୱାହା ମହାନ୍ତି ତୃତୀୟ ହୋଇଥିଲେ । କୁଇଜ କନିଷ୍ଠ ବର୍ଗରେ ଆଇଆଇପିଏମର ସ୍ନେହଲତା ନାୟକ ପ୍ରଥମ, ମା' ବିନ୍ଧ୍ୟବାସିନୀର ମିତାଲି ସାହୁ ଦ୍ୱିତୀୟ ଓ ଯଶୋଦାର ସୁଶାନ୍ତ ପ୍ରଧାନ ତୃତୀୟ ଏବଂ ବରିଷ୍ଠ ବର୍ଗରେ ଏମବିଏସର ସ୍ଥିତପ୍ରଜ୍ଞା ପ୍ରଧାନ ପ୍ରଥମ, ସ୍ନେହଲତା ମୁଦୁଲି ଦ୍ୱିତୀୟ ଓ ଲିଂପ୍ରଭା ଜେନା ତୃତୀୟ ହୋଇଥିଲେ ।

ଏକକ ସଂଗୀତ କନିଷ୍ଠ ବର୍ଗରେ ଯଶୋଦାର ବାବୁଲୁ ପ୍ରଧାନ ପ୍ରଥମ, ଏମବିଏସର ପ୍ରୀତିଛନ୍ଦା ବେହେରା ଦ୍ୱିତୀୟ ଓ ଆଇଆଇପିଏମର ସୁନିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗରେ ବାପୁଜୀର ବଦନ ସାମଲ ପ୍ରଥମ, କେଜିଏନଏମ ଟ୍ରଷ୍ଟର ପୂର୍ଣ୍ଣିମା ଦୀକ୍ଷିତ ଦ୍ୱିତୀୟ ଓ ବାପୁଜୀର ଖଗେଶ୍ୱର ଦାସ ତୃତୀୟ ସ୍ଥାନ ହାସଲ କରିଥିଲେ । ଏଥିସହ ସମବେତ ନୃତ୍ୟ କନିଷ୍ଠ ବର୍ଗରେ ଆଇଆଇପିଏମ୍ ପ୍ରଥମ ହୋଇଥିବା ବେଳେ କେଜିଏନଏମ୍ ଦ୍ୱିତୀୟ ଓ ସ୍ୱପ୍ନେଶ୍ୱର ତୃତୀୟ ସ୍ଥାନ ଅଧିକାର କରିଥିଲା । ବରିଷ୍ଠ ବର୍ଗରେ କେଜିଏନଏମ୍ ପ୍ରଥମ, ବସୁନ୍ଧରା ଦ୍ୱିତୀୟ ଓ ଏସଆଇଏସ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଜିଲ୍ଲାପାଳ ଡ. ଇଂତା ପ୍ରିୟଦର୍ଶିନୀ ମିଶ୍ର, ସମ୍ମାନିତ ଅତିଥି ଭାବରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ଅତିଥି ବକ୍ତା ଭାବରେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟର ସୁରକ୍ଷାଧିକାରୀ ସୁଭାଷିନୀ କବାଟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ତାଲିମ ଶିବିର

ଛତ୍ରପୁର, (ସବ୍ୟୁ): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜଉଗଡ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫ ସମ୍ପର୍କିତ ତାଲିମ ଶିବିର ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରକଳ୍ପ ସଂଯୋଜକ ଦେବବ୍ରତ ମାହୁନ୍ତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ଓ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପୋଷଣ ମାସ ପାଳନ କରାଯାଉଥିବା ପ୍ରକାଶ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ବେହେରା ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସର ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ଯୋଗଦେଇ କହିଥିଲେଯେ, ପୁଷ୍ଟିସାର ଅଭାବ ହେଲେ ଶିଶୁମାନଙ୍କର ଶାରିରୀକ ଓ ବୌଦ୍ଧିକ ବିକାଶ ହେବ ନାହିଁ । ଏଣୁ ରାଜ୍ୟ ସରକାର ପୋଷଣ ମାସ ପାଳନ କରି ସଚେତନତା ସୃଷ୍ଟି କରୁଛନ୍ତି । ମାଆ ମାନେ ଗର୍ଭବତୀ ସମୟରେ ସଚେତନ ହେବା ଉଚିତ୍ । ଖାଇବା ଥାଳିରେ ମିଲେଟ୍ ବ୍ୟବହାର କରିବା ଉଚିତ । ସୁସ୍ଥ ଶିଶୁ ହେଉଛନ୍ତି ଭବିଷ୍ୟତର ନାଗରିକ । ପୋଷଣ ଉପରେ ସଚେତନତା ସୃଷ୍ଟି ପାଇଁ ସେପେଟମ୍ବର ୧୭ ତାରିଖରୁ ଅକେଟାବର ୧୬ ତାରିଖ ପର୍ଯ୍ୟନ୍ତ ପାଷଣ ମାସ ପାଳନ କରାଯାଉଛି । ଗଞ୍ଜାମ ଜିଲ୍ଲାରୁ ହିଁ ମିଲେଟ୍ ମିଶନ୍‌ର ଆରମ୍ଭ ହୋଇଥିବା କଥା କହି ଅଙ୍ଗନୱାଡି କର୍ମୀ ମାନେ କୋଭିଡ୍ ସମୟରେ କରିଥିବା ସାହାସିକ କାର୍ଯ୍ୟକୁ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା ଭୂୟସୀ ପ୍ରଶଂସା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି ଅଧ୍ୟକ୍ଷତା କରି କହିଥିଲେ ଯେ, ୨୦୨୧ ମସିହାରୁ ପୋଷଣ ଅଭିଯାନ ଚାଲୁ କରାଯାଇଛି । ଶିଶୁଙ୍କୁ ଉପଯୁକ୍ତ ପୋଷଣ ଓ ଶିକ୍ଷା ପ୍ରଦାନ କରିବା ଦ୍ୱାରା ଉତ୍ତମ ନାଗରିକ ହୋଇପାରିବେ । ଗର୍ଭବତୀ ଥିବା ସମୟରେ ମାଆ ମାନଙ୍କୁ ଏଥିପ୍ରତି ସଚେତନ କରିବା ସହ ଶିଶୁକୁ ତୃଣମୂଳ ସ୍ତରରେ ସଶକ୍ତିକରଣ କରାଯିବା ଉଚିତ । ଜିଲ୍ଲା କୃଷି ଅଧିକାରୀ ଡ. ଅଜୟ କୁମାର କର ମାଣ୍ଡିଆ ଚାଷ ଓ ଏଥିରୁ କିପରି ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଇ ପାରିବ ତାହା ବୁଝାଇ ଥିଲେ । ଜିଲ୍ଲାର ଅଙ୍ଗନୱାଡି କେନ୍ଦ୍ରକୁ ୫ ଟି ଲେଖାଏଁ ଚାରା ଗଛ ଯୋଗାଇ ଦେବେ ଓ ଏଗୁଡିକରେ ରାସାୟନିକ ସାର ବଦଳରେ ଜୈବିକ ଖତ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ. ପ୍ରଶାନ୍ତ କୁମାର ପାତ୍ର ଯୋଗଦେଇ କହିଥିଲେ ଯେ, ବିକଶିତ ଓ ସଶକ୍ତ ଭାରତ ଗଠନରେ ପୋଷଣର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୋଷଣ କାର୍ଯ୍ୟକ୍ରମକୁ ଆଗେଇ ନେଇଥିବାରୁ ସାନଖେମୁଣ୍ଡି ସିଡିପିଓ ଭବାନୀ ବେହେରା, ବ୍ଲକ୍ କୋ ଅର୍ଡିନେଟର୍ ଶିବ ଶଙ୍କର ଆଚାର୍ଯ୍ୟ, ଦୀପୁ ପ୍ରଧାନ, ମାନସ ରଞ୍ଜନ ଦାଶ ବେଲଗୁଣ୍ଠା ବ୍ଲକ୍, ସୁନୀତା ଜେନା ଜଗନ୍ନାଥ ପ୍ରସାଦ ବ୍ଲକ୍, ଗୋପାଳ କୃଷ୍ଣ ପଟ୍ଟନାୟକ ଛତ୍ରପୁର ବ୍ଲକ୍, ବ୍ରହ୍ମପୁର ଲେଡି ସୁପରଭାଇଜର୍ ସବିତା ଜେନା ଓ ଆସ୍କା ଲେଡି ସୁପରଭାଇଜର୍ କୁମାରୀ ଦୀପ୍ତିଙ୍କୁ ପ୍ରମାଣ ପତ୍ର, ଉପଢୌକନ ସହ ସମ୍ମାନୀତ କରାଯାଇଥିଲା । ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସମସ୍ତ ସିଡିପିଓ, ମହିଳା ସୁପରଭାଇଜର୍, ଅଙ୍ଗନୱାଡି କର୍ମୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗର କର୍ମକର୍ତ୍ତାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପିଇବା ପାଣିର ମାନ ପରୀକ୍ଷା କରି ଲୋକଙ୍କୁ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ବ୍ୟାସନଗର,(ଜିପ୍ର): ଗତକାଲି ଏଠାକାର ଟାଉନହଲ ଠାରେ କଳିଙ୍ଗନଗର ଶିଳ୍ପାନୁଷ୍ଠାନରେ ଥିବା ବିଭିନ୍ନ ଶିଳ୍ପଗୁଡ଼ିକ ପାରିପାର୍ଶ୍ୱିକ ଉନ୍ନୟନକ୍ଷେତ୍ରରେ କ'ଣ କରିଛନ୍ତି ତାହାକୁ ନେଇ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ କେତେକ ଶିଳ୍ପ ଅନୁଷ୍ଠାନର କର୍ମକର୍ତା ମାନେ ବିଭିନ୍ନ ଗ୍ରାମ ଓ ସ୍କୁଲକୁ ପିଇବା ପାଣି ଯୋଗାଇ ଦେଉଥିବା ସୂଚନା ଦେଇଥିଲେ । ଯାଜପୁର ଜିଲାପାଳ ଅମ୍ବର କୁମାର କର ଯୋଗାଇ ଦିଆଯାଉଥିବା ପିଇବା ପାଣିର ମାନ ପରୀକ୍ଷା ପରେ ଏହା ବିଶୁଦ୍ଧ ବୋଲି ଜଣାପଡ଼ିବା ପରେ ଲୋକ ଏବଂ ସ୍କୁଲକୁ ଯୋଗାଇ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଏଥିରେ ବ୍ୟତିକ୍ରମ ଘଟିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନି ଦେଇଥିଲେ । ଯାଜପୁର ଜିଲାରେ ୧୪ଟି ଆଦିବାସୀ ଓ ଦଳିତ ପିଲା ମାନଙ୍କ ପାଇଁ ଥିବା ସ୍କୁଲ ଗୁଡ଼ିକରେ ନାନାଦି ପ୍ରକାର ସମସ୍ୟା ରହିଥିବା ସେ ଅନୁଧ୍ୟାନ ପରେ ଜାଣିବାକୁ ପାଇଥିବା କଥା କହିଥିଲେ । ଯାଜପୁର ଜିଲାରେ ଏହି ସ୍କୁଲର ସଂଖ୍ୟା ୩୦କୁ ବୃଦ୍ଧି କରିବାକୁ ଏବଂ ସ୍କୁଲରେ ସ୍ୱଚ୍ଛପରିବେଶ,ଉଚମାନର ରୋଷେଇ ଘର, ଶୌଚାଳୟ, ଉଚମାନର ହଷ୍ଟେଲ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଏଦିଗରେ ବିଭିନ୍ନ କଳକାରଖାନା ଆଗେଇ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ । କେତେକ କାରଖାନା କର୍ତ୍ତୃପକ୍ଷ ପାରିପାର୍ଶ୍ୱିକ ଖର୍ଚସଂପର୍କରେ ସୂଚନା ଦେଇଥିବା ବେଳେ ଜିଲାପାଳ ଶ୍ରୀ କର କ'ଣ କ'ଣ ଖର୍ଚ୍ଚ କରିଛ ତାର ସଂପୂର୍ଣ୍ଣ ବିବରଣୀ ପ୍ରଦାନନିର୍ଦ୍ଦେଶ ଦେଇଥିଲେ । ପ୍ରଶାସନନିର୍ଦ୍ଦେଶ ମତେ କାର୍ଯ୍ୟ କରୁନଥିବା କୈାଣସିବି କାରଖାନା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ସେମାନଙ୍କ ସମସ୍ୟା ସମାଧାନ କରିବାର ନିର୍ଭରପ୍ରତିଶ୍ରୁତି ଦେଇଥିଲେ । ଏଥିରେ କଳିଙ୍ଗନଗର ଭୂଅର୍ଜନ ଅଧିକାରୀ ନମ୍ରଦା ମୋଦି ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ଜିଲାପାଳ ଶ୍ରୀ କର, ରାମ୍ପିଲୋ ସ୍ଥିତ ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅନ୍ନପୂର୍ଣ୍ଣା ଶିଶୁ ଯତ୍ନ ଅନୁଷ୍ଠାନ ଗସ୍ତ କରି ରହୁଥିବା ଅନ୍ତେବାସୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବିଡ଼ିଓ, ଦାନଗଦୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ଶିକ୍ଷକ, ଶିକ୍ଷୟତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଚଣ୍ଡିଖୋଲରେ ଆଇନଜୀବୀଙ୍କୁ ଆକ୍ରମଣ : ପ୍ରତିବାଦ ସଭା

ଚଣ୍ଡିଖୋଲ,( ସବ୍ୟୁ) ସୋମବାର ସଂନ୍ଧ୍ୟାରେ ଚଣ୍ଡିଖୋଲ କୋର୍ଟର ଆଇନଜୀବୀ ମନିର ମହମ୍ମଦଙ୍କୁ ଜାତୀୟ ରାଜପଥ ଉପରେ ମରଣାନ୍ତକ ଆକ୍ରମଣକୁ ଦୃଢ ନିନ୍ଦା କରାଯିବା ସହ ମଙ୍ଗଳବାର ଦିନ ଘଟଣା ପ୍ରତିବାଦରେ କୋର୍ଟ ବାର ଆସୁସିଏସନ ସମ୍ମିଳନୀ କକ୍ଷରେ ଏକ ପ୍ରତିବାଦ ସଭାର ଆୟୋଜନ ହୋଇଥିଲା । ବାର ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିବାଦ ସଭାରେ ସମସ୍ତ କାର୍ଯ୍ୟ କାରିଣୀ ସଦସ୍ୟ ଯୋଗ ଦେଇଥିଲେ । ଏହି ବୈଠକରେ ସମ୍ପାଦକ ପ୍ରକାଶକୁମାର ଦାଶ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ ଓ ଏହା ସର୍ବ ସମ୍ମତି ଭାବେ ଗୃହିତ ହୋଇଥିଲା । କାର୍ଯ୍ୟରତ ଆଇନଜୀବୀଙ୍କ ସୁରକ୍ଷା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ବାର ଆସୋସିଏସନ ପକ୍ଷରୁ ଯାଜପୁର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଆକ୍ରମଣର ଶିକାର ହୋଇଥିବା ଆଇନଜୀବୀଙ୍କୁ ବ୍ୟକ୍ତିଗତ ସୁରକ୍ଷା ଯୋଗାଇଦେବା ପାଇଁ ଦାବି କରାଯାଇଥିଲା । ଆଇନଜିବୀଙ୍କ ଆକ୍ରମଣ ଅଜଣା ଲୋକଙ୍କ ଦ୍ୱାରା ହୋଇଥିବାରୁ ଘଟଣାର ସ୍ୱତନ୍ତ୍ରତଦନ୍ତ କରିବାକୁ ବୈଠକରେ ଦାବି କରାଯାଇଥିଲା । ଆକ୍ରମଣ କରିକୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରିବା ପାଇଁ ମଧ୍ୟ ଆଇନଜୀବୀ ମାନେ ଦାବି କରିଥିଲେ । ଏହି ବୈଠକରେ ବାର ଆସୋସିଏସନର ପୂର୍ବତନ ସଭାପତି ଶରତଷଡଙ୍ଗୀ , ଦେବରାଜ ବେହେରା, ପ୍ରତାପ ଦାସ, ଜନ ବେହେରା,ବରିଷ୍ଠ ସଭ୍ୟ ପ୍ରେମାନନ୍ଦ ବେହେରା, କୈଳାସ ସାମଲ, ସୁରେଶ ସାହାଣି, ଶ୍ରୀକାନ୍ତ ବଳ,ଦୀପକ ଦୋରା, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମସଂପାଦକ ଶିରିଷ ସାମଲ, ବୀରେନ୍ ବିଶ୍ୱାଳ, ଦୀନବନ୍ଧୁ ନାୟକ,ତରୁଣ ବିଶ୍ୱାଳ, ଆଶିଷ ମହାପାତ୍ର, ଲକ୍ଷ୍ମୀପ୍ରିୟା କର, ବେବିନା ଓଝା, ଚିନ୍ମୟ ସ୍ୱାଇଁ,ବିଶ୍ୱ ରଞ୍ଜନ ବେହେରା, ପ୍ରିୟ ଗୋବିନ୍ଦା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଆଇନଜୀବୀ ମନୀର ସୋମବାର ଦିନ କୋର୍ଟ କାର୍ଯ୍ୟ ସାରି ଛତିଆ ଯାଉଥିଲା ବେଳେ ଚଣ୍ଡିଖୋଲ ବଜାର ଉପକଣ୍ଠ ଜାତୀୟ ରାଜପଥ ଉପରେ କେତେକ ଅଜଣା ବ୍ୟକ୍ତି ତାଙ୍କୁ ଅତର୍କିତ ଆକ୍ରମଣ କରି ଲୁହାରଡରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ ।

# ପୋଖରୀରେ ବୁଡି ଶ୍ରମିକର ମୃତ୍ୟୁ

ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଠାରେ ପୋଖରୀରେ ବୁଡି ଜଣେ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ନେଉଳପୁର ଗ୍ରାମର ପ୍ରଦୀପ୍ତ ଗେଡୀ (୩୬) ବୋଲି ଜଣାପଡିଛି । ସେ ଜଣେ ଶ୍ରମିକ ଭାବେ ପ୍ରତ୍ୟେକ ଦିନ ମଜୁରିଲାଗି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ତେବେ ଗତକାଲି ସେ କାମକୁ ଯାଇ ଅପରାହ୍ଣରେ ଘରକୁ ଫେରିବା ବାଟରେ ଗାଁ ପୋଖରୀରେ ଗାଧୋଇବାକୁ ଯାଇ ପାଣିରେ ବୁଡିଯାଇ ନିଖୋଜ ହୋଇଯାଇଥିଲେ । ପ୍ରଦୀପ୍ତ ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ହେଲେ ତାଙ୍କର କୌଣସି ପତା ମିଳିନଥିଲା । ତେବେ ଆଜି ସକାଳୁ ଉକ୍ତ ପୋଖରିରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ । ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଁଚି ମୃତଦେହକୁ ପାଣିରୁ ଉଦ୍ଧାର କରିବା ପରେ ଏହା ଗତକାଲି ଠାରୁ ପାଣିରେ ବୁଡି ନିଖୋଜ ଥିବା ପ୍ରଦୀପ୍ତର ମୃତଦେହ ବୋଲି ତାର ପରିବାର ଲୋକେ ଚିହ୍ନଟ କରିଥିଲେ । ଏନେଇ ପୁଲିସ ୩୭ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ଧର୍ମଶାଳା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି ଏବଂ ଏସମ୍ପର୍କରେ ତଦନ୍ତ ଜାରିରହିଛି ବୋଲି ଥାନା ଅଧିକଲାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

## ଖଣି ବିଭାଗର ଚଢାଉ, ୪ଗାଡି ଜବତ

ପାଣିକୋଇଲି ,(ସବ୍ୟୁ) : ଷଠିପୁର ବରୁଣ୍ଡାଇ ରାସ୍ତା ଦୋହରୀକରଣ କାର୍ଯ୍ୟ ଚାଲୁ ରହିଛି । ଏହି ରାସ୍ତାରେ ଭାରୀଯାନ ଚଳାଚଳକୁ ଜିଲ୍ଲାପାଳ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି । ସାଧାରଣ ଗମନା ଗମନ ଅସୁବିଧା, ଟ୍ରାଫିକ ଜାମ ଓ ରାସ୍ତା କାର୍ଯ୍ୟ ହେଉଥିବାରୁ ଜିଲ୍ଲାପାଳ ଅକ୍ଟୋବର ୨୦ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରାଯାଇଛି । ଅମୃତିଆ ଦେଇ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଗାଡି ଆସୁଥିବା ବେଳେ ଅମୃତିଆ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ସେ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଛି । ଷଠିପୁର ବରୁଣ୍ଡାଇ ରାସ୍ତାରେ ବାଲି ଗାଡି ଆସୁଥିବା ବେଳେ ଖଣିବିଭାଗ ଆଜି ବାଲିଗାଡି ଜବତ କରିବାରେ ସକ୍ଷମ ହୋଇଛି । ୨ଟି ଗାଡି ରାସ୍ତାରେ ବାଲି ଢାଳି ଖାଲି କରି ଛିଡା ହୋଇଥିଲେ । ଉକ୍ତ ହାଇୱା ନମ୍ବର (ଓଡି ୩୪ ୦୦୦୨୦, ଓଡି୨୨ୟୁ ୧୭୪୪, ଓଡି୨୨ଏକ୍ସ ୦୫୨୫, ଓଡି ୨୨ପି ୦୪୭୧) । ହେଲେ ପରିବହନ ବିଭାଗ ଦୁଇଟି ବାଲି ବୋଝେଇ ହାଇୱାଁ ୭୩ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ପ୍ରକାଶ କରିଛି ।

## ସିଆରଏସଙ୍କ ଜରିଆରେ ଡ଼ିଆରଏମଙ୍କୁ ଦାବୀପତ୍ର

କୋରେଇ ,(ସବ୍ୟୁ) : ଯାଜପୁର-କେନ୍ଦୁଝର ରେଳ ଷ୍ଟେସନ ଠାରୁ ବୈତରଣୀରୋଡ ରେଳ ଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ଲାଇନର କାର୍ଯ୍ୟ ଶେଷ କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଆଜି ଖୋର୍ଦ୍ଧା ଡ଼ିଭିଜନ ପକ୍ଷରୁ କମିଶନର ଅଫ ରେଲୱେ ସେଫ୍ଟି (ସିଆରଏସ) ଆଲୋକ ତ୍ରିପାଠୀ ପରିଦର୍ଶନରେ ଆସି ଥିବା ବେଳେ ବୈତରଣୀ ରେଳ ଷ୍ଟେସନ ଠାରେ ସ୍ଥାନୀୟ ଅଂଚଳ ବାସୀଙ୍କ ପକ୍ଷରୁ ୮ ଦଫା ସମ୍ବଳିତ ଏକ ଦାବିପତ୍ର ସିଆରଏସଙ୍କ ଜରିଆରେ ଡ଼ିଆରଏମଙ୍କ ନିକଟକୁ ପ୍ରଦାନ କରିଥିଲେ । ୮ ଦଫା ଦାବୀ ଗୁଡ଼ିକ ୧- ପ୍ଲାଟଫର୍ମର ଉଚ୍ଚତା ବଢାଇବା, ୨- ଦ୍ରୁତଗାମୀ ରେଳ ଧଉଳି ଓ ନିଳାଚଳ ଏକ୍ସପ୍ରେସ ରହଣି, ୩- ପ୍ଲାଟଫର୍ମ ଓ ଷ୍ଟେସନ ବାହାର ଆଲୋକ ବ୍ୟାବସ୍ଥା, ୪- ଫୁଟ ଓଭରବ୍ରିଜକୁ ପୂର୍ବ ପଟକୁ ବଢାଇବା, ୫- ଟିକଟ ସଂରକ୍ଷଣ ବ୍ୟାବସ୍ଥା, ୬- ଶୌଚାଳୟ, ୭- ଯାତ୍ରୀ ବିଶ୍ରାମ ଗାର, ୮- ଫ୍ଲାଏ ଓଭବରବ୍ରିଜ୍ ନିର୍ମାଣ ଆଦି ଦାବୀପତ୍ର ଦିଆ ଯାଇଥିଲା । ସିଆରଏସ ଶ୍ରୀ ତ୍ରିପାଠୀ ଉକ୍ତ ଦାବୀପତ୍ରକୁ ଗ୍ରହଣ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଏହାର ବିଚାର ପାଇଁ ଡ଼ିଆରଏମଙ୍କ ସହିତ ଆଲୋଚନା କରିବେ ବୋଲି ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ । ଏହି ପରିଦର୍ଶନରେ ରେଳ ବିଭାଗ ପକ୍ଷରୁ ବହୁପଦାଧିକାରୀ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ଅଂଚଳ ପକ୍ଷରୁ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ହରେକୃଷ୍ଣ ସାହୁ, ଦୟାନିଧି ସେନାପତି, ସୁରେନ୍ଦ୍ର କୁମାର ପାଣୀ, ଗୋପାଳ ସାହୁ, ସୁଧିର ମହାନ୍ତି, ବସନ୍ତ ନାୟକ, ପ୍ରକାଶ କୁମାର ସିଂ, ଗୋପ ଜେନା ପ୍ରମୁଖଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ ।

## ଯୁବକଙ୍କ ଆତ୍ମହତ୍ୟା

କୁଆଁପାଳ ,(ସବ୍ୟୁ) : ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ଅନ୍ତର୍ଗତ ମଧୁପୁର ଗ୍ରାମର ବ୍ରଜବନ୍ଧୁ ଦଳାଇଙ୍କ ସାନପୁଅ ଧନେଶ୍ୱର ଦଳାଇଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ , ଧନେଶ୍ୱର ତାଙ୍କ ଭାଉଜଙ୍କୁ ପ୍ରେମ କରି ୨୦୧୮ ମସିହାରେ ଉଭୟ ଫେରାର ହୋଇ ଯିତବା ସହ ଉଭୟ ସ୍ୱାମୀ ସ୍ତ୍ରୀ ଭାବେ ରହୁଥିଲେ । ତେବେ ଗତ ଦୁଇ ବର୍ଷ ପୂର୍ବେ ଧନେଶ୍ୱର ଏବଂ ତାଙ୍କ ଭାଉଜ କୁହୁଣ୍ଡା ପଂଚାୟତ କୋଠପଦା ବନଗୁରିଆ ଗ୍ରାମରେ ଜୈନିକ ବ୍ୟକ୍ତିଙ୍କ ଘରେ ରହୁଥିଲେ । ଗତକାଲି ରାତିରେ ଧନେଶ୍ୱର ଓ ତାଙ୍କ ଭାଉଜ ଖାଇ ପିଇ ଶୋଇଥିଲେ । ଆଜି ସକାଳୁ ଧନେଶ୍ୱର ଏକ ରଶିରେ ପଙ୍ଖାରେ ଝୁଲି ରହିଥିବା ତାଙ୍କ ଭାଉଜ ଦେଖିବାକୁ ପାଇଥିଲେ । ପରେ ଖବର ପାଇ ଫାଣ୍ଡି ଅଧିକାରୀ ମନୋଜ କୁମାର ବେହେରା ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହିତ ଥାନା କେସ ନଂ ୧୯ /୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି ।

## ଆରଆଇ ଅଫିସରୁ ଚୋରି

କୁଆଁପାଳ/ମାହାଙ୍ଗା, (ସବ୍ୟୁ) : ତହସିଲ ଅଧିନ ଗୌଡପଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଗତ କାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ ତାଲା ଭାଙ୍ଗି ଚୋରି କରିଥିବା ସଂପର୍କରେ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଛି । ଖବରରୁ ପ୍ରକାଶ , ଗତକାଲି ବିଳମ୍ବିତ ରାତିରେ କେହି ଦୁବୃତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଏକ କୋଠରୀର ତାଲା ଭାଙ୍ଗି ଗୃହରେ ଥିବା ଇନଭର୍ଟର ,ବ୍ୟାଟେରୀ ଏବଂ ପାଣି ମୋଟର ଚୋରି କରିଥିବା ନେଇ ରାଜସ୍ୱ ନିରୀକ୍ଷକ ମଳୟ ରଞ୍ଜନ ଦାସ ଥାନାରେ ଅଭିଯୋଗ କରିଛନ୍ତ।

## ମତ୍ସ୍ୟଜୀବୀ ହେଉଛନ୍ତି ସ୍ୱାବଲମ୍ବୀ

ମଙ୍ଗଳପୁର ,(ସବ୍ୟୁ) : ଦଶରଥପୁର ବ୍ଲକର ବହୁ ପଞ୍ଚାୟତ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଏବଂ ପି.ଏମ୍.ଏମ୍.ଏସ୍.ୱାଇ ଯୋଜନା ମାଧ୍ୟମରେ ବହୁ ଲୋକ/ମତ୍ସ୍ୟଜୀବୀ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଦଶରଥପୁର ବ୍ଲକର ନିଜାମପୁର,ଖାନନଗର,କମାରଡିହ, କୟାଁ ଗ୍ରାମ ପଞ୍ଚାୟତରେ ଜଳବାୟୁ ସ୍ଥିର କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଯୋଜନା ମାଧ୍ୟମରେ ୧୦୦ ଶତକଡା ରିହାତିରେ ସରକାରୀ ଯୋଜନାରେ ଲାଭ ସହ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ମାଧ୍ୟମରେ ଜାଲ, ପୋଖରି ଖନନ, ବାୟୋଫ୍ଲକ୍ ଚାଷ ଏବଂ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ, ପ୍ରଧାନ ମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ମାଧ୍ୟମରେ ଗ୍ରୋ ଆଉଟ୍ ଯୋଜନାରେ ପୋଖରୀ ଖନନ, ମହିଳା ଏବଂ ପୁରୁଷ ଅନୁସୂଚିତ ଜାତି ଏବଂ ଜନଜାତଙ୍କୁ ମାଛ ଚାଷ ସମ୍ବର୍ଦ୍ଧିତ ପ୍ରଶିକ୍ଷଣ ଦିଆଯାଇଛି । ଖୁବ୍ ଶୀଘ୍ର ସେମାନଙ୍କ ଅଗ୍ରଗତି ନିମନ୍ତେ ମଧୁର ଜଳ ପ୍ରଜନନ ୟୁନିଟ୍ ଅବସ୍ଥାପିତ ହେବ । ସୁନାମୁଖି ଏବଂ ପଦ୍ମଲୋଚନ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ପ୍ରତ୍ୟେକ ସମିତି ୧ ଲକ୍ଷ୍ୟ ଟଙ୍କା ବ୍ୟବସାୟ ନିମନ୍ତେ ସରକାର ତରଫରୁ ଋଣ ଅର୍ଥ ପାଇ ଲାଭବାନ ହୋଇଛନ୍ତି ।

# ଗାଦି ଛାଡୁନାହାଁନ୍ତି ସିଆରସିସି : ନୂତନ ନିଯୁକ୍ତି ଠପ୍

ରଘୁନାଥପୁର ,(ସବ୍ୟୁ) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସିଆରସିସି(ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ)ନିଯୁକ୍ତିକୁ ନେଇ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଥିବା ସଦୃଶ୍ୟ ହୋଇଛି । ଗତ ବର୍ଷେ ତଳୁ ୫ କ୍ଲଷ୍ଟର ସିଆରସିସି ଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ସୁଧା ପ୍ରଶାସନ ସବୁ ଜାଣି ଅଜଣା ଭଳି ହେଉଛି । ଫଳରେ ନୂତନ ଭାବେ ଆବେଦନ କରିଥିବା ବ୍ୟକ୍ତିଙ୍କୁ ମିଳୁନି ସୁଯୋଗ । ଅନ୍ୟପକ୍ଷେ ପୁରୁଣା ବାବୁମାନେ ଗାଦି ଛାଡ଼ିବା ପରିବର୍ତ୍ତେ ପ୍ରଶାସନର କୋହଳ ମନବୃତିରୁ ଫାଇଦା ଉଠାଇ ଚାଲିଛନ୍ତି । ଯାହାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ଗତ ଅକ୍ଟୋବର ୨୦୨୪ ରେ ରଘୁନାଥପୁର ମଣ୍ଡଳର ବିଭିନ୍ନ କ୍ଲଷ୍ଟରରେ କାର୍ଯ୍ୟରତ ୫ ଜଣ ସିଆରସିସିଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ଏହି କ୍ରମରେ ନୂତନ ସିଆରସିସି ପଦବୀ ପାଇଁ ୩ ଜଣ ଶିକ୍ଷକ ନିଜ ନାମ ଆବେଦନ କରିଛନ୍ତି । ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପତ୍ର ଯୋଗେ ଅବଗତ କରାଯାଇଛି । ଗତ ୪ ମାସ ତଳୁ ଏମାନଙ୍କ ଭିଜନିଂ ଟେଷ୍ଟ କରି ନିଯୁକ୍ତି ଦେବା ପରିବର୍ତ୍ତେ ଜିଲ୍ଲା ଶିକ୍ଷାବିଭାଗ ଏହାକୁ ଗଡେଇ ଚାଲିଛି । ଏହା ମଧ୍ୟରେ ବାହାର ବ୍ଲକ ଅଞ୍ଚଳର ଦୁଇଜଣ ଶିକ୍ଷକ ସିଆରସିସି ନିଯୁକ୍ତିକୁ ନେଇ କୋର୍ଟରେ କେସ କରିବା ଫଳରେ ଜିଲ୍ଲା ଶିକ୍ଷା ବିଭାଗ କୋର୍ଟରେ କେସ ଚାଲିଥିବା ଦର୍ଶାଇ ନିଯୁକ୍ତି ପ୍ରକ୍ରିୟାରୁ ହଟିଯାଇଛି । ଯାହା ପରିସ୍ଥିତିକୁ ଗମ୍ଭୀର କରିଥିବାବେଳେ କାର୍ଯ୍ୟକାଳ ଶେଷ ହୋଇଥିବା ବାବୁମାନଙ୍କୁ ଏହା ପରୋକ୍ଷରେ ସୁହାଉଛି । ଏସବୁ ବ୍ୟତିକ୍ରମ ମଧ୍ୟରେ ନୂତନ ସିଆରସିସି ପଦବୀ ପାଇଁ ଶିକ୍ଷକମାନଙ୍କ ଉତ୍ସାହ କମିବା ସହ ସେମାନେ ଆବେଦନ ପାଇଁ ଇଚ୍ଛା ପ୍ରକାଶ କରୁନଥିବା ଦେଖାଯାଇଛି । ଏ ସମ୍ପର୍କରେ ନିଯୁକ୍ତି ଦାୟୀତ୍ୱରେ ଥିବା ଅଧିକାରୀ ତପନ ନନ୍ଦଙ୍କୁ ପଚାରିବାରେ ସେ କୁହନ୍ତି ଯେ କୋର୍ଟରେ କେସ ଚାଲିଥିବାରୁ ସାରା ଜିଲ୍ଲାରେ ସିଆରସିସି ନିଯୁକ୍ତି ପ୍ରକ୍ରିୟା ବନ୍ଦ ରହିଛି । ଯଦି ଆବଶ୍ୟକତା ଅନୁଯାଇ ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ଆବେଦନକାରୀଙ୍କୁ ଆଗାମୀ ନିଯୁକ୍ତି ପ୍ରକ୍ରିୟା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ରଖାଯିବା ପାଇଁ ଲେଟର ଆସେ ତାହାଲେ ଜିଲ୍ଲାପାଳ ଏ ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ଦାୟୀତ୍ୱରେ ଥିବା ବିଇଓ ମଧୁସ୍ମିତା ପତି ଏ ସମ୍ପର୍କରେ ଜିଲ୍ଲା ଅଫିସରୁ ବୁଝି ନିଷ୍ପତ୍ତି ନେବେ ବୋଲି ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବ୍ଲକ ଶିକ୍ଷାଧିକାରୀ ନୂତନ ଆବେଦନକାରୀଙ୍କୁ ଅସ୍ଥାୟୀ ଭାବେ ସିଆରସିସି ପଦବୀରେ ରଖାଯିବା ପାଇଁ ଜିଲ୍ଲା ଶିକ୍ଷାବିଭାଗକୁ ଚିଠି ଲେଖିବା ପାଇଁ ମତ ପ୍ରକାଶ ପାଇଛି । ଏହାଛଡା ଜିଲ୍ଲାପାଳ,ଗଣଶିକ୍ଷା ମନ୍ତ୍ରୀ ଓ ସଚିବ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଅଞ୍ଚଳବାସୀ ତଥା ଶିକ୍ଷକ ସମାଜ ପକ୍ଷରୁ ଦାବୀ ହେଉଛି ।

## ଅଫିସ ଭିତରେ ବଡଚଣା ବିଡ଼ିଓଙ୍କୁ ଅସୌଜନ୍ୟ ବ୍ୟବହାର

ଚଣ୍ଡିଖୋଲ,(ସବ୍ୟୁ): ସୋମବାର ଦିନ ଅପରାହ୍ଣରେ ବଡ଼ଚଣା ବ୍ଲକ ବିଡ଼ିଓଙ୍କ କାର୍ଯ୍ୟାଳୟ ଭିତରେ ପଶି ତିନି ଜଣ ଯୁବକ ଭିଷଣ ପାଟିତୁଣ୍ଡ କରିବା ସହିତ ବିଡିଓଙ୍କୁ ଅସୌଜନ୍ୟ ବ୍ୟବହାର କରି ଖରାପ ଭାଷାରେ ଗାଳିଗୁଲଜ କରିଥିବା ଜଣାପଡିଛି । ଏହି ଘଟଣାକୁ ନେଇ ବିଡ଼ିଓ ରବିନ୍ଦ୍ରକୁମାର ପ୍ରଧାନ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ବିଡ଼ିଓଙ୍କ କାର୍ଯ୍ୟାଳୟରେ ଛତୁଆ ଯୋଗାଣ ପାଇଁ ପକାଯାଇଥିବା ଟେଣ୍ଡର ସୋମବାର ଖୋଳଲାଯାଇଥିଲା । ଯେଉଁମାନେ ଟେଣ୍ଡର ପକାଇଥିଲେ ସମସ୍ତେ ସେଠାରେ ଉପସ୍ଥିତ ଥିଲେ । ତେବେ କୌଣସି କାରଣରୁ ହଠାତ ସଂପୃକ୍ତ ତିନିଜଣ ଯୁବକ ବିଡ଼ିଓଙ୍କ କାର୍ଯ୍ୟାଳୟରେ ପଶି ଏପରି କାଣ୍ଡ ଭିଆଇବା ସହ ବିଡ଼ିଓ ଶ୍ରୀ ପ୍ରଧାନଙ୍କୁ ବିଭିନ୍ନ ପ୍ରକାର ଖରାପ ଭାଷାରେ ଗାଳିଦେଲେ । ଏହାକୁ ନେଇ ବିଡ଼ିଓ ବଡ଼ଚଣା ଥାନାରେ ଉକ୍ତ ତିନିଜଣ ଯୁବକ କୃଷଚନ୍ଦ୍ର ସାହୁ, ସତ୍ୟପ୍ରକାଶ ସାମଲ ଓ ଜୟପ୍ରକାଶ ସାମଲଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ବଡଚଣା ପୋଲିସ ଏକ ମାମଲା ରୁଜୁ କରିବା ସହ ସଂପୃକ୍ତ ଯୁବକ ମାନଙ୍କୁ ଖୋଜୁଥିବା ଜଣାପଡିଛି ।

## ହୋଟେଲ ଓ ଫାଷ୍ଟ ଫୁଡରେ ଗୋମାଂସ ଘଟଣା

# ଖାନେ କି ଫରମାଇସ ପକ୍ଷରୁ ଘଟଣା ମିଥ୍ୟା ଓ ନିରପେକ୍ଷ ତଦନ୍ତ ଦାବୀ

ଜଗତସିଂହପୁର,(ସବ୍ୟୁ):ଗତ ଶନିବାର ଦିନ ଗାଲୁପଡା ଛକ ନିକଟରୁ ଜୋତ ଗ୍ରାମର ସେକ ଜାକିର ଖାନ ଠାରୁ ଗୋମାଂସ ବୋଝେଇ ବ୍ୟାଗ ଜବତ ହୋଇଥିଲା ।ପୋଲିସ ସେକ ଜାକର ଖାନଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଛି ।ଦିର୍ଘ ଦିନ ହେବ ଜିଲ୍ଲା ସଦର ମହକୁମା ଅଞ୍ଚଳରେ ଗୋମାଂସ ସପ୍ଲାଏ ହେଉଥିବା ଅଭିଯୋଗ ହୋଇଥିଲା ।ଏହାକୁ ନେଇ ବଜରଙ୍ଗ ଦଳର କର୍ମୀମାନେ ସଜାଗ ହେବା ସହିତ ସଂପୃକ୍ତ ଗୋମାଂସ ସପ୍ଲାଏ କରୁଥିବା ବ୍ୟକ୍ତିକୁ ଧରିବା ପାଇଁ ଜଗି ରହିଥିଲେ ।ଶନିବାର ଦିନ ଗାଲୁପଡା ଛକ ନିକଟରୁ ଗୋମାଂସ ନେଇ ଆସୁଥିବା ସେକ ଜାକିର ଖାନକୁ ବଜରଙ୍ଗ ଦଳର କର୍ମୀମାନେ ଧରିଥିଲେ ।ଜବତ ଗୋମାଂସ ଗୁଡିକ ସଦର ମଧ୍ୟରେ ବିଭିନ୍ନ ହୋଟେଲ ଓ ଫାଷ୍ଟ ଫୁଡକୁ ସପ୍ଲାଏ ହେଉଥିବା ଚର୍ଚ୍ଚା ଜୋର ଧରିଥିଲା ।ଏହି ଖବର ସୋସିଆଲ ମିଡିଆରେ ଜୋରଦାର ପ୍ରସାରଣ ହୋଇଥିଲା ।କେତେକ ନିର୍ଦ୍ଦିଷ୍ଟ ହୋଟେଲର ନାମ ସୋସିଆଲ ମିଡିଆରେ ପ୍ରସାରଣ ହେବା ପରେ ଆଲୋଚନା ଜୋରଦାର ଚାଲିଛି ।ଯାହା ଫଳରେ ହୋଟେଲ ଶିଳ୍ପ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଛି ।ସୋସିଆଲ ମିଡିଆରେ ପ୍ରସାରିତ ଖବରକୁ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଖାନେ କି ଫରମାଇସ ଓ ଉନ୍ନତ ଜମଜମର ମାଲିକ ।ସୋସିଆଲ ମିଡିଆରେ ଖାନେ କି ଫରମାଇସ ନାମକୁ ନେଇ ଉଠିଥିବା ଅଭିଯୋଗକୁ ନେଇ ଆଜି ଖଣ୍ଡନ କରିଛନ୍ତି ହୋଟେଲର ମାଲିକ ସାଇକ୍ରୀଷ୍ଟା ପରିଡା ।ଖାନେ କି ଫରମାଇସ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସାଇପ୍ରଜ୍ଞା ତାଙ୍କ ହୋଟେଲରେ ଏଭଳି କାର୍ଯ୍ୟ ହୁଏ ନାହିଁ କହିବା ସହିତ ଆଇନର ଆଶ୍ରୟ ନେଇଛନ୍ତି ବୋଲି କହିଥିଲେ ।ତାଙ୍କର କହିବା ଅନୁସାରେ ସେ ଜଣେ ହିନ୍ଦୁ ଧର୍ମର ଲୋକ ହୋଇଥିବା ବେଳେ ଖାନେ କି ଫରମାଇସ ବିରୋଧରେ ହେଉଥିବା ଅପପ୍ରଚାରକୁ ସେ ନିନ୍ଦା କରିଛନ୍ତି ।ଜଣେ ଡାକ୍ତରୀ ଛାତ୍ରୀ ହିସାବରେ ହୋଟେଲ ବ୍ୟବସାୟରେ ତାଙ୍କ ରୁଚି ରହିଥିବା ବେଳେ ଜଗତସିଂହପୁର ସଦର ମହକୁମାରେ ଏକ ଉନ୍ନତ ଧରଣର ହୋଟେଲ ବ୍ୟବସାୟ ଆରମ୍ଭ କରିଥିବା ସାଇକ୍ରୀଷ୍ଟା କହିଥିଲେ ।ତାଙ୍କ ବ୍ୟବସାୟକୁ କ୍ଷତି ପହଞ୍ଚାଇବାକୁ କୁଚକ୍ରୀ ଗୋଷ୍ଠୀ ମିଛ ବଦନାମ କରୁଛନ୍ତି ବୋଲି କହିଛନ୍ତି ।ହୋଟେଲରେ ୬୦ ରୁ ଉର୍ଦ୍ଧ୍ୱ ସିସିଟିଭି ଲାଗିଥିବା ବେଳେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଏହି ଘଟଣାକୁ ନେଇ ତଦନ୍ତ କରି ସତକଥା ସାମନାକୁ ଆଣିବାକୁ ସାଇକ୍ରୀଷ୍ଟା କହିଛନ୍ତି ।

# ଧର୍ମପରାୟଣା ମହିଳାଙ୍କ ପରଲୋକ



କେନ୍ଦ୍ରାପଡ଼ା ,(ସବ୍ୟୁ) : କେନ୍ଦ୍ରାପଡାଲ କଲେଜ କଲୋନୀର ଧର୍ମପରାୟଣା ମହିଳା ନିରୁପମା ବିଶ୍ୱାଳ ଙ୍କ ର ୭୮ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ସ୍ନେହୀ,ମିଷ୍ଟବାସୀ,ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ । ତାଙ୍କର ପରଲୋକ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ସ୍ୱାମୀ ଙ୍କର ପୈତୃକ ଗ୍ରାମ ତରଡ଼ିପାଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ବେଳେ ଜ୍ୟେଷ୍ଠପୁତ୍ର ସୌମିତ୍ର ବିଶ୍ୱାଳ (ମିଟୁ) ମୁଖାର୍ଗ୍ନି ଦେଇଥିଲେ । ନିକଟରେ ତାଙ୍କର ସ୍ୱାମୀ ଅବସର ପ୍ରାପ୍ତ ଉଦ୍ଭିଦ ବିଭାଗ ପ୍ରାଧାପକ ଶରତ ଚନ୍ଦ୍ର ବିଶ୍ୱାଳ, ସାନ ପୁଅ ପିଣ୍ଟୁ, ସିଣ୍ଟୁ ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ।

# ନାଉଗାଁ ବିଡିଓଙ୍କ ମନମାନି : ଆନ୍ଦୋଳନକୁ ଓହ୍ଲାଇବେ ପିଆରଆଇ ସଦସ୍ୟ

ନାଉଗାଁ ,(ସବ୍ୟୁ) : ଦୀର୍ଘ ଏକବର୍ଷ ହେବ ନାଉଗାଁ ବ୍ଲକରେ ଏକପ୍ରକାର ଅଚଳାବସ୍ଥା ଲାଗିରହିଛି । କେତେବେଳେ ଧାରଣା ତ କେତେବେଳେ ଧର୍ମଘଟ କରୁଛନ୍ତି ପିଆରଆଇ ସଦସ୍ୟ । ପ୍ରସାଶନ ଓ ଲୋକ ପ୍ରତିନିଧି ମାନଙ୍କ ମଧ୍ୟରେ ଏକପ୍ରକାର ତାଳମେଳ ରହୁ ନଥିବା ମଧ୍ୟ ଦେଖିବାକୁ ମିଳିଛି । ଦୁଇଟି ବିଡିଓଙ୍କ ବିରୋଧରେ ଏମାନେ ସ୍ୱର ଉତ୍ତୋଳନ କରିବା ପରେ ଏବେ ତୃତୀୟ ବିଡିଓ ଙ୍କ ବିରୋଧରେ ମଧ୍ୟ ସମାନ ଅଭିଯୋଗ ଆସିଛି । ନାଉଗାଁ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ,ନିର୍ବାଚିତ ଜନପ୍ରତିନିଧିମାନେ ଏକତ୍ର ହୋଇ ମଣ୍ଡଳ ଉନ୍ନୟନ ଅଧିକାରୀ (ବି.ଡି.ଓ.) ଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ଜଣାଇଛନ୍ତି । ସେମାନେ ଆଜି ଏକ ଅଭିଯୋଗ ପତ୍ର ଦେଇ ବି.ଡି.ଓ.ଙ୍କ କାର୍ଯ୍ୟ ପ୍ରଣାଳୀକୁ ନିଶାନା କରିଛନ୍ତି ଓ ୭ ଦିନ ମଧ୍ୟରେ ଦାବୀଗୁଡ଼ିକ ପୂରଣ ନହେଲେ ଧାରଣା ଓ ପରବର୍ତ୍ତୀ ଘେରାଉ ଆନ୍ଦୋଳନର ଚେତାବନୀ ଦେଇଛନ୍ତି । ପ୍ରତିନିଧିମାନଙ୍କ ଅଭିଯୋଗ, ବି.ଡି.ଓ. ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକୁ ବିନା ପଞ୍ଚାୟତ ସମିତି ଅନୁମତିରେ ବନ୍ଦ କରୁଛନ୍ତି ଓ ସ୍ୱଇଚ୍ଛାରେ କାର୍ଯ୍ୟ କରୁଛନ୍ତି, ଯାହା ସମ୍ବିଧାନ ବିରୋଧୀ ଅଟେ । ଏହି ଅଭିଯୋଗ ପତ୍ରରେ ଦଶଟି ମୁଖ୍ୟ ଦାବୀ ଉଠା ଯାଇଛି । ବିଭିନ୍ନ ପଞ୍ଚାୟତରେ ପଡ଼ିରହିଥିବା ଜିଆଇଏ ପ୍ରକଳ୍ପଗୁଡ଼ିକୁ ତତ୍କାଳ କାର୍ଯ୍ୟାଦେଶ ଜାରି କରିବା, ପଞ୍ଚାୟତ ସମିତି ସଭ୍ୟମାନଙ୍କ ହାତପାଣ୍ଠି ଭୁଗତାନରେ ହେଉଥିବା ବିଳମ୍ବ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନିୟମିତତା, ପି.ଇ.ଓ.ମାନଙ୍କୁ ବିନା ପରାମର୍ଶରେ ବଦଳି କରାଯିବା, ପଞ୍ଚାୟତ ସମିତିର ନିଷ୍ପତ୍ତି ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବା, ଭାଉଚର ମାଧ୍ୟମରେ ହେଉଥିବା ଅନିୟମିତ ଖର୍ଚ୍ଚର ତଦନ୍ତ, ଜାତୀୟ ପଞ୍ଚାୟତ ଦିବସ ଓ ଅନ୍ତ୍ୟୋଦୟ ଯୋଜନା ଅବସରରେ ହୋଇଥିବା ଖର୍ଚ୍ଚର ତଦନ୍ତ, ଜନପ୍ରତିନିଧିମାନଙ୍କୁ କାର୍ଯ୍ୟକ୍ରମ ସୂଚନା ନ ଦେବା, ସମ୍ପୂର୍ଣ୍ଣ କାର୍ଯ୍ୟ ହେଲେ ମଧ୍ୟ ବିଲ୍ ପ୍ରଦାନରେ ବିଳମ୍ବ ଓ ଗ୍ରାମପଞ୍ଚାୟତ ଅର୍ଥ ରାଶି ବ୍ଲକ କାର୍ଯ୍ୟାଳୟରେ ପଡ଼ି ରହିଥିବା ସତ୍ତ୍ୱେ ହସ୍ତାନ୍ତର ନ ହେବା ସେମାନେ ଅଭିଯୋଗ କରିଛନ୍ତି । ଯଦି ଆଗାମୀ ସପ୍ତାହ ମଧ୍ୟରେ ପ୍ରଶାସନ ତାଙ୍କ ଦାବୀଗୁଡ଼ିକ ପୂରଣ ନକରେ ସେମାନେ ପ୍ରଥମେ ଧାରଣା ଦେବେ ଓ ପରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଗଣତାନ୍ତ୍ରିକ ଆନ୍ଦୋଳନ ଆରମ୍ଭ କରିବେ । ଏହି ଅଭିଯୋଗ ପତ୍ରର ନକଲ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ସଚିବ, ଜିଲ୍ଲାପାଳ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତି ପାଇଁ ପଠାଯାଇଛି । ଏଥି ସହିତ ସମସ୍ତ ଇଲେକ୍ଟ୍ରୋନିକ ଓ ପ୍ରିଣ୍ଟ ମିଡ଼ିଆ ମାଧ୍ୟମକୁ ମଧ୍ୟ ମେମୋରେଣ୍ଡମର ପ୍ରତିଲିପି ଦିଆଯାଇଛି, ଯାହା ଫଳରେ ନାଉଗାଁ ବ୍ଲକର ପ୍ରଶାସନିକ ପରିସ୍ଥିତିକୁ ନେଇ ଅଞ୍ଚଳରେ ଚର୍ଚ୍ଚା ତିବ୍ର ହୋଇଛି । ଏହି ଦାବିପତ୍ର ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା ନେତୃତ୍ୱରେ ସୁଜିତ କୁମାର ପୁହାଣ ଉପାଧ୍ୟକ୍ଷ, ଦିଲୀପ ନାୟକ, ପ୍ରଶାନ୍ତ କୁମାର ଜେନା, ନିହାର ରଞ୍ଜନ ବସ୍ତିଆ, ତରୁଣ କାନ୍ତ ବାରିକ,ଦୋଳ ଗୋବିନ୍ଦ ରାଉଳ ,ନିହାର ରଞ୍ଜନ ବସ୍ତିଆ, ପ୍ରିୟଦର୍ଶିନୀ ଲେଙ୍କା,ମାନସୀ ଲେଙ୍କା ଆଦି ସମସ୍ତ ସମିତି ସଭ୍ୟ ସଭ୍ୟା ଏବଂ ସରପଞ୍ଚ ମାନେ ପ୍ରଦାନ କରିଛନ୍ତି । ଏହି ଘଟଣାକୁ ନେଇ ବିଡିଓଙ୍କ ପ୍ରତିକ୍ରିୟା ଜାଣିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବପର ହୋଇ ନାହିଁ ।

# ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ସାଲେପୁର, (ସବ୍ୟୁ) : -ସାଲେପୁର ଶିକ୍ଷା ମଣ୍ଡଳ ଅଧୀନ କଲ୍ୟାଣପୁର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତଛାତ୍ରୀମାନଙ୍କ ଦ୍ୱାରା ଚିତ୍ରାଙ୍କନ,ହସ୍ତାକ୍ଷର,ବକ୍ତୃତା,କୁଇଜ ଓ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା । ସାଲେପୁର ଆଦର୍ଶ ବିଦ୍ୟାଳୟ ପରିସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ସାଲେପୁର ଶିକ୍ଷା ମଣ୍ଡଳ ଅଧିକାରୀ ଲକ୍ଷେ ହୀରା ଲାବଣ୍ୟବତୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କର ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରୁଛି ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସହ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବିଆରସିସି ରଂଜନ କୁମାର ସାମଲ, ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଯଶୋବନ୍ତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପ୍ରଶଂସା ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲାଛଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଇତିଶ୍ରୀ ମଲ୍ଲ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବା ବେଳେ ଶିକ୍ଷକ ସଦାଶିବ ନାୟକ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଲକ୍ଷ୍ମୀନୃସିଂହ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ତୃପ୍ତି ଦାଶ,କଲ୍ୟାଣ ପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଲୋଚନା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ସାଧନ କେନ୍ଦ୍ର ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ,ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# କ୍ରିଷ୍ଣାନନ୍ଦପୁର ପୋଲିସର ଚଢାଉ : ଡକାୟତ ଗିରଫ

ଜଗତସିଂହପୁର (ସବ୍ୟୁ):ନୂଆଗାଁ ସାଇଫନ ବ୍ରିଜ ନିକଟରେ ଡକାୟତି ଯୋଜନା କରୁଥିବା ବେଳେ କ୍ରୀଷ୍ଣାନନ୍ଦପୁର ପୋଲିସର ଚଢାଉ କରି ଜଣେ ଡକାୟତକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିବା ପୋଲିସ ସୁଚନା ଦେଇଛି ।ଗିରଫ ଡକାୟତ ଜଣକ କେନ୍ଦ୍ରାପଡା ଜିଲ୍ଲା ମୁଗବାଡି ଗ୍ରାମର ସେକ ମୁସ୍ତକିମ ଓରଫ ବାବୁ ।ବାବୁ ନିକଟରୁ ୨ଟି ସୁନା ଚେନ ସହିତ ଏକ ଦେଶୀ ବନ୍ଧୁକ ପୋଲିସ ଜବତ କରିଥିବା ଆଜି ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି ।ବାବୁ ନାମରେ କଟକ,କେନ୍ଦ୍ରାପଡା,ଜଗତସିଂହପୁର,କନ୍ଧମାଳ ଆଦି ଜିଲ୍ଲାର ବିଭିନ୍ନ ଥାନାରେ ଚୋରୀ,ଡକାୟତି,ବ୍ରାଉନ ସୁଗାର,ଗୋ ଚାଲାଣ ଆଦି ୧୮ଟି ଅପରାଧୀକ ମାମଲା ରହିଛି ।ଗତକାଲି ରାତିର କ୍ରୀଷ୍ଣାନନ୍ଦପୁର ପୋଲିସର ଏକ ଟିମ ୨ ଜଣ ଡକାୟତ ବନ୍ଧୁକ ମୁନରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ବିଶେଷ ସୁତ୍ରରୁ ଖବର ପାଇଥିଲେ ।ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି କୌଶଳକ୍ରମେ ସେକ ମୁସ୍ତକିମକୁ କାବୁ କରିବାରେ ସକ୍ଷମ ହୋଇଥିଲା ।ସେକ ମୁସ୍ତକିମ ଓରଫ ବାବୁ ଟିଙ୍କୁ ତରାଇ ଗ୍ୟାଙ୍ଗର ବୋଲି ସୁଚନା ମିଳିଛି ।ଗତ ୯ ତାରିଖରେ ଜିଲ୍ଲା ଓ ଜିଲ୍ଲା ବାହାରେ ନିୟମିତ ଡକାୟତି କରୁଥିବା ମୋଷ୍ଟ ୱାଣ୍ଟେଡ ଟିଙ୍କୁ ତରାଇ ଓ ତାର ୩ ଜଣ ସହଯୋଗୀଙ୍କୁ ଜେଲକୁ ପଠାଇଛି ।ଏହି ସମ୍ମିଳନୀରେ ଡିଏସପି ରଶ୍ମୀରଞ୍ଜନ ଦାଶ ଓ କ୍ରୀଷ୍ଣାନନ୍ଦପୁର ଥାନା ଅଧକାରୀ ଉପସ୍ଥିତ ରହିଥିଲେ ।

# ଇଷ୍ଟ ଜୋନ ମର୍ଦାନି ସ୍ପୋର୍ଟ୍ସ ରେଫରୀ ଓ ପ୍ଲେୟାର୍ସ ଟ୍ରେନିଂ ସେମିନାର




ବ୍ୟାସନଗର,(ଜିପ୍ର): ବ୍ୟାସନଗରର ମଲଟି ପ୍ରପୋଜ ଇଣ୍ଡୋର ଷ୍ଟାଡିଅମ ଠାରେ ଦୁଇ ଦିନ ଧରି ଇଷ୍ଟ ଜୋନ ମର୍ଦାନି ସ୍ପୋର୍ଟସ ରେଫରୀ ଏବଂ ପ୍ଲେୟାର୍ସ ଟ୍ରେନିଂ ସେମିନାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଜିଲ୍ଲାର ମୁଖ୍ୟ ସ୍ପୋର୍ଟସ ଅଫିସର ଫକୀର ମୋହନ ଟୁଡୁ ଯୋଗ ଦେଇ ସେମିନାରକୁ ଘଦଘାଟନ କରିଥିଲେ । ସେମିନାରରେ ୪ଟି ରାଜ୍ୟରୁ ୧୫୦ଜଣ ଖେଳାଳୀ ଏବଂ ରେଫରୀ ଅଂଶ କାରିଥିଲେ । ନାସନାଲ ମର୍ଦନି ସ୍ପୋର୍ଟସ ସଂଘର ମୁଖ୍ୟକୋଚ ସନ୍ତୋଷ ଖଣ୍ଡେଇ ଖେଳାଳୀ ମାନଙ୍କୁ ଟ୍ରେନିଂ ଦେଇଥିଲେ । ଉଦ୍‌ଯାପାନୀ ଉତ୍ସବରେ ଯାଜପୁର ରୋଡ଼ ଥାନା ଅଧିକାରୀ ଆଶିଷ ସାହୁ ଯୋଗ ଦେଇ ଖଳାଳୀ ମାନଙ୍କୁ ସମ୍ବୋଧନ କରି ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେମିନାରକୁ ଓଡିଶା ମର୍ଦନି ସ୍ପୋର୍ଟସ ସଂଘ ପରିଚାଳନା କରିଥିଲା । ଏଥିରେ ଓଡିଶା ମର୍ଦନି ସ୍ପୋର୍ଟସେ ସାଙ୍ଗର ସଭାପତି ରାଜେଶ କୁମାର ରାଉତ, ଉପ ସଭାପତି ଜିତେନ୍ଦ୍ର ପ୍ରସାଦ ସାମଲ, ସମ୍ପାଦକ ମନୋରଞ୍ଜନ ଭଞ୍ଜ, ଉପଦେଷ୍ଟା ବାଇଧର ପ୍ରଧାନ ଏବଂ ଅନ୍ୟନ ସଦସ୍ୟ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ।

# ବିପଦରେ ଷୋଳପୁର-ମଦରଙ୍ଗ ନଦୀବନ୍ଧ : ଯନ୍ତ୍ରୀଙ୍କ ହାତରେ ସୁରକ୍ଷା ଦାୟିତ୍ୱ

ଗୋପ, (ସବ୍ୟୁ): ସରକାରଙ୍କ ନିୟମ ରହିଛି ନିଜ ଅଞ୍ଚଳରେ ରହି କୌଣସି ଯନ୍ତ୍ରୀ କାର୍ଯ୍ୟ କରି ପାରିବେ ନାହିଁ ।ସେହିପରି ବ୍ଲକ ହେଉ କିମ୍ବା ଅନ୍ୟ ସରକାରୀ ବିଭାଗରେ କାର୍ଯ୍ୟ କରୁଥିବା ଯନ୍ତ୍ରୀ କିମ୍ବା ସରକାରୀ ଅଧିକାରୀ ସେହି ଅଞ୍ଚଳରେ ଅଧିକ ଦିନ ରହି ପାରିବେ ନାହିଁ ମାତ୍ର ସବୁ ନିୟମ କାନୁନକୁ ଦୃଷ୍ଟି କରିଛି ନିମାପଡା ଜଳ ସମ୍ପଦ ବିଭାଗ ।ବିଜେଡି ସରକାର ସମୟରେ ଉକ୍ତ ଅଧିକାରୀଙ୍କୁ ହାତ କରି ଗୋପ ଅଞ୍ଚଳର ଜଣେ ଯନ୍ତ୍ରୀ ନିଜ ଅଞ୍ଚଳରେ ରହି କୋଟି କୋଟି ଟଙ୍କାର ଦୁର୍ନୀତି କରିଥିବା ଅଭିଯୋଗ ହେଉଛି । ଉକ୍ତ ପଦସ୍ଥ ଅଧିକାରୀଙ୍କୁ ହାତ କରି ସମସ୍ତ କାର୍ଯ୍ୟ ନିଜେ କରୁଥିବା ବେଳେ ବିନା ଟେଣ୍ଡର କାର୍ଯ୍ୟକୁ ଦେଜେକ ପେଟି ଠିକାଦାରଙ୍କୁ ଦେଇ ବ୍ୟାପକ ଅନିୟମିତ କରାଯାଉଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଛି ।ସେହିପରି ନିମାପଡା ଜଳସମ୍ପଦ ବିଭାଗ ଅନ୍ତର୍ଗତ ଗୋପ ବ୍ଲକ ଉପଖଣ୍ଡ ଷୋଳପୁର-ମଦରଙ୍ଗ ନଦୀବନ୍ଧ ମରାମତି ନାଁରେ ୨୦୨୦-୨୧ ଆର୍ଥିକ ବର୍ଷରୁ



୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀ ବନ୍ଧ ମରାମତି କରାଯାଇଥିବା ଜୈନିକ ବିଭାଗୀୟ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି । ଜଣେ ଅନଭିଜ୍ଞ ଯନ୍ତ୍ରୀଙ୍କ ପାଇଁ ଏବେ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ତେବେ ଏହି ଷୋଳପୁର-ମଦରଙ୍ଗ କୁଶଭଦ୍ରା ନଦୀବନ୍ଧ ରାସ୍ତା ଦେଇ ନିଆଳିରୁ ପୁରୀ,ଗୋପରୁ ପୁରୀ ଯାତ୍ରୀବାହୀ ବସ ପ୍ରତିଦିନ ଯାତାୟାତ କରୁଥିବା ବେଳେ ଭାରି ଜାନ ସହିତ ଗୋପ ବ୍ଲକର ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତର ହଜାର ହଜାର ଲୋକମାନେ ଯାତାୟାତ କରିଥାନ୍ତି।୨୦୨୦-୨୧ ଆର୍ଥିକ ବର୍ଷରୁ ପ୍ରତି ବର୍ଷ ବନ୍ଧ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ କାର୍ଯ୍ୟ କରିବାର ୧୫ ଦିନ ମଧ୍ୟରେ ବନ୍ଧରୁ ଅତଡା ଖସୁଛି ।କଣ ପାଇଁ ଅତଡା ବାରମ୍ବାର ଖସୁଛି ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ ତଦନ୍ତ କରୁ ନଥିବା କିମ୍ବା ନଦୀବନ୍ଧର ସୁରକ୍ଷା ନିମନ୍ତେ ସ୍ଥାୟୀ ପ୍ରତିକାର କରୁ ନଥିବା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ଅପର ପକ୍ଷେ ଯନ୍ତ୍ରୀ ଜଣଙ୍କ ସ୍ଥାନୀୟ ଅଞ୍ଚଳର ହୋଇଥିବା ଯୋଗୁଁ ନିଜର ଆଧିପତ୍ୟ ବିସ୍ତାର କରି ବେଆଇନ କାର୍ଯ୍ୟ କରି ଲକ୍ଷାଧିକ ଟଙ୍କା ଚକୁ କରୁଥିଲେ ମଧ୍ୟ ସ୍ଥାନୀୟ ଲୋକେ ନିରବ ରହିବାକୁ ବାଧ୍ୟ ହେଉଛନ୍ତି ।ନେତା ମନ୍ତ୍ରୀଙ୍କ ହାତରେ ରଖି ଏଭଳି ନିମ୍ନମାନର କାର୍ଯ୍ୟ କରୁଥିବା ଯୋଗୁଁ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି ।ତେବେ ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଯୋଗ ହୋଇଥିବା ବେଳେ ଭିଜିଲାନ୍ସ ତଦନ୍ତ କରାଗଲେ କୋଟି କୋଟି ଟଙ୍କାର ଦୁର୍ନୀତି ଲୋକ ଲୋଚନକୁ ଆସି ପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଲକ୍ଷାଧିକ ଟଙ୍କାର ବାଣ ଜବତ : ୨ ଗିରଫ

ଆଠଗଡ,(ସବ୍ୟୁ): ଆଠଗଡ ପୋଲିସ ମଙ୍ଗଳବାର ଦିନ ଖୁଣ୍ଟକଟା ଡାରିଣୀ ଛକ ନିକଟରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତ ହେଲେ କଟକ ପୁରୀଘାଟ ଥାନା ଅନ୍ତର୍ଗତ ଡେଲେଙ୍ଗା ବଜାରର ବୃନ୍ଦାବନ ପ୍ରସାଦଙ୍କ ପୁଅ ମିଟୁ ପ୍ରସାଦ (୪୧) ଏବଂ ମର୍କତ ନଗର ଥାନା ଅନ୍ତର୍ଗତ ସିଡିଏ -୭ ଅଞ୍ଚଳ ର ଦାଶରଥୀ ସାହୁଙ୍କ ପୁଅ ବାଦଲ କୁମାର ସାହୁ (୩୦) । ଉଭୟ ଏକ ପିକ ଅପ ଭ୍ୟାନ ନଂ ଓଡି -୦୫-ବିଏ-୪୯୨୧ରେ ପୁରୁଣା ତିଗିରିଆରୁ ଏହି ବାଣ ନେଇ ଆସୁଥିବା ବେଳେ ପୋଲିସ ମାଡି ବସିଥିଲା । ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଥିବା ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି ।





# ଗ୍ରିଲ ଭାଙ୍ଗି ଚୋରି ଘଟଣା: ୨ ଅଭିଯୁକ୍ତ ଗିରଫ

ଶରଣକୁଳ,(ସବ୍ୟୁ): ଶରଣକୁଳ ଥାନା ଅଞ୍ଚଳରୁ ଚୋରି କରିବା ଅଭିଯୋଗରେ ପୁଲିସ ୨ଜଣ ଚୋରଙ୍କୁ ଗିରଫ କରିଛିତାଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିବା ସହିତ ଘଟଣାର ତଦନ୍ତ କରୁଛି। ଶରଣକୁଳ ଏସଆଇ କାର୍ଯ୍ୟାଳୟ ପରିସରରେ ଏକ ପ୍ରେସ ବିଜ୍ଞପ୍ତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ସୂଚନା ଦେଇ କହିଛନ୍ତି ଗତ ୭ତାରିଖ ଦିନ ଶରଣକୁଳ ଥାନା ବାଉଁଶିଆ ଗ୍ରାମର ପ୍ରଶାନ୍ତ କୁମାର ରଥଙ୍କ ଘରେ କେହି ନଥିବାର ସୁଯୋଗନେଇ ତାଙ୍କଘର ଗ୍ରୀଲ ଭାଙ୍ଗି ଚୋରମାନେ ଘରେ ଥିବା ସୁନା ଚେନ, ୨ଟି ରୁପା ଝୁଣ୍ଟିଆ, ଗୋଟିଏ ସାମସଙ୍ଗ ଏଲଇ ଟିଭି, ଗ୍ରାଇଣ୍ଡର, ୨ଟି ଶାଢୀ, ପିତଳ ହଣ୍ଡା, ପିତଳ ଗରା ଓ ପିତଳ ଥାଳି ଆଦି ସାମଗ୍ରୀ ଚୋରି କରି ନେଇଥିଲେ। ପ୍ରଶାନ୍ତ ୮ତାରିଖ ଦିନ ସକାଳୁ ଘରେ ପହଞ୍ଚିବା ପରେ ଘରର ସମସ୍ତ ଜିନିଷ ଚୋରି ହୋଇଥିବା ଜାଣିବାକୁ ପାଇ ଶରଣକୁଳ ଥାନାରେ ଚୋରି ସଂପର୍କରେ ଜଣାଇବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏସପିଙ୍କ ନିର୍ଦ୍ଦେଶକ୍ରମେ ଶରଣକୁଳ ଏସ ଡିପ୍ତିକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାଶ ଓ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢାଉ କରି ଗତକାଲି ବାଉଁଶିଆ ନିକଟସ୍ଥ ଜଙ୍ଗଲରୁ ସେହି ଗ୍ରାମର ସୁକାନ୍ତ ନାହାକଙ୍କ ପୁଅ ସୁନୀଲ ନାହାକ (୧୯) ଓ ଆର୍ଜ ନାହାକଙ୍କ ପୁଅ ରାଜା ନାହାକ (୨୦)ଙ୍କୁ ଗିରଫ କରିଥିଲେ। ଏହି ଦୁଇ ବ୍ୟକ୍ତିଙ୍କୁ ଥାନାକୁ ଆଣି ଜେରା କରିବାପରେ ଆଉ ଜଣେ ଚୋର ତାଙ୍କ ସହିତ ଥିବା ଜାଣିବାକୁ ପାଇଥିଲେ। ଚୋରି ସାମଗ୍ରୀ ନିଜ ସମ୍ପର୍କୀୟଙ୍କ ପାଖରୁ ପୁଲିସ ଜବତ କରିଥିବାବେଳେ ଏହି ଚୋରି ଘଟଣାରେ ଅନ୍ୟ ଜଣକୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଚୋରମାନେ ବିଭିନ୍ନ ସ୍ଥାନରୁ ଚୋରି କରିଥିବାରୁ ସେମାନଙ୍କ ନାମରେ ପୂର୍ବରୁ ମାମଲା ଥିବାରୁ ସେ ସବୁର ତଦନ୍ତ କରାଯିବ ବୋଲି ଶ୍ରୀ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଓସେପର ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପକ୍ଷ ପାଳିତ



ପିପିଲି, (ସବ୍ୟୁ): ପିପିଲି ଅନ୍ତର୍ଗତ କୁଞ୍ଜର ମେଳଣ ପଡିଆ ଠାରେ ସାମାଜିକ ସଂଗଠନ ଅର୍ଗାନାଇଜେସନ ଫର ସୋସିଆଲ ପ୍ରୋଗ୍ରେସନ 'ଓସେପ' ର ଦୁଇଦିନ ବ୍ୟାପି ୧୪ତମ ପ୍ରତିଷ୍ଠା ଦିବସ ଉତ୍ସବ ପାଳନ ସହିତ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଦେଢ଼ ସହ ବର୍ଷର ଜନ୍ମ ଜୟନ୍ତୀ ପକ୍ଷ ପାଳିତ ହୋଇ ଯାଇଅଛି। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ 'ଓସେପ' ର ସଭାପତି ପ୍ରେମାନନ୍ଦ ପ୍ରଧାନ ସଂଗଠନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଏବଂ ବିର୍ସାମୁଣ୍ଡାଙ୍କ ଜୀବନୀ ସମ୍ପର୍କରେ ଆଲୋକ ପାତ କରିଥିଲେ । ଶିକ୍ଷାବିତ ଚରଣ ନାୟକ ମୁଖ୍ୟ ଅତିଥି, ସମାଜ ସେବୀ ଭାରତୀ ରଥ ମୁଖ୍ୟ ବକ୍ତା ଏବଂବାମପନ୍ଥୀ ଯୁବ ନେତା ସର୍ବେଶ୍ୱର ଭାରତୀ, ସୁଦୂର କେଉଁଝର ରୁ ଆସିଥିବା ବିଶିଷ୍ଟ ସମାଜସେବୀ ସାମ୍ବାଦିକ କେଦାର ଆରୁକ ଓ ଗଙ୍ଗାଧର ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ ଅତିଥିଭାବେ ଯୋଗଦେଇ ବିର୍ସାମୁଣ୍ଡାଙ୍କ ସ୍ମୃତି ଚାରଣ କରିବା ସହ ସମାଜର ପ୍ରଗତି ପାଇଁ ସାମାଜିକ ସଂଗଠନ ଗୁଡିକର ଉତ୍ତର ଦାଇତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଓସେପ ର ସଭାପତି ଶ୍ରୀଯୁକ୍ତ ପ୍ରଧାନ ଉକ୍ତ ଅଂଚଳରେ ସ୍ୱାସ୍ଥ୍ୟ ସେବା ଶିବିର, ନିଶାମୁକ୍ତ ପାଇଁ ସଚେତନ କାର୍ଯ୍ୟକ୍ରମ ସମେତ କେତକ ସେବାମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକାଶ କରିଥିଲେ । ସଂଗଠନର ସହଯୋଗୀ ଦେବେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାକାଓ ପରେ ଆଖିବୁଜିଲା ହାଏନା

ବାରଙ୍ଗ, (ସବ୍ୟୁ): ଗତ ୮ତାରିଖରେ ନନ୍ଦନକାନନର ୧୨ନଂ ଖୁଆଡରେ ରହୁଥିବା ଏକମାତ୍ର ନାଲି ଓ ସବୁଜ ରଙ୍ଗର ମାକାଓର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇ ଏହି ପ୍ରଜାତିର ମାକାଓ ର ବଂଶ ଲୋପ ହୋଇଯାଇଥିବା ବେଳେ ମଙ୍ଗଳବାର ସକାଳୁ ଏକ ବର୍ଷ ବୟସର ଅଣ୍ଡିରା ହାଏନା ଛୁଆର ମୃତ୍ୟୁ ଘଟିଛି। ଏହି ମୃତ୍ୟୁ ଖବର ଶୁଣିବା ପରେ ପଶୁପ୍ରେମୀଙ୍କୁ ବ୍ୟଥିତ କରିଛି । ସୂଚନା ଯୋଗ୍ୟ ଯେ , ନନ୍ଦନ କାନନ କର୍ତ୍ତୃପକ୍ଷ ତିନୋଟି ଛୁଆକୁ ଉଧାର କରି ଲାଳନପାଳନ କେନ୍ଦ୍ରରେ ଛାଡ଼ିଥିଲେ।ମାଙ୍କୁ ହରାଇ ଛୁଆ ତିନୋଟି ମଣିଷ ହାତରେ ବଞ୍ଚିବା ଆରମ୍ଭ କରିଥିଲା।ସେଥିମଧ୍ୟରୁ ବର୍ଷକର ଅଣ୍ଡିରା ଛୁଆଟି ହାର୍ନିଆ ହୋଇଥିଲା।ଏହା ଜଣାପଡିବା ପରେ ଡ଼ାକ୍ତରମାନେ ଛୁଆଟିର ହାର୍ନିଆ ଅପରେସନ ଗତ ୧୫ଦିନ ତଳେ କରିଥିଲେ।ହେଲେ ସାତଦିନ ତଳେ ଅପରେସନ ଜାଗାଟି ପଚିବାରୁ ଡ଼ାକ୍ତରମାନେ ପ୍ରତିଦିନ ଯାଇ ଉକ୍ତ ଜାଗାକୁ ଡ୍ରେସିଂ କରିବା ଆରମ୍ଭ କରିଥିଲେ । ହେଲେ ସୋମବାର ଅପରାହ୍ଣରେ ଡ୍ରେସିଂ କରାଯାଇଥିବା ବେଳେ ମଙ୍ଗଳବାର ସକାଳୁ ଛୁଆଟି ମରିପଡ଼ିଥିବାର ଜଣାପଡିଥିଲା।ତେବେ ସଠିକ ଭାବେ ରୋଗ ନିରୂପଣ ନହୋଇପାରିବାରୁ ଏଭଳି ଘଟଣା ଘଟୁଛି ବୋଲି ସମାଲୋଚନା ଆରମ୍ଭ ହୋଇଛି। ଯାହାକୁ ନେଇ ହରଡଗହଣାରେ ପଡିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ ।

## ବାପା ମାଆଙ୍କୁ ଆକ୍ରମଣ କରି ପୁଅ ଗଲା ଜେଲ୍

କଣାସ,(ସବ୍ୟୁ): ବାପା ମାଆଙ୍କୁ ଆକ୍ରମଣ କରି ପୁଅ ଜେଲ ଯାଇଛି । ଏହି ଘଟଣା ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଗଡ଼ସାହି ଗ୍ରାମର ଘଟିଛି। ଗଡ଼ସାହି ଗ୍ରାମର ହରେକୃଷ୍ଣ ମିଶ୍ର(୬୦) ସେ ତାଙ୍କ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ତାଙ୍କ ବଡ ପୁଅ ରମାକାନ୍ତ ମିଶ୍ର (୨୮) ବିଭିନ୍ନ ସମୟରେ ନିଶା ସେବନ କରି ବାପା ମାଆଙ୍କୁ ଆକ୍ରମଣ କରୁଛି । ଗତ ୨୬/୦୯/୨୦୨୫ ତାରିଖ ସନ୍ଧ୍ୟା ସାଢ଼େ୫ଟାରେ ନିଜ ମାଆ ସୌଦାମିନୀ ମିଶ୍ରଙ୍କୁ ବିନା କାରଣରେ ଏକ କାଠ ଫାଳିଆରେ ଆକ୍ରମଣର କରିବାରୁ ସେ ଗୁରୁତର ହୋଇପଡିଥିଲେ ।ଏନେଇ ହରେକୃଷ୍ଣ ମିଶ୍ର କଣାସ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୨୨୧/୨୦୨୫ରେ ମାମଲା ରୁଜୁ କରାଯାଇଥିଲା । ଗତ ସୋମବାର ଦିନ କଣାସ ଥାନା ଏସଆଇ ଦେବିପ୍ରସାଦ ଲେଙ୍କା ଅଭିଯୁକ୍ତ ରମାକାନ୍ତ ମିଶ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ସୂଚନା ଦେଇଛନ୍ତି ।

## ଡାକଘର ପାଚେରୀ ଉପରେ ଚଢ଼ିଗଲା ହାଇୱା

ବାଙ୍କୀ ,(ସବ୍ୟୁ): ନୟାଗଡ଼ ଜିଲ୍ଲାର ସିଧାମୂଳା ବାଲିଘାଟରୁ ବାଲି ଆଣି ଖୋରଧା ଯାଉଥିବା ହାଇୱା ନମ୍ବର ଓ ଡି ୩୫ ସି,୬୭୩୭ ଟି ଦୁର୍ଘଟଣା ଗ୍ରସ୍ତ ହୋଇଛି।ସୋମବାର ଭୋର ସମୟରେ ଆସୁଥିବା ବେଳେ ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ମୁଖ୍ୟବଜାରରେ ଥିବା ଉପ ଡାକଘର୍ ପାଚେରୀ ଉପରକୁ ମାଡି ବାଲିବୋଝେଇ ହାଇୱାଟି ପାଚେରୀ ଭାଙ୍ଗି ଝୁଲି ରହିଥିଲା। ହେଲେ ହାଇୱା ଡ୍ରାଇଭର ଦୌଡି ପଳାଇ ଯାଇଛି। ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେବା ପରେ ବୈଦେଶ୍ୱର ପୋଲିସ ଓ ଧଳାପଥର ଫାଣ୍ଡି ଅଧିକାରୀ ପହଞ୍ଚି ହାଇୱାକୁ ଉଦ୍ଧାର କରି ରାସ୍ତା ସଫା କରିବା ପରେ ଗାଡି ଚଳାଚଳ ସାଭାବିକ ହୋଇଥିଲା ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଫୁଲନଖରା, (ସବ୍ୟୁ):କଟକ ଜିଲ୍ଲା ବାରଙ୍ଗ ବ୍ଲକ ଶହୀଦ ସ୍ମୃତି ନୋଡାଲ ଉପ୍ରା ବିଦ୍ୟାପୀଠ ବିଶିପଦା ଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ'ସୁରଭି' ମଂଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି।ବିଶିପଦା ସାଧନକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରକରା ସରପଞ୍ଚ ଅଶୋକ କୁମାର ପାତ୍ର, ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ୩୩ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଭୋଇ,ମୋ ସ୍କୁଲ ଆଲୁମିନି ସଭାପତି ନରୋତ୍ତମ ପାତ୍ର,ଶହୀଦ ସ୍ମୃତି ନୋଡାଲ ଉପ୍ରା ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶିଶିର କୁମାର ପ୍ରଧାନ,ସହକାରୀ ଶିକ୍ଷକ,ଲାଲନାୟକ ହାଇବ୍ରୁ, କୈଳାଶ ବେଉରା,ପ୍ରିୟଙ୍କା ରାଉତରାୟ,ସନ୍ଦୀପା ନାୟକ,ସାଗତିକା ପ୍ରଧାନ,ସ୍ୱର୍ଣ୍ଣଲତା ବରାଳ,ବସନ୍ତ କୁମାର ବେହେରା,ସସ୍ମିତା ଦାଶ,ସୁଜାତା ଭୋଇ,ଲକ୍ଷ୍ମୀପ୍ରିୟା ମଲ୍ଲିକ ଏବଂ ମାନସ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ସମୁଦାୟ ୬ ଗୋଟି ବିଦ୍ୟାଳୟରୁ ୧୬୦ ପ୍ରତିଯୋଗୀ ଅଂଶଗ୍ରହଣ କରି ନୃତ୍ୟ,ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ, ଭାଷଣ,ସାଧାରଣ ଜ୍ଞାନ,ସୃଜନଶୀଳ ଲିଖନ ହସ୍ତାକ୍ଷର ଓ ବିଭିନ୍ନ କାର୍ଯ୍ୟ କୌଶଳ ପ୍ରଦର୍ଶନ କରି ୨୦ ଜଣ ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ।ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ସହ ପ୍ରଂଶସା ପତ୍ର ପ୍ରଦାନ କରାଯାଇଥିଲା।ଶେଷରେ ସହକାରୀ ଶିକ୍ଷକ ଜୟଶଙ୍କର ପ୍ରଧାନ ସଭାକାର୍ଯ୍ୟ ଶେଷ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ

ନିରାକାରପୁର ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମଳିପ ସ୍ଥିତ ନୋଡାଲ ଉପ୍ରା ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଁପୁର ସରପଞ୍ଚ ସୋନାଲି ଶ୍ରୀଚନ୍ଦନ ଏବଂ ପରିଚାଳନା କମିଟିର ସଭାପତି ତ୍ରିଲୋଚନ ନିଃସଙ୍କ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଯୋଜିକା ନୋଡାଲ ସ୍କୁଲ ସଂଯୁକ୍ତା ପ୍ରଧାନ, ସଭାପତି ରଜନୀ କୁମରୀ ନାୟକ, ସହଯୋଗୀ ପ୍ରମୋଦ କୁମାର ଭୁଜବଳ, ସୁଶାନ୍ତ କୁମାର ସାହୁ ସ୍ମୃତି ରଞ୍ଜନ ସେଠୀ, ପ୍ରତାପ ଚନ୍ଦ୍ର ଚମ୍ପତିରାୟ, ମୋନାଲିସା ସାହୁ,



ରଂଜିତା ବାରିକ, ପ୍ରତାପ ଚନ୍ଦ୍ର ଦୀକ୍ଷିତ, ଲଡ୍ଡୁ କିଶୋର ପାହାଡ଼ସିଂହ, ଶୁଭଲକ୍ଷ୍ମୀ ପ୍ରଧାନ ଏବଂ ନମିତା ମଙ୍ଗରାଜ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ସୁରଭି କାର୍ଯ୍ୟକ୍ରମରେ ୧୨ ଟି ବିଦ୍ୟାଳୟ ରୁ ୧୫୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ ଏବଂ ୩୦ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା ।

# ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚାବି ପକାଇଲେ ବ୍ଲକ ଅଧ୍ୟକ୍ଷ

ସାକ୍ଷୀଗୋପାଳ,(ସବ୍ୟୁ): ସତ୍ୟବାଦୀ ବ୍ଲକରେ ଥିବା ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ମୋନିକା ଦାଶଙ୍କ କାର୍ଯ୍ୟାଳୟରେ ଗତ ଦୁଇ ଦିନ ହେବ ଚାବି ଝୁଲୁଥିବା ଜଣାପଡିଛି । କାର୍ଯ୍ୟାଳୟରେ ଚାବି ପକାଇଛନ୍ତି ଖୋଦ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା । ଉକ୍ତ କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ ନ କରିବା , ଭତ୍ତା ସଂଶୋଧନ ନିମନ୍ତେ କାର୍ଯ୍ୟାଳୟକୁ ବାରମ୍ବାର ଦଉଡେଇବା ଓ ଉକ୍ତ କାର୍ଯ୍ୟାଳୟକୁ ହିତାଧିକାରୀଙ୍କ ନିମନ୍ତେ ଆସୁଥିବା ଅର୍ଥକୁ ସଠିକ ପରିଚାଳନା ନ କରିବା ଯୋଗୁଁ ଅନେକ ସମୟରେ ତାଙ୍କ ପାଖରେ ଅନେକ ଅଭିଯୋଗ ହେଉଥିଲା । ତେଣୁ ଅଧ୍ୟକ୍ଷ ଶ୍ରୀଯୁକ୍ତ ପଣ୍ଡା ଏହି ସମସ୍ୟାର ସମାଧାନ ନିମନ୍ତେ ଅଧିକାରୀ ମୋନିକା ଦାଶଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଉକ୍ତ କାର୍ଯ୍ୟାଳୟ ଅଧିକାରୀ ମୋନିକା ଦାଶ ତାଙ୍କୁ ସହଯୋଗ କରୁ ନ ଥିଲେ । ତେଣୁ ପଦକ୍ଷେପ ସ୍ୱରୂପ ସେ ଗତକାଲି ଅର୍ଥାତ ସୋମବାର ଅପରାହ୍ଣରେ ଚାବି ପକାଇଥିବା ପ୍ରକାଶ କରିଛନ୍ତ

# ବାଣ ବିସ୍ଫୋରଣରେ ଦୁଇ ଗୁରୁତର

ଆଠଗଡ଼ ,(ସବ୍ୟୁ): ବେଆଇନ ବାଣ ବାନ୍ଧିବା ସମୟରେ ବାଣ ବିସ୍ଫୋରଣ ହୋଇ ଦୁଇ ଜଣ ଯୁବକ ଗୁରୁତର ହୋଇଛନ୍ତି । ତିଗିରିଆ ଥାନା ଅନ୍ତର୍ଗତ ପୁରୁଣା ତିଗିରିଆ ଗ୍ରାମର ପାପୁନ ବେହେରା ଓ ବିପ୍ଲବ ସାହୁ ବାଣ ପ୍ରସ୍ତୁତ କରିବା ସମୟରେ ନିଜର ଅସାବଧାନତା ଯୋଗୁଁ ବାଣ ବିସ୍ଫେରଣ ହୋଇଥିଲା। ଫଳରେ ସେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନିକଟସ୍ଥ ତିଗିରିଆ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିବା ଜଣାପଡିଛି। ତିଗିରିଆ ଅଞ୍ଚଳ ହେଉଛି ବେଆଇନ ବାଣ ପ୍ରସ୍ତୁତ ରେ ଏନ୍ତୁଡ଼ିଶାଳ। ଏଠାରେ ଜଣେ ମାତ୍ର ବ୍ୟକ୍ତି ଲାଇସେନ୍ସ ପାଇଥିବା ବେଳେ ଶହ ଶହ ସଂଖ୍ୟାରେ ବ୍ୟକ୍ତି ବେଆଇନ ବାଣ ପ୍ରସ୍ତୁତ କରି ରାଜ୍ୟ ତଥା ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ପୋଲିସ ପ୍ରଶାସନ ଏବଂ ବାଣ ବ୍ୟବସାୟୀ ମଧ୍ୟରେ ମଧୁ ଚନ୍ଦ୍ରିକା ଥିବା ଫଳରେ ବେଆଇନ ବାଣ ପ୍ରସ୍ତୁତ କମିବାରେ ନାଁ ଧରୁନାହିଁ। ପୋଲିସ ବିଭାଗ ପକ୍ଷରୁ କେବଳ ଲୋକ ଦେଖାଣିଆ ଚଢ଼ାଉ କରାଯାଉଛି । ବେଆଇନ ବାଣ ପ୍ରସ୍ତୁତ ହେଉଥିବା ସ୍ଥାନ କୁ ପୋଲିସ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢାଉ କରାଯାଇ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ସାଧାରଣରେ ଦାବୀ ହେଉଛି।

# ପତ୍ନୀ ନିଖୋଜ : ଥାନାରେ ଏତଲା

କାକଟପୁର ,(ସବ୍ୟୁ): କାକଟପୁର ବ୍ଲକ ଅନ୍ତର୍ଗତ ବିଭୁତିପୁର ଗ୍ରାମର ସେକ ଗୟାସଙ୍କ ପତ୍ନୀ ରେଜିଆ ବିବି (୫୯) ଗତ ସୋମବାର ଠାରୁ ଘରୁ



କୁଆଡେ ପଳାଇଯାଇଛନ୍ତି । ଦୁଇ ଦିନ ହେଲା ସ୍ୱାମୀ ଓ ପିଲାମାନେ ବିଭିନ୍ନ ସ୍ଥାନ ଖୋଜାଖୋଜି କରି ନ ପାଇବାରୁ ଶେଷରେ କାକଟପୁର ଥାନାରେ ପତ୍ନୀଙ୍କୁ ଖୋଜି ଆଣିବାପାଇଁ ସ୍ୱାମୀ ଲିଖିତ ଅଭିଯୋଗ କରିଛନ୍ତି । ପତ୍ନୀ ରେଜିଆ ଗତ କିଛି ଦିନ ହେବ ମାନସିକ ଦୁଶ୍ଚିନ୍ତାରେ ଥିବା ଗୟାସ ପ୍ରକାଶ କରିଛନ୍ତି । କାକଟପୁର ପୋଲିସ ଘଟଣା ର ତଦନ୍ତ କରୁଥିବା ବେଳେ, ଯଦି ଏହି ମହିଳାଙ୍କୁ କେଉଁ ସହୃଦୟ ବ୍ୟକ୍ତି ଦେଖନ୍ତି ତୁରନ୍ତ ଏହି ମୋବାଇଲ ନଂ ୭୮୯୫୬୯୧୦୧, ୯୭୭୮୭୯୫୦ ରେ ଯୋଗାଯୋଗ କରିବା ପାଇଁ କୁହାଯାଇଛି।

# ବାପୁଜୀ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ ସୁରଭି

ଖଣ୍ଡପଡା ,(ସବ୍ୟୁ): ଖଣ୍ଡପଡା ବ୍ଲକର କୁମ୍ଭାରପଡ଼ା କ୍ଲଷ୍ଟର ଅଧିନ ବାପୁଜୀ ବିଦ୍ୟାପୀଠ ଢୋଲମରା କ୍ୟାମ୍ପସ-୨ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି।

ସିଆରସିସି ବିପିନ ବିହାରୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ,ଗଳ୍ପକଥନ,ଗଣିତ ଦୌଡ଼,ଗଣିତ କୁଇଜ,ସୃଜନଶୀଳ ଲିଖନ, ପ୍ରବନ୍ଧଲିଖନ, ବକ୍ତୃତା, କୁଇଜ, ଓଡ଼ିଆ ହସ୍ତାକ୍ଷର ଓ ସୂତ୍ର



ଲିଖନ, ପିଏମ ପୋଷଣ ଚିତ୍ରକଳା, ଶିଳ୍ପକଳା, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ପ୍ରତିଯୋଗିତାର ବରିଷ୍ଠ ବିଭାଗର ୮ଜଣ ଓ କନିଷ୍ଠ ବିଭାଗର ୭ଜଣ କୃତି ଛାତ୍ରଛାତ୍ରୀଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ନିମନ୍ତେ ଚୟନ କରାଯାଇଥିବା ଜଣାପଡିଛି। ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅତିଥି ରୁପେ ଶିକ୍ଷାବିତ ନାରାୟଣ ପାଣିଗ୍ରାହୀ,ମୋ ସ୍କୁଲ ସଭାପତି ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିକ୍ଷୟିତ୍ରୀ ସିପ୍ରା ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

ପରିଶେଷରେ ସମସ୍ତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶୁଭ୍ରାଂଶୁ ପାଢ଼ୀ ବାଲିପାଟଣା ବିଡ଼ିଓ

ବାଲିପାଟଣା ,(ସବ୍ୟୁ): ବହୁଦିନ ଧରି ଖାଲି ପଡ଼ିଥିବା ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ)ଭାବରେ ପ୍ରଶାସନିକ ଅଧିକାରୀ ଶୁଭ୍ରାଂଶୁ ପାଢ଼ୀ ଯୋଗ ଦେଇଛନ୍ତି। ଜଣେ ଯୁବ ଓ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବରେ ସେ ପୁରୀ ଜିଲ୍ଲାରେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ଦିନ ସ୍ଥାନୀୟ



ସାମ୍ବାଦିକମାନଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ବେଳେ ସେ ଏହି ଅଞ୍ଚଳର ବିକାଶରେ ସମସ୍ତଙ୍କ ସହଯୋଗ କାମନା କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ସେ କାର୍ଯ୍ୟ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା , ସାମ୍ବାଦିକ ଅଭିମନ୍ୟୁ ନାୟକ ,ଗଙ୍ଗାଧର ଓଝା ,ପୂର୍ଣ୍ଣଚନ୍ଦ୍ର ଜେନା , ରମେଶ ରଥ , ଅଜିତ ପାଇକରାୟ ,ଅରୁଣ ଶତପଥି , ବଦ୍ରି ନାରାୟଣ ମହାପାତ୍ର ଓ ପ୍ରଭାତ ଜେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସଂପର୍କ ରେ ଆଲୋଚନା କରିଥିଲେ ।

## ରଘୁନାଥ ଜୀଉ କୋଠଘର ଗୃହ ଉଦ୍ଘାଟିତ

କଣ୍ଟିଲୋ , (ସବ୍ୟୁ): କଣ୍ଟିଲୋ ଖୁଦବେହେରା ପାଟଣା ରଘୁନାଥ ଜୀଉ କୋଠଘର ନବ ନିର୍ମିତ ଗୃହକୁ ମୁଖ୍ୟଅତିଥି ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଉଦଘାଟନ କରିଛନ୍ତି। ଟ୍ରଷ୍ଟ ସଭାପତି ଇଂ କେଳୁଚରଣ ମହାରଣାଙ୍କ ଅଧ୍ୟକ୍ଷତାରେ ର ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ନୀଳମାଧ ପୀଠ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଥିବା କହିବା ସହିତ କଣ୍ଟିଲୋକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ତଥା ପ୍ରସ୍ତାବିତ ୨୪ ଘଣ୍ଟିଆ ମେଡିକାଲ ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେ ବୋଲି ସୂଚନା ଦେଇଥିଲେ । ସମ୍ପାଦକ ରାଜେଶ କୁମାର ଦାସ ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବରେ ସାଂସଦ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂହ,କଣ୍ଟିଲୋ ଜୋନ ଜିଲ୍ଲା ପରିଷଦ ସଭ୍ୟା ଉତ୍କଳ ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

# ଶୀତ ପୂର୍ବରୁ ଚିଲିକାରେ ପହଞ୍ଚିଲେ ବିଦେଶୀ ପକ୍ଷୀ, ସୁରକ୍ଷା ପାଇଁ ୨୧ କ୍ୟାମ୍ପ

ବାଲୁଗାଁ ,(ସବ୍ୟୁ): ଚଳିତ ବର୍ଷ ଶୀତ ଆସିବା ପୂର୍ବରୁ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି । ବିଭିନ୍ନ ପ୍ରଜାତିର ତଥା ଶୋଭଲର, ନର୍ଦନ ପିଣ୍ଟେଲ, ଗଡ଼ୱାଇଟ, କମନ କୁଟ, ଆଦି ରଙ୍ଗ ବେରଙ୍ଗର ପକ୍ଷୀ ସମୂହ ଚିଲିକା ଆକାଶରେ ଚକ୍କର କାଟୁଥିବା ଦେଖାଯାଇଛି । ସମଗ୍ର ଚିଲିକା ଏବଂ ନଳବଣ ଅଞ୍ଚଳରେ ବର୍ତ୍ତମାନ ଜଳସ୍ତର ଅଧିକ ଥିବାରୁ ପକ୍ଷୀ ସମୂହ ନିରାପଦ ବାସସ୍ଥାନ ଏବଂ ଉପଯୁକ୍ତ ଖାଦ୍ୟ ଅନ୍ୱେଷଣରେ ଉପକୂଳବର୍ତ୍ତୀ ଅଞ୍ଚଳ ମାନଙ୍କରେ ଘୁରି ବୁଲି ପାଦ ଥାପୁଛନ୍ତି । ବିଭାଗୀୟ ତରଫରୁ ପ୍ରାଥମିକ ପର୍ଯ୍ୟାୟରେ ପକ୍ଷୀଙ୍କ ଆଗମନ ସଂଖ୍ୟା ଚିହ୍ନଟ ହୋଇପାରିନାହିଁ । କିନ୍ତୁ ଚଳିତ ବର୍ଷ ଶୀଘ୍ର ପକ୍ଷୀ ଆସି ପହଞ୍ଚିଛନ୍ତି ଏବଂ ପକ୍ଷୀଙ୍କ ସୁରକ୍ଷା ନିମିତ୍ତ ବିଭାଗୀୟ ପକ୍ଷରୁ ୨୧ ଗୋଟି କ୍ୟାମ୍ପ ଗଠନ କରାଯାଇଛି । ଚଳିତମାସ ଅକ୍ଟୋବର ୧ ତାରିଖରୁ ପ୍ରତ୍ୟକ କ୍ୟାମ୍ପର ସଦସ୍ୟ ନିଜ ନିଜ ଜୋନରେ ଉପସ୍ଥିତ ରହି ଶିକାରୀଙ୍କ ଉପରେ କଡା ନଜର ରଖିଥିବା ଡ଼ିଏଫଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି ।

ପ୍ରାୟତଃ ଶୀତ ଋତୁର ପ୍ରାରମ୍ଭ ତଥା ଅକ୍ଟୋବର ଶେଷାର୍ଦ୍ଧରେ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ । କିନ୍ତୁ ଚଳିତ ବର୍ଷ ତିନି ସପ୍ତାହ ପୂର୍ବରୁ ପକ୍ଷୀଙ୍କ ଆଗମନ ହୋଇଥିବାରୁ ସେମାନଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ଡ଼ି ଏଫ ଓ ନାୟକ ଆଶାପ୍ରକଟ କରିଛନ୍ତି । ଶୀତ ଦିନେ ଅସହ୍ୟ ହିମ ପ୍ରବାହରୁ ରକ୍ଷା ପାଇବା ପାଇଁ ସୁଦୂର ବରଫାବୃତ୍ତ ରାଷ୍ଟ୍ରଞ୍ଚଳରୁ ହଜାର ହଜାର ମାଇଲ ଅତିକ୍ରମ କରି ପକ୍ଷୀ ମାନେ ଉଡି ଆସି ନିରାପଦ ବାସସ୍ଥାନ ରୂପେ ଚିଲିକା ବକ୍ଷକୁ ଆଦରି ନେଇଥାନ୍ତି ।

ବର୍ଷା ଦିନେ ଜନ୍ମ ନେଇଥିବା ଛୋଟ ଛୋଟ ମାଛ, କୀଟ ପତଙ୍ଗ ଏବଂ ତୃଣ ଜାତୀୟ ଉଦ୍ଭିଦ ଆଦି ଏମାନଙ୍କ ମୁଖ୍ୟ ଏହାର ପାଳଟିଥାଏ । ଗତବର୍ଷ ସମଗ୍ର ଚିଲିକାରେ ୧୧ ଲକ୍ଷ ୨୭ ହଜାର ୨୨୮ ପକ୍ଷୀଙ୍କୁ ଚିହ୍ନଟ ହୋଇଥିଲା । ସେଥି ମଧ୍ୟରୁ ୧୦ ଲକ୍ଷ ୮୭ ହଜାର ୨୨୬ ବିଦେଶୀ ପକ୍ଷୀ ଥିବା ବେଳେ ୮୭ ପ୍ରଜାତିର ୪୦ ହଜାର ସ୍ଥାନୀୟ ପକ୍ଷୀ ଥିବା ଗଣନାରୁ ଜଣାପଡ଼ିଥିଲା।ପକ୍ଷୀଙ୍କ ଆଗମନ ହେତୁ ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଶିକାର ରୋକିବାକୁ ମୋଟ ୨୧ ଗୋଟି ଅସ୍ଥାୟୀ କ୍ୟାମ୍ପ ଗଠନ କରାଯାଇଛି ।

ପ୍ରତ୍ୟକ କ୍ୟାମ୍ପରେ ଜଣେ ବନପାଳ କିମ୍ବା ବନରକ୍ଷୀ ସମେତ ପାର୍ଶ୍ୱବର୍ତ୍ତୀଗ୍ରାମ ପକ୍ଷୀ ସୁରକ୍ଷା କମିଟିର ୩ଜଣ ସଦସ୍ୟ ନିୟୋଜିତ ହୋଇଛନ୍ତି । ସମ୍ବେଦନଶୀଳ ଟାଙ୍ଗୀ ରେଞ୍ଜ ଅଧିନ ମଙ୍ଗଳାଯୋଡ଼ି ଅଞ୍ଚଳରେ ସର୍ବାଧିକ ୧୧ ଟି କ୍ୟାମ୍ପ ସ୍ଥାପନ ହୋଇଥିବା ବେଳେ ବାଲୁଗାଁ ରେଞ୍ଜରେ ୪ ଗୋଟି ଏବଂ ସାତପଡା, ଚିଲିକା, ରମ୍ଭା ରେଞ୍ଜ ରେ ୨ ଗୋଟି ଲେଖାଏଁ କ୍ୟାମ୍ପ ନିୟୋଜିତ ହୋଇଛନ୍ତି । ସ୍ଥଳ ଭାଗରେ ତଲାସିବାପାଇଁ ୨ ଟି ଭ୍ରମ୍ୟମାଣ ସ୍କ୍ୱାର୍ଡ ଗଠନ ହୋଇଛି । ବିଭାଗୀୟ ପକ୍ଷରୁ ଜଳ ପଥରେ ପକ୍ଷୀ ସୁରକ୍ଷା ପାଇଁ ମୋଟ ୧୧ ଗୋଟି ଡ଼ଙ୍ଗା ଯୋଗାଇ ଦିଆଯାଇଛି। ଏତଦ ବ୍ୟତୀତ ଚିଲିକା ତଟବର୍ତ୍ତୀ ଗ୍ରାମ ମାନଙ୍କରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୬୩)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )

**ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍ ଗୁହ୍ୟତରଂ ମୟା ।**
**ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କୁରୁ ॥ ୬୩ ॥**

(ସର୍ବଗୀତାର୍ଥଂ ଉପସଂହରନ୍ ଆହ)– ଇତି (ଅନେନ ପ୍ରକାରେଣ) (ପରମକାରୁଣିକେନ) ମୟା ତେ (ତୁଭ୍ୟଂ) ଗୁହ୍ୟାତ୍ (ଗୋପାତ୍) ଗୁହ୍ୟତରଂ ଜ୍ଞାନଂ (ଜ୍ଞାନମୟଂ ମୟୋପଦିଷ୍ଟଂ ଗୀତାଶାସ୍ତ୍ରଂ) ଅଖ୍ୟାତଂ ( ସମ୍ୟକ୍ ଉପଦିଷ୍ଟଂ) । ଏତତ୍ ଅଶେଷେଣ ବିମୃଶ୍ୟ (ପର୍ଯ୍ୟାଲୋଚ୍ୟ) ଯଥା ଇଚ୍ଛସିତଥା କୁରୁ (ଏତସ୍ମିନ୍ ପର୍ଯ୍ୟାଲୋଚିତେ ସତି ତବ ମୋହୋ ନିବର୍ତ୍ତିଷ୍ୟତେ ଇତି ଭାବଃ) ॥ ୬୩ ॥

# ଭାରତ ଓ କାନାଡା ମଧ୍ୟରେ ସମ୍ପର୍କ ବୃଦ୍ଧି

ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିବା ବେଳେ ଭାରତ ଓ କାନାଡା ମଧ୍ୟରେ ପୁରୁଣା ସମ୍ପର୍କ ଭିତ୍ତିରେ ଉନ୍ନତି ଓ ଅଗ୍ରଗତି ପରିଲକ୍ଷିତ ହେଉଥିବା ଏକ ଶୁଭ ଲକ୍ଷଣ । ପୁରୁଣା ସମ୍ପର୍କର ପୁନରୁଦ୍ଧାର ପାଇଁ ଉଭୟ ରାଷ୍ଟ୍ର ଆଗ୍ରହୀ । ଉଭୟ ରାଷ୍ଟ୍ର ମଧ୍ୟରେ ବନ୍ଧୁତା ଓ ସହଯୋଗର ଆବଶ୍ୟକତା ରହିଛି । ଇତିମଧ୍ୟରେ କାନାଡାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ ଭାରତ ଆସି ଆମ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ଗତ ୧୩ ଅକ୍ଟୋବର (୨୦୨୫)ରେ କାନାଡାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ ଭାରତ ଆସି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଭେଟିବା ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ମନେ ହୋଇଥାଏ । ଉଭୟ ରାଷ୍ଟ୍ର ସେମାନଙ୍କର ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସହିତ ସହଯୋଗ, ବ୍ୟବସାୟ, ପ୍ରଯୁକ୍ତି ବିଦ୍ୟା ଓ ପୁଞ୍ଜିନିବେଶର ନୂତନ ନକ୍ସା ପ୍ରସ୍ତୁତ ଲାଗି ସହମତି ପ୍ରକାଶ କରିଛନ୍ତି । ଉଭୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ସାକ୍ଷାତ୍ ଆଲୋଚନା ସମୟରେ ଏ ସଂକ୍ରାନ୍ତୀୟ ରାଜିନାମା ହୋଇଥିବା ଜଣାଯାଇଛି । ବାଣିଜ୍ୟ ଓ ପୁଞ୍ଜିନିବେଶ ବିଷୟରେ ମନ୍ତ୍ରୀସ୍ତରୀୟ ଆଲୋଚନା ହେବା ପରେ ଏହି ରାଜିନାମା ଫଳପ୍ରଦ ହେବ ବୋଲି ଆଶା କରାଯାଉଛି । ଏକ ନୂତନ ସୁବିସ୍ତୃତ ଆର୍ଥନୀତିକ ଭାଗିଦାରୀ ଏହି ରାଜିନାମାର ଲକ୍ଷ୍ୟ । ଶକ୍ତି ବା ଉର୍ଜା କ୍ଷେତ୍ରରେ ହୋଇଥିବା ଆଲୋଚନାର ପୁନରୁଦ୍ଧାର କରାଯାଇ ଶୁଦ୍ଧ ଶକ୍ତି କ୍ଷେତ୍ରରେ ଥିବା ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ନିବିଡ଼ କରାଯିବ । ଏଥିରେ ସବୁଜ ହାଇଡ୍ରୋଜେନ, କାର୍ବନ ଧରି ରଖିବାର ବୈଷୟିକ କୌଶଳ ଓ ବୈଦ୍ୟୁତିକ ସଞ୍ଚଳନ ଅନ୍ତର୍ଭୁକ୍ତ । ମିଳିତ ଭାବେ ବିଜ୍ଞାନ ଓ କାରିଗରୀ କୌଶଳ ସହଯୋଗର କମିଟିମାନ ଗଢ଼ାଯାଇ ଅଭିନବ ସହଯୋଗ ଉପରେ ଗୁରୁତ୍ୱାରୋପ କରାଯିବ ଏବଂ କୃତ୍ରିମ ବୁଦ୍ଧିମତ୍ତା (AI) ଓ ଡିଜିଟାଲ ସାଧାରଣ ଭିତ୍ତିଭୂମିକୁ ମଧ୍ୟ ଗୁରୁତ୍ୱ ଦିଆଯିବ । ସେହିପରି କୃଷି କ୍ଷେତ୍ରରେ ପାଣିପାଗ– ପ୍ରତିରୋଧକ, କୃଷି ମୂଲ୍ୟ ବୃଦ୍ଧିକାରୀ ଚେନ୍ ଓ ସ୍ୱାସ୍ଥ୍ୟଜନିତ ନିରାପତ୍ତା ଉପରେ ମଧ୍ୟ କ୍ରିୟାନ୍ୱୟନ କରାଯିବ । ଜଟିଳ ଖଣିଜ ପଦାର୍ଥର ସପ୍ଲାଇ ଚେନ୍‌କୁ ସୁଦୃଢ଼ କରାଯାଇ ଶୁଦ୍ଧ ପ୍ରଯୁକ୍ତିର ବିକାଶ କରାଯିବ ।

ଭାରତ ଓ କାନାଡା ଉଭୟ ରାଷ୍ଟ୍ରର ରାଜଧାନୀମାନଙ୍କରେ ରାଷ୍ଟ୍ରଦୂତମାନଙ୍କୁ ନିଯୁକ୍ତି ଦେଇ, ଉଭୟ ରାଷ୍ଟ୍ର ମଧ୍ୟରେ ବିଶ୍ୱାସ ସୃଷ୍ଟି କରାଯିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରା ଯାଇଥିଲା । ଉଭୟ ରାଷ୍ଟ୍ର ଏଲ୍.ଏନ୍.ଜି ଓ ଏଲ୍.ପି.ଜି ବ୍ୟବସାୟ ଉପରେ ସହଯୋଗ କରିବେ ଆଉ ବେସାମରିକ ପାରମାଣବିକ ଶକ୍ତି କ୍ଷେତ୍ରରେ ମଧ୍ୟ ସହଯୋଗ ରକ୍ଷା କରିବେ ।

ଉଲ୍ଲେଖଯୋଗ୍ୟ ଯେ କାନାଡାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦଙ୍କର ଏ ହେଉଛି ପ୍ରଥମ ଭାରତ ଗସ୍ତ । ଉଭୟ ରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପାଇବାକୁ ଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କ ଜରିଆରେ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ । ଉଭୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀ ଶ୍ରୀ ଜୟଶଙ୍କର ଓ ଶ୍ରୀମତୀ ଆନନ୍ଦ ମିଳିତ ଭାବେ ବିବୃତି ଦେଇ ଉଭୟ ରାଷ୍ଟ୍ରରେ ମଧ୍ୟରେ ସମ୍ମାନ ଓ ସୁସମ୍ପର୍କ ରଖାଯିବା ସହିତ ଆର୍ଥନୀତିକ କ୍ଷେତ୍ରରେ ସମ୍ପର୍କକୁ ସୁଦୃଢ଼ କରାଯିବ ବୋଲି କହିଥିଲେ । କାନାଡା ସହିତ ଭାରତର ସମ୍ପର୍କ କାନାଡାର ଗତ ସରକାରଙ୍କ ଅମଳରେ ଭଲ ନଥିଲା । ମାତ୍ର କାନାଡାର ଏବର ସରକାର ଭାରତ ସହିତ ନୂତନ ସମ୍ପର୍କ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

କାନାଡା ଓ ଭାରତ ମଧ୍ୟରେ ଥିବା ପୁରୁଣା ସମ୍ପର୍କ ଭିତ୍ତିରେ ନୂତନ ସମ୍ପର୍କ ଆରମ୍ଭ କରାଯିବ ଓ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତିକୁ ମଧ୍ୟ ଏବେ କାନାଡା ଗୁରୁତ୍ୱ ଦେଉଛି ବୋଲି ଗୋଟିଏ ସମ୍ବାଦପତ୍ରରେ ସାକ୍ଷାତକାର ଦେଇ ବୈଦେଶିକ ମନ୍ତ୍ରୀ ଶ୍ରୀମତୀ ଆନନ୍ଦ ପ୍ରକାଶ କରିଛନ୍ତି । କାନାଡାବାସୀଙ୍କ ନିରାପତ୍ତାକୁ ତାଙ୍କ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ ମଧ୍ୟ ପ୍ରକାଶ କରିଛନ୍ତି ।

# ବିକଶିତ ଓଡ଼ିଶା ୨୦୩୬ର ସମ୍ଭାବନା ଓ ସୁଯୋଗ



**ତେଜେଶ୍ୱର ପଟ୍ଟନାୟକ**

ଆମ ରାଜ୍ୟ ସରକାର ବିକଶିତ ଓଡ଼ିଶା ୨୦୩୬ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ରାଜ୍ୟର ସାମାଜିକ–ଅର୍ଥନୈତିକ ବିକାଶକୁ ଅଧିକ ଉନ୍ନତ କରିବା ପାଇଁ ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି । ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ସନ ୨୦୩୬ରେ ପୁରିବାକୁ ଯାଉଛି ।

ଆଉ ମାତ୍ର ଏକ ଦଶନ୍ଧିରୁ ଅଧିକ ସମୟ ବାକି ଥିବା ବେଳେ, ରାଜ୍ୟ ସରକାର ବିକାଶର ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବା ପାଇଁ କିଛି ନିର୍ଣ୍ଣାୟକ ପଦକ୍ଷେପ ନେଇଛନ୍ତି । ତେବେ କେତେଗୁଡିଏ ସମସ୍ୟାର ମଧ୍ୟ ସମ୍ମୁଖୀନ ହେଉଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଅର୍ଥନୀତି ଏବଂ ଭାରତର ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ମଧ୍ୟରେ ପରିଣତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି ରୋଡ ମ୍ୟାପରେ ମହିଳାମାନଙ୍କ କର୍ମଶକ୍ତି ଅଂଶଗ୍ରହଣକୁ ବିସ୍ତାର କରିବା, ସାର୍ବଜନୀନ ସାକ୍ଷରତା ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଦେବା, ସବୁଜ ଶକ୍ତି ଉତ୍ପାଦନ କ୍ଷେତ୍ରରେ ବଡ଼ ଭାଗୀଦାର ହେବା ଏବଂ ଦ୍ରୁତ ଶିଳ୍ପାୟନ ଏବଂ ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ପାଇଁ ନବସୃଜନ ତଥା ଯୁବପିଢିକୁ ପ୍ରୋତ୍ସାହିତ କରିବା ଉପରେ ବିଶେଷ ଗୁରତ୍ୱ ଦିଆଯାଇଛି ।

ବିକାଶର ସଫଳ ରୂପାୟନ ପାଇଁ ସରକାର ଓଡ଼ିଶାର ଏହି ତିନୋଟି ବିନ୍ଦୁ ଯଥା ରାଜ୍ୟର ସମ୍ବଳ କ୍ଷମତା, ସମସ୍ୟା ଓ ସମ୍ଭାବ୍ୟ ସୁଯୋଗର ବିଶ୍ଳେଷଣ ନିଶ୍ଚୟ କରିଥିବେ ।

ସରକାର ଶାସନରେ ପାରଦର୍ଶିତା ଏବଂ ସୁଶାସନ ଆଣିବାକୁ ହେଲେ ଅମଲାତନ୍ତ୍ରରେ ପ୍ରତିଟି ସ୍ତରରେ କ୍ରିୟାଶୀଳତା ଓ ବୃତ୍ତିଗତ ଦକ୍ଷତା ଆଣିବା ଦରକାର ।

ଗତ କିଛି ବର୍ଷରେ ଓଡ଼ିଶା ଭିତ୍ତିଭୂମି ଏବଂ ଶିଳ୍ପରେ ସ୍ଥିର ଅଗ୍ରଗତି କରିଛି । ସବିଶେଷ ତଥ୍ୟ ଅନୁଯାୟୀ ସରକାର ୯୪ଟି ଜଳସେଚନ ପ୍ରକଳ୍ପ, ନୂତନ ରାଜପଥ, ୧୯,୦୦୦ କୋଟି ମୂଲ୍ୟର ରେଳ ନିବେଶ ଏବଂ ଉନ୍ନତ ବିମାନ ଷ୍ଟ୍ରିପ୍ ସହିତ, କୃଷି, ଶିଳ୍ପ ଏବଂ ସେବା କ୍ଷେତ୍ରରେ ସଂଯୋଗୀକରଣରେ ଉନ୍ନତି ଘଟୁଛି । ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗ (FDI )ପାର୍କ, ସେମିକଣ୍ଡକ୍ଟର ହବ୍ ଏବଂ ବହୁମୁଖୀ ଲଜିଷ୍ଟିକ୍ ପାର୍କ (multimodal logistics park) ଭଳି ପଦକ୍ଷେପଗୁଡ଼ିକ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଉପରେ ଓଡ଼ିଶାର ଧ୍ୟାନକୁ ପ୍ରତିଫଳିତ କରିଥାଏ । ଓଡ଼ିଶାର ଶ୍ରମଶକ୍ତି ଅଂଶଗ୍ରହଣ ଜାତୀୟ ହାରଠାରୁ ଅଧିକ ।

ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ସୁଦୃଢ଼, ଋଣ–ମୋଟ ଘରୋଇ ଉତ୍ପାଦ ଅନୁପାତ ୨୫ ପ୍ରତିଶତ ସୀମା ତୁଳନାରେ ୧୩.୨ ପ୍ରତିଶତ ଅଛି । ନୀତି ଆୟୋଗଙ୍କ ସୂଚନା ଅନୁଯାୟୀ, ଓଡ଼ିଶା ୬୭.୮ ସ୍କୋର ସହିତ ଆର୍ଥିକ ପରିସ୍ଥିତି ସୂଚକାଙ୍କରେ ଦେଶରେ ଶୀର୍ଷସ୍ଥାନରେ ଅଛି । ରାଜ୍ୟରେ ମୋଟ ଘରୋଇ ଉତ୍ପାଦ ସୂଚାଙ୍କ (GSDP)ର ୬.୧ ପ୍ରତିଶତ ସରକାର ଏବଂ ଘରୋଇ କ୍ଷେତ୍ର ପୁଞ୍ଜି ନିବେଶ କରିଛନ୍ତି ।

୨୦୨୪–୨୫ ପାଇଁ ରାଜ୍ୟର ମୋଟ ଘରୋଇ ଉତ୍ପାଦ ସୂଚାଙ୍କ(GSDP) ୯.୫ ଲକ୍ଷ କୋଟି ହେବ ବୋଲି ଆକଳନ କରାଯାଇଛି, ଯାହା ୭.୨ ପ୍ରତିଶତ ଅଭିବୃଦ୍ଧି ହାର ଅଟେ ଏବଂ ଏହା ଜାତୀୟ ହାର ୬.୪ ପ୍ରତିଶତ ଠାରୁ ଅଧିକ । ଶିଳ୍ପ ୪୪ ପ୍ରତିଶତ, ସେବା ୩୭.୧ ପ୍ରତିଶତ ଏବଂ କୃଷି ୧୮.୯ ପ୍ରତିଶତ ଓଡ଼ିଶାର ମୋଟ ଘରୋଇ ଉତ୍ପାଦ (GSVA) ରେ ଶିଳ୍ପ କ୍ଷେତ୍ରର ୪୪ ପ୍ରତିଶତ, ସେବା କ୍ଷେତ୍ରର ୩୭.୧ ପ୍ରତିଶତ ଏବଂ କୃଷି କ୍ଷେତ୍ରର ଅବଦାନ ହାର ୧୮.୯ ପ୍ରତିଶତ ଏକ ବିବରଣୀରୁ ଜଣାପଡେ । ଚଳିତ ଆର୍ଥିକ ବର୍ଷ ପାଇଁ, ମୋଟ ଘରୋଇ ଉତ୍ପାଦ(GDP) ୧୦.୬୩ ଲକ୍ଷ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଇଛି ଏବଂ ଆର୍ଥିକ ଅଭିବୃଦ୍ଧି ହାର ୧୨ ପ୍ରତିଶତର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ସେବା କ୍ଷେତ୍ର, ସୂଚନା ପ୍ରଯୁକ୍ତିବିଦ୍ୟା, ଆର୍ଥିକ ସେବା, ବାଣିଜ୍ୟ ଏବଂ ପର୍ଯ୍ୟଟନ ଭଳି ସେବା କ୍ଷେତ୍ରଗୁଡିକ ଅଧିକ ଅଗ୍ରଗତି କରିବେ । କୃଷି କ୍ଷେତ୍ରରେ ଓଡ଼ିଶା ପ୍ରତିବର୍ଷ ଭଲ ପ୍ରଦର୍ଶନ କରୁଛି । ଖୁସିର ବିଷୟ ଯେ ଆର୍ଥିକ ବର୍ଷ ୨୦୨୩–୨୪ରେ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ମୋଟ ୧୪୩ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି,ଯାହା ଜାତୀୟ ହାରାହାରି ଠାରୁ ଅଧିକ ଅଟେ । ସରକାରଙ୍କ ମିଲେଟ୍ ମିଶନ ଅଭିଯାନ ଦ୍ୱାରା, ଡାଲି ଏବଂ ମକା ଉତ୍ପାଦନ ବୃଦ୍ଧି ପାଇଛି । ମତ୍ସ୍ୟ ଏବଂ ପଶୁପାଳନ କ୍ଷେତ୍ରରେ ଉତ୍ପାଦନ ମଧ୍ୟ ପ୍ରତି ବର୍ଷ ବୃଦ୍ଧି ପାଉଛି । ଦେଶର ମୋଟ ଖଣିଜ ପଦାର୍ଥ ଉତ୍ପାଦନରେ ଓଡ଼ିଶାର ଅବଦାନ ୪୫ ପ୍ରତିଶତ, ଯାହା ସିଂହ ଭାଗ ଅଟେ । ତେଣୁ ନୀତି ନିର୍ଦ୍ଧାରକମାନେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଅତି କ୍ରୀୟାଶୀଳ ହେବା ଦରକାର ।

> **ଖୁସିର ବିଷୟ ଯେ ଆର୍ଥିକ ବର୍ଷ ୨୦୨୩–୨୪ରେ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ମୋଟ ୧୪୩ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି,ଯାହା ଜାତୀୟ ହାରାହାରି ଠାରୁ ଅଧିକ ଅଟେ । ସରକାରଙ୍କ ମିଲେଟ୍ ମିଶନ ଅଭିଯାନ ଦ୍ୱାରା, ଡାଲି ଏବଂ ମକା ଉତ୍ପାଦନ ବୃଦ୍ଧି ପାଇଛି । ମତ୍ସ୍ୟ ଏବଂ ପଶୁପାଳନ କ୍ଷେତ୍ରରେ ଉତ୍ପାଦନ ମଧ୍ୟ ପ୍ରତି ବର୍ଷ ବୃଦ୍ଧି ପାଉଛି । ଦେଶର ମୋଟ ଖଣିଜ ପଦାର୍ଥ ଉତ୍ପାଦନରେ ଓଡ଼ିଶାର ଅବଦାନ ୪୫ ପ୍ରତିଶତ, ଯାହା ସିଂହ ଭାଗ ଅଟେ । ତେଣୁ ନୀତି ନିର୍ଦ୍ଧାରକମାନେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଅତି କ୍ରୀୟାଶୀଳ ହେବା ଦରକାର ।**

ଆମ ରାଜ୍ୟ କେତେକ କ୍ଷେତ୍ରରେ ପ୍ରଗତି କରୁଥିବା ସତ୍ତ୍ୱେ, ଅନେକ ସମସ୍ୟାର ମଧ୍ୟ ସମ୍ମୁଖୀନ ହେଉଛି ।

ଉଦାହରଣ ସ୍ୱରୂପ, ରାଜ୍ୟର ବିଦେଶକୁ ରପ୍ତାନୀ ଆଶାନରୂପ ହେଉନାହିଁ । ଏହା ଜାତୀୟ ହାର ଠାରୁ ବହୁତ ପଛରେ ଅଛି ।

ଆମ ସମ୍ମୁଖରେ ଅନ୍ୟ ଏକ ବଡ଼ ଆହ୍ୱାନ ରାଜ୍ୟର ମୁଣ୍ଡପିଛା ଆୟ । ଆର୍ଥିକ ବର୍ଷ ୨୦୨୪–୨୫ ରେ ରାଜ୍ୟର ମୁଣ୍ଡପିଛା ଆୟ (per capita income )୧.୮୩ ଲକ୍ଷ ଅଟେ, ଯାହା ଜାତୀୟ ହାରାହାରି ଆୟଠାରୁ ୨.୦୦ ଲକ୍ଷ ଠାରୁ କମ୍ । ସର୍ବଭାରତୀୟ ସ୍ତରରେ ତୁଳନା କଲେ ଓଡ଼ିଶା ଏକାଦଶତମ ସ୍ଥାନରେ ଅଛି । ଏହାର ବହୁବିଧ କାରଣ ରହିଛି ।

ଖଣିଜ ପଦାର୍ଥ ଉପରେ ଆମର ଅତ୍ୟଧିକ ନିର୍ଭରଶୀଳତା, ପୁଞ୍ଜି ବିନିଯୋଗରେ ଅନ୍ୟାନ୍ୟ ଅନ୍ୟାନ୍ୟ ଅଣ–ଖଣି ଆଧାରିତ ଶିଳ୍ପକୁ ଗୁରତ୍ୱ ନ ଦେବା ଏବଂ ଆଦିବାସୀ ତଥା ଆକାଂକ୍ଷା ଜିଲ୍ଲାଗୁଡ଼ିକରେ ଦୁର୍ବଳ ଭିତ୍ତିଭୂମି ଓ ସଂଯୋଗୀକରଣ ଆଞ୍ଚଳିକ ବୈଷମ୍ୟତାକୁ ବୃଦ୍ଧି କରୁଛି । ଅନ୍ୟାନ୍ୟ ସମସ୍ୟାଗୁଡିକ ମଧ୍ୟରେ ମହିଳାମାନଙ୍କ ରୋଜଗାର ହ୍ରାସ, ପଛୁଆ ଅଞ୍ଚଳରେ ନିମ୍ନ ସାକ୍ଷରତା, ବହୁପରିମାଣୀୟ ଦାରିଦ୍ର୍ୟ (multi dimensional poverty), ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରକୁ ସରକାର ବିଶେଷ ଧ୍ୟାନ ଦେବା ଉଚିତ ।

ରାଜ୍ୟରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ପ୍ରାୟତଃ ବିକାଶର ଅଭିବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରୁଛି । ଓଡ଼ିଶାରେ ନିର୍ମାଣ କ୍ଷେତ୍ରରେ ସବୁଠାରୁ ଅଧିକ ଶ୍ରମିକ ରୋଜଗାର ପାଉଛନ୍ତି, କିନ୍ତୁ ଉତ୍ପାଦନ ଏବଂ ଆଧୁନିକ ଶିଳ୍ପ ପ୍ରତିଷ୍ଠା ପାଇଁ ଦକ୍ଷ ଓ କୁଶଳୀ କର୍ମଚାରୀଙ୍କ ଆବଶ୍ୟକତା ରହିଛି ।

**ଓଡ଼ିଶାରେ ସୁଦୀର୍ଘ ୪୮୦ କିଲୋମିଟର ଉପକୂଳ ପଥ, ବନ୍ଦରଭିତ୍ତିକ ସୁବିଧା ଏବଂ ଅପେକ୍ଷାକୃତ ସୁଲଭ ମୂଲ୍ୟରେ ଜମି ପାଇବା ଭଳି ଅନେକ ସୁଯୋଗ ରହିଛି । ଏହା ନିଶ୍ଚିତ ଯେ ଓଡ଼ିଶା ଭାରତର ପୂର୍ବ ପ୍ରବେଶପଥ ଭାବରେ ଶୀଘ୍ର ନିଜର ପରିଚୟ ସୃଷ୍ଟି କରିବ ।**

ଏ ପରିପ୍ରେକ୍ଷୀରେ ,ସରକାର ରପ୍ତାନି ବୃଦ୍ଧି, ଇଲେକ୍ଟ୍ରୋନିକ୍ସ, ବୈଦ୍ୟୁତିକ ଯାନବାହାନ, ବୟନଶିଳ୍ପ ପ୍ରତିଷ୍ଠା ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ପ୍ରସାରଣକୁ ଅଗ୍ରାଧିକାର ଦେବା ସହିତ ସଫଳ ରୂପାୟନ ପାଇଁ ଉଦ୍ୟମ କରନ୍ତୁ ।

ରାଜ୍ୟରେ ସରକାର ଆଇଟି ପାର୍କ, ଷ୍ଟାର୍ଟଅପ୍ ହବ୍ ଏବଂ ଫିନଟେକ୍ ଭଳି କମ୍ପାନିର ପ୍ରବେଶକୁ ଅଗ୍ରାଧିକାର ଦେଉଛନ୍ତି । ସୂଚନା ସାପେକ୍ଷ ଯେ ଛଅଟି ସଫ୍ଟୱେର୍ ପ୍ରଯୁକ୍ତି ପାର୍କ ସହିତ,ବିଶ୍ୱ କ୍ଷମତା କେନ୍ଦ୍ର ପ୍ରତିଷ୍ଠା କରିବାକୁ ମାଝୀ ସରକାର ଘୋଷଣା କରିଛନ୍ତି । ଉନ୍ନତ ସଂଯୋଗୀକରଣ ଏବଂ ନୂତନ ପର୍ଯ୍ୟଟନ କେନ୍ଦ୍ର ନିରୂପଣ, ସାଂସ୍କୃତିକ ଏବଂ ପରିବେଶଗତ ପର୍ଯ୍ୟଟନ ପ୍ରସାରର ଆବଶ୍ୟକତା ଅଛି । ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଭଣ୍ଡାର ଏବଂ ପ୍ରଚୁର ନବୀକରଣୀୟ ଶକ୍ତି, ସମ୍ବନ୍ଧିତ ଶିଳ୍ପର ପ୍ରତିଷ୍ଠା ପାଇଁ ଏକ ବାତାବରଣ ସୃଷ୍ଟି ହେଇଛି । ଆମ ଯୁବପିଢ଼ି ଏବଂ ମହିଳାଙ୍କୁ ଇଭି, ସେମିକଣ୍ଡକ୍ଟର ଏବଂ ଡିଜିଟାଲ୍ ସେବାରେ ତାଲିମ ଦେବା ଦ୍ୱାରା ବଡ଼ ଧରଣର ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ସାମୂହିକ ବିକାଶକୁ ପ୍ରୋତ୍ସାହିତ କରାଯାଇପାରିବ ।

କେନ୍ଦ୍ର ଏବଂ ରାଜ୍ୟରେ ଡବଲ–ଇଞ୍ଜିନ୍ ସରକାରଙ୍କ ଶାସନ ଯୋଗୁଁ ଓଡ଼ିଶା ଲାଭ ଉଠେଇ ପାରିବ, ଯାହାଦ୍ୱାରା ପ୍ରକଳ୍ପ ମଞ୍ଜୁରୀ ଏବଂ ସମନ୍ୱିତ ବିକାଶ ତ୍ୱରାନ୍ୱିତ ହେବ । ଏ ବର୍ଷ ଏପ୍ରିଲ ୨୦୨୫ରେ, ଓଡ଼ିଶା–ସରକାର ୮.୯୬ ଲକ୍ଷ କୋଟି ଟଙ୍କାର ବୁଝାମଣାପତ୍ର ନିବେଶକଙ୍କ ସହ ସ୍ୱାକ୍ଷର କରିଛନ୍ତି । ଏଗୁଡ଼ିକ ମୁଖ୍ୟତଃ ପେଟ୍ରୋଲିୟମ୍, ରାସାୟନିକ ପଦାର୍ଥ ଏବଂ ପ୍ରାକୃତିକ ଗ୍ୟାସ ସମ୍ବନ୍ଧୀୟ ଅଟେ । ରାଜ୍ୟ ସରକାର ନିୟମିତ ରୂପେ ପ୍ରକଳ୍ପ ଅନୁମୋଦନ କରି ପ୍ରମୁଖ ନିବେଶକୁ ଆକର୍ଷିତ କରୁଛନ୍ତି । ସହଜରେ ବ୍ୟବସାୟ କରିବା (ease of doing business ) ଦ୍ୱାରା ମଞ୍ଜୁରୀ ତ୍ୱରାନ୍ୱିତ ହେଉଛି ।

ସବୁଜ ବର୍ଗର ପ୍ରକଳ୍ପ ପାଇଁ ୧୫ ଦିନ ମଧ୍ୟରେ ସିଙ୍ଗଲ–ୱିଣ୍ଡୋ ପ୍ରଣାଳୀ ଦ୍ୱାରା ଅନୁମୋଦନ ଆବଶ୍ୟକ ଏବଂ ଅନ୍ୟ ପ୍ରକଳ୍ପ ପାଇଁ ୩୦ ଦିନ ସମୟସୀମା ଧାର୍ଯ୍ୟ କରାଯାଇଛି । ଯଦି ଉକ୍ତ ସମୟସୀମା ମଧ୍ୟରେ ସ୍ୱୀକୃତି ଦିଆନଯାଏ, ତେବେ ସ୍ୱତଃପ୍ରବୃତ୍ତ ଭାବରେ ମଞ୍ଜୁରୀ ମିଳିଗଲା ବୋଲି ବିବେଚନା କରାଯିବ ।

ଅର୍ଥନୀତିଜ୍ଞମାନେ ୨୦୨୫–୨୬ରେ ଓଡ଼ିଶାରେ ଅଭିବୃଦ୍ଧିହାର ଶତକଡ଼ା ୮ – ୮.୫ ମଧ୍ୟରେ ରହିବ ବୋଲି ଆକଳନ କରିଛନ୍ତି ।

ଯଦି ପ୍ରାକୃତିକ ଶକ୍ତିର ଉପଯୋଗ ଓ ଭିତ୍ତିଭୂମିର ବିସ୍ତାର କରାଯାଏ, ଏହି ଜିଡିପି ହାର ଦୁଇ ଅଙ୍କକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ବିକଶିତ ଓଡ଼ିଶା ୨୦୩୬ରେ ଓଡ଼ିଶାକୁ ଏକ ବିବିଧ, ସ୍ଥିର ଅର୍ଥନୀତିରେ ପରିଣତ କରିବାର ଏକ ସୁଯୋଗ ମିଳିଛି, ଯାହା ପୂର୍ବ ଭାରତରେ ଅଭିବୃଦ୍ଧିର ଏକ ଇଞ୍ଜିନ ଅଟେ । ପ୍ରାଥମିକତା ମଧ୍ୟରେ ଆଦିବାସୀ ଏବଂ ପଛୁଆ ଜିଲ୍ଲାଗୁଡ଼ିକରେ ସନ୍ତୁଳିତ ଆଞ୍ଚଳିକ ବିକାଶ, ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି, ୧୦୦ ପ୍ରତିଶତ ସାକ୍ଷରତା ସୁନିଶ୍ଚିତ କରିବା, ଖଣିଜଦ୍ରବ୍ୟ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ରପ୍ତାନିର ବିବିଧୀକରଣ ଏବଂ ଉତ୍ପାଦନଭିତ୍ତିକ ନୂତନ ଯୁଗର ଶିଳ୍ପ ପାଇଁ ଏକ କୁଶଳୀ କର୍ମଶକ୍ତି ସୃଷ୍ଟି କରିବା ଅନ୍ତର୍ଭୁକ୍ତ ।

ପ୍ରଚୁର ସମ୍ବଳ, ସୁଦୃଢ଼ ଅର୍ଥନୈତିକ ଭିତ୍ତିଭୂମି ସହିତ, ଓଡ଼ିଶା ଏକ ଐତିହାସିକ ପରିବର୍ତ୍ତନର ଦ୍ୱାରଦେଶରେ ଠିଆ ହୋଇଛି । ଯଦି ଭିଜନ ୨୦୩୬ ରୋଡମ୍ୟାପ୍ ସଠିକ୍ ଭାବରେ କାର୍ଯ୍ୟକାରୀ ହୁଏ, ତେବେ ଓଡ଼ିଶାବାସୀ ଗର୍ବର ସହ ଏହାର ଶତବାର୍ଷିକୀ ପାଳନ କରିବେ ଓ ଏହା ସହିତ ଦେଶର ଅଭିବୃଦ୍ଧି ଏବଂ ସମୃଦ୍ଧିର ଏକ ବିକଶିତ ରାଜ୍ୟ ଭାବେ ଓଡ଼ିଶା ପରିଗଣିତ ହେବ । ଏହା ନିଃସନ୍ଦେହରେ କୁହାଯାଇପାରେ ।

**ପୂର୍ବତନ ଉପ ମହାପ୍ରବନ୍ଧକ,**
**ବ୍ୟାଙ୍କ ଅଫ୍ ଇଣ୍ଡିଆ**

# କାର୍ତ୍ତିକ ଓ କୀର୍ତ୍ତନ

**ବୈଷ୍ଣବ ଚରଣ ଦାଶ**

ସଂସାରରେ ଭକ୍ତି ନଅ ପ୍ରକାରର । ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦ ସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ । ପୁରାଣରେ ଏହି ନଅ ଗୋଟି ଭକ୍ତି ଏବଂ ଭକ୍ତଙ୍କ ବିଷୟ ବର୍ଣ୍ଣିତ ରହିଛି । ଶ୍ରବଣରେ ପରୀକ୍ଷିତ, କୀର୍ତ୍ତନରେ ନାରଦ, ସ୍ମରଣରେ ପ୍ରହ୍ଲାଦ, ପାଦ ସେବନରେ ଲକ୍ଷ୍ମୀ, ଅର୍ଚ୍ଚନରେ ପୃଥୁ ରାଜା, ବନ୍ଦନରେ ଅକ୍ରୁର, ଦାସ୍ୟରେ ହନୁମାନ, ସଖ୍ୟରେ ଅର୍ଜୁନ ଏବଂ ଆତ୍ମନିବେଦନରେ ବଳି ରାଜାଙ୍କୁ ଶ୍ରେଷ୍ଠ ଭକ୍ତ ଭାବେ ଗ୍ରହଣ କରାଯାଇଛି । ତେବେ ଭିନ୍ନ ଭିନ୍ନ ଯୁଗରେ ଭକ୍ତି ପ୍ରଦର୍ଶନର ମାର୍ଗ ଭିନ୍ନ ଭିନ୍ନ ହୋଇଛି । ସତ୍ୟ ଯୁଗରେ ତପସ୍ୟା ଦ୍ୱାରା, ତ୍ରେତୟାରେ ଯଜ୍ଞ ଦ୍ୱାରା, ଦ୍ୱାପରରେ ସେବା ଦ୍ୱାରା, କଳିରେ କୀର୍ତ୍ତନ ଦ୍ୱାରା ଭକ୍ତିକୁ ପ୍ରତିପାଦନ କରାଯାଇ ଆସୁଛି ।

ଏହି କୀର୍ତ୍ତନ କଣ? ଉଚ୍ଚ ସ୍ୱରରେ ଭଗବାନଙ୍କ ନାମ ଓ ଗୁଣ ଗାୟନ କରିବାକୁ କୀର୍ତ୍ତନ କୁହାଯାଏ । ଅଭିଧାନ ଅନୁସାରେ ବାଦ୍ୟ ବାଦନ ସହ ହରିନାମ ଗାୟନକୁ କୀର୍ତ୍ତନ କୁହାଯାଏ । ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଏହି କୀର୍ତ୍ତନ ଶବ୍ଦ ବିଶେଷ ଭାବରେ ଦୃଷ୍ଟି ଗୋଚର ହୁଏ । କୀର୍ତ୍ତନ ସହ ଉତ୍କଳର ପରମ୍ପରା ଅତୀବ ପ୍ରାଚୀନ । ଜୟଦେବ କୀର୍ତ୍ତନ କରି ହରି ନାମ ଗାନ କରୁଥିଲେ । ତେବେ କେତେକ ଗବେଷକଙ୍କ ମତରେ ୧୫୧୦ ମସିହାରେ ଶ୍ରୀଚୈତନ୍ୟଙ୍କ ଆଗମନରୁ ଉତ୍କଳରେ କୀର୍ତ୍ତନର ପ୍ରଭାବ ବଢ଼ି ଚାଲିଛି । ଓଡ଼ିଶାରେ ଏବେ କୀର୍ତ୍ତନ ମାଧ୍ୟମରେ ମହାମନ୍ତ୍ର ଜପ ଚାଲିଛି । ଗୁରୁମାନଙ୍କ ଠାରୁ ଗ୍ରାମର ଯୁବକ ଓ ବାଳକମାନେ ଶିକ୍ଷା ଲାଭ କରି କୀର୍ତ୍ତନ କରୁଅଛନ୍ତି । ବିଶେଷତଃ ଅଷ୍ଟ ପ୍ରହରୀ, ନାମଯଜ୍ଞ, ମେଳଣ, ଯାନିଯାତ୍ରା ଆଦି ସମୟରେ କୀର୍ତ୍ତନ ହୋଇଥାଏ । ଆହୁରି ମଧ୍ୟ କାର୍ତ୍ତିକ ମାସରେ କୀର୍ତ୍ତନ କରାଯାଇଥାଏ ।

କାର୍ତ୍ତିକ ମାସ ଆମ ଓଡ଼ିଆ ପରମ୍ପରାର ଏକ ଧର୍ମମାସ । ଏହା ମାସରେ ବିଷ୍ଣୁଙ୍କ ପୂଜା ଅର୍ଚ୍ଚନା କଲେ ଅଶେଷ ପୁଣ୍ୟ ଅର୍ଜନ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପ୍ରାତଃ କାଳରେ ସମସ୍ତେ ଭୋରରୁ ଉଠି ସ୍ନାନାଦି କର୍ମ ସମାପନ କରି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରନ୍ତି । ତା'ପରେ କୀର୍ତ୍ତନ ହୁଏ ।

ପଲ୍ଲୀର ଦେବାଳୟ ପ୍ରାଙ୍ଗଣ ତଥା ଦାଣ୍ଡରେ ସକାଳେ ଏବଂ ସନ୍ଧ୍ୟାରେ ଆବାଳ ବୃଦ୍ଧ ବନିତା ଏହି କୀର୍ତ୍ତନରେ ଭାଗ ନେଇ ଥାନ୍ତି । ମୃଦଙ୍ଗ, ଝାଞ୍ଜ, କରତାଳ, ଗିନି, ହରମୋନିୟମ ଧରି **'ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ, ରାମ ରାମ ହରେ ହରେ'** ମନ୍ତ୍ରରେ କୀର୍ତ୍ତନ କରନ୍ତି ।

ଏହି କୀର୍ତ୍ତନ ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହେଉଥାଏ । ଯାହା ଏକ ପ୍ରମୁଖ ଦର୍ଶନୀୟ ଦୃଶ୍ୟ । କୀର୍ତ୍ତନିଆ ଦଳ ଗାଆଁ ସାରା ବୁଲି ବୁଲି ଭଗବାନଙ୍କ ନାମ ଗାନ କରନ୍ତି ।

ଶେଷରେ ପ୍ରସାଦ ସମସ୍ତେ ପାଇଥାନ୍ତି । ଜଣେ ଗାୟକ ଭୂମିକା ନିର୍ବାହ କରୁଥିବା ବେଳେ ଅନ୍ୟମାନେ ପାଳିଆ ଧରିଥାନ୍ତି । କୀର୍ତ୍ତନରେ ଗାୟକ ଓ ବାୟକକୁ ସ୍ୱତନ୍ତ୍ର ସମ୍ମାନ ଦିଆଯାଏ । ସଙ୍କୀର୍ତ୍ତନ ଶିକ୍ଷାକୁ ସଙ୍କୀର୍ତ୍ତନ ଆଖଡ଼ା ଏବଂ ଦଳକୁ ସଙ୍କୀର୍ତ୍ତନିଆ କୁହାଯାଏ । ଗ୍ରାମରେ ଥିବା ଭାଗବତ ଟୁଙ୍ଗୀ ସଙ୍କୀର୍ତ୍ତନ ଆଖଡ଼ା ରୂପେ ବ୍ୟବହୃତ ହୁଏ । ସଙ୍କୀର୍ତ୍ତନ ଶେଷରେ ଖୋଳ ଏବଂ ଅନ୍ୟାନ୍ୟ ଉପକରଣକୁ ଭୋଗ ଓ ନୂଆ ବସ୍ତ୍ର ଅର୍ପଣ ପୂର୍ବକ ପୂଜା କରାଯାଏ । ବିଶେଷ କରି କାର୍ତ୍ତିକ ମାସରେ ପଞ୍ଚକ ପାଞ୍ଚଦିନ ଧରି କୀର୍ତ୍ତନ ହୋଇଥାଏ ।

ଶୀତକୁ ଖାତିର ନ କରି ଗ୍ରାମବାସୀ ଏହି କୀର୍ତ୍ତନରେ ଅଂଶଗ୍ରହଣ କରନ୍ତି । ଭଗବାନଙ୍କ ପ୍ରେମରେ ତଲ୍ଲୀନ ହୋଇ ନାମ ଗାୟନ କରନ୍ତି । ପ୍ରତି ଗାଁରେ ଏକ କୀର୍ତ୍ତନ ମଣ୍ଡପ ଥାଏ କିମ୍ବା ଭାଗବତ ଘର ବା ମନ୍ଦିର ବେଢ଼ାରେ କୀର୍ତ୍ତନ ହୋଇଥାଏ ।

ଆମ ଓଡ଼ିଶାରେ ସାତ ପ୍ରକାର କୀର୍ତ୍ତନ ପରିଲକ୍ଷିତ ହୋଇଥାଏ ଯଥା– ଓଡ଼ିଶୀ, ଦକ୍ଷିଣୀ, ପୁରୀ, ବିଷ୍ଣୁ, ଉତ୍କଳୀ, ରାଣୀଘାଟି ଓ ରାଢ଼େନ । କୀର୍ତ୍ତନ ଦ୍ୱାରା ପାପ ମୋଚନ ହେବା ସାଙ୍ଗକୁ ମନରେ ଶାନ୍ତି ଓ ଭଗବତ୍ ପ୍ରେମର ଧାରା ପ୍ରବାହିତ ହୁଏ । ଭଗବାନ ମଧ୍ୟ ନାରଦଙ୍କୁ କହିଛନ୍ତି – **'ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାମ୍ ହୃଦୟେ ନ ଚ, ମଦ୍ ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।'**

ଅର୍ଥାତ୍ ଯେଉଁଠି ମୋର ନାମ ଗାୟନ, କୀର୍ତ୍ତନ ହୁଏ ମୁଁ ସେଇଠି ବସବାସ କରେ । ସଂକୀର୍ତ୍ତନରେ ହରିନାମ ଦ୍ୱାରା ମନୁଷ୍ୟର ସଦ୍‌ଗତି ପ୍ରାପ୍ତ ହୁଏ । ନୈତିକତା ଓ ଆଧ୍ୟାତ୍ମିକ ଚିନ୍ତାଧାରାର ପରିପ୍ରକାଶ ଘଟିଥାଏ ।

ସଂକୀର୍ତ୍ତନ ଦ୍ୱାରା ଶରୀରରେ ଅଷ୍ଟାଙ୍ଗଯୋଗ ସୃଷ୍ଟି ହୋଇଥାଏ । କୀର୍ତ୍ତନର ଗଭୀର ପ୍ରଭାବ ବ୍ୟକ୍ତି, ଗୋଷ୍ଠୀ ଏବଂ ସମାଜ ଉପରେ ପଡ଼ିଥାଏ । ଏହାଦ୍ୱାରା ଜୀବନର ଗତିପଥ ବଦଳିଯାଏ । ଏହିପରି ନାମ ସଂକୀର୍ତ୍ତନର ପ୍ରଭାବ ଫଳରେ ମଣିଷ ସତ୍‌ପଥରେ ପରିଚାଳିତ ହେବାକୁ ଲାଗେ । ସେଥିପାଇଁ କୁହାଯାଇଛି 'ହରିନାମେ କି ରସ ଅଛି, ପାନକଲା ଲୋକ ସିନା ଜାଣିଛି' । 'କଳୌ ତତ୍ ହରି କୀର୍ତ୍ତନାତ୍'। କଳି ଯୁଗରେ କୀର୍ତ୍ତନ ହିଁ ଶ୍ରେଷ୍ଠ ମାଧ୍ୟମ ଅଟେ ।

ବର୍ତ୍ତମାନର ଇଣ୍ଟରନେଟ ଯୁଗରେ ଲୋକେ କୀର୍ତ୍ତନକୁ ଭୁଲିଯାଇ କେବଳ ମୋବାଇଲ, ଟିଭି ପଛରେ ପଡିଛନ୍ତି । ତ ଦ୍ୱାରା ଆମର ଏହି ଲୋକ କଳା ଧୀରେ ଧୀରେ ହଜିଯିବାରେ ଲାଗିଛି । ତେବେ ଏହାକୁ ଦେଖି ୨୦୧୧ମସିହାରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ସଂକୀର୍ତ୍ତନକୁ ଓଡ଼ିଶାର ପ୍ରାଚୀନତମ ଲୋକକଳା ରୂପେ ଘୋଷଣା କରାଯାଇଅଛି । ସଂକୀର୍ତ୍ତନ ଦ୍ୱାରା ବିଶ୍ୱରେ ଭ୍ରାତୃଭାବ ସୃଷ୍ଟି ହୋଇଛି । ପ୍ରାଚୀନ ଗାୟକମାନଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଉଛି । ତଥାପି ଏହାକୁ ବଞ୍ଚାଇ ରଖିବାକୁ ହେଲେ ଆମକୁ ମଧ୍ୟ ଏହି କୀର୍ତ୍ତନରେ ସାମିଲ ହେବାକୁ ପଡିବ, ତେବେ ଏହି କଳା ବଞ୍ଚି ରହିବ ।

**ବୀରଧନଞ୍ଜୟ ପୁର, ଶାସନ**
**ବୁଗୁଡ଼ା, ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମଣିଷର ଚେତନା ଓ ଆତ୍ମିକ ସତ୍ୟ

**ଡ.ଅରୁନ୍ଧତୀ ଦେବୀ**

ଶିକ୍ଷାର୍ଥୀମାନଙ୍କୁ ଯେଉଁସବୁ ଉପଦେଶ ପ୍ରଦାନ କରାଯାଏ, ତାର ପ୍ରତ୍ୟେକ ଅଂଶ ମଧ୍ୟ ଯଥେଷ୍ଟ ଶକ୍ତିଶାଳୀ। ଅନୁରକ୍ତ ଭାବେ ମାତାପିତାଙ୍କର ସେବା କରିବା ଦ୍ୱାରା ଧର୍ମବ୍ୟାଧ ଶାଶ୍ୱତ ଯଶ ଲାଭ କରିଥିଲେ । ନିରନ୍ତର ଧର୍ମରତ ଥିବାରୁ ରାମ ଏବଂ ହରିଶ୍ଚନ୍ଦ୍ର ଅମରତ୍ୱ ଲାଭ କରିଥିଲେ । ଧର୍ମ ମାଧ୍ୟମରେ ସାଧାରଣ ମଣିଷ ମହାପୁରୁଷ ହୋଇପାରୁଥିଲେ । ବୁଦ୍ଧ ଜୀବିତ ପ୍ରାଣୀଙ୍କୁ ଆଘାତ କରିବାକୁ ନିବୃତ୍ତ ହୋଇଥିଲେ । ସେ କହୁଥିଲେ 'ଅହିଂସା ପରମ ଧର୍ମ'। ତେଣୁ ଜଣେ ବିଶ୍ୱଗୁରୁ ରୂପେ ସେ ପୂଜିତ ହୋଇଥିଲେ ।

ଜୀବନର ପ୍ରକୃତ ତପ ହେଉଛି ଏହି ଅନୁମୋଦିତ ଶୃଙ୍ଖଳା ଓ ନୀତିନିୟମ ପାଳନ କରିବା । ତ୍ରିକରଣ ଅଥବା ତିନୋଟି ଅନ୍ତଃକରଣ ମଧ୍ୟରେ ମଣିଷର ମନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆସକ୍ତି, ପ୍ରବୃତ୍ତି ଏବଂ ଉତ୍ତେଜନା ଏଥିରେ ଯେପରି ପ୍ରବେଶ ନ କରିବ ସେଥିପାଇଁ ଆମେ ଯତ୍ନବାନ ହେବା ଉଚିତ । ଏସବୁ ଚରମ ଅବସ୍ଥା ମନ ପକ୍ଷେ ସ୍ୱାଭାବିକ । ମନରେ ଯେଉଁ ଉତଫେଣ ତରଙ୍ଗ ସୃଷ୍ଟି ହୁଏ, ସେଗୁଡ଼ିକ କାମ, କ୍ରୋଧ, ଲୋଭ, ମୋହ, ମଦ ଏବଂ ମାତ୍ସର୍ଯ୍ୟ । ଏହି ଛଅଟି ମଣିଷର ଅନ୍ତଃଶତ୍ରୁ । ପ୍ରଥମ ଦୁଇଟି ଅନୁସରଣ କରି ପରବର୍ତ୍ତୀ ଚାରୋଟି ଶତ୍ରୁ ଆସିଥାନ୍ତି । ପ୍ରଥମ ଦୁଇଟିରୁ ନିଜକୁ ମୁକ୍ତି କରି ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେବା ପାଇଁ ସାଧନାର ଆବଶ୍ୟକତା ରହିଛି । ବିଦ୍ୟା ମାଧ୍ୟମରେ ଆମେ ଏହି ଅଭ୍ୟାସ ଶିକ୍ଷା କରୁ । କର୍ମରୁ ଲାଭ ପାଇବା ପାଇଁ କୌଣସି ମନୋବୃତ୍ତି ବା ଇଚ୍ଛା ନଥାଇ ସମ୍ପୂର୍ଣ୍ଣ ଭାବରେ ପ୍ରେମ ଅଥବା କର୍ତ୍ତବ୍ୟ ଜ୍ଞାନବଶତଃ ଯେଉଁ କର୍ମ ସଂପାଦିତ ହୁଏ, ତାହାକୁ 'ଯୋଗ' କୁହାଯାଏ । ଏପରି ଯୋଗ ମଣିଷର ପଶୁ ପ୍ରବୃତ୍ତିକୁ ଧ୍ୱଂସ କରେ ଏବଂ ତାକୁ ଦିବ୍ୟ ସତ୍ତାରେ ରୂପାନ୍ତରିତ କରେ । ଆତ୍ମାର ଜ୍ଞାତି ମନେକରି ଅନ୍ୟମାନଙ୍କର ସେବା କର । ଏହା ହିଁ ଅଗ୍ରଗତି ନିମନ୍ତେ ତୁମକୁ ସାହାଯ୍ୟ କରିବ । ତୁମେ ଯେଉଁ ଆଧ୍ୟାତ୍ମିକ ସ୍ତରରେ ଉପନୀତ ହୋଇଛ ସେଠାରୁ ଏହା ତୁମକୁ ଅଧଃପତିତ ହେବାକୁ ଦେବ ନାହିଁ । ବ୍ରତ ଏବଂ ଉପାସନା ଅପେକ୍ଷା ସେବା ଯଥେଷ୍ଟ ହିତକର । ତୁମ ମଧ୍ୟରେ ଥିବା ପ୍ରଚ୍ଛନ୍ନ ସ୍ୱାର୍ଥପରତାକୁ ସେବା ଅସଂହତ କରିଥାଏ, ଏହା ତୁମ ହୃଦୟକୁ ପ୍ରଶସ୍ତ କରେ, ଉନ୍ମୀଳିତ କରେ । ତେଣୁ କୌଣସି ଆକାଂକ୍ଷା ନରଖି କର୍ମ କରିବା ହିଁ ମଣିଷର ପରମ ଆଦର୍ଶ ଏବଂ ଏହି ନିଷ୍କାମ ସେବାର ସୂକ୍ଷ୍ମ ପ୍ରଭାବ ମାଧ୍ୟମରେ ଜୀବନସୌଧ ଯେତେବେଳେ ନିର୍ମିତ ହୁଏ ସଦଗୁଣ ଗୁଡ଼ିକ ଆପେ ଆପେ ତାକୁ ସମୃଦ୍ଧି କରିବ । ସେବା ଅନ୍ତର୍ନିହିତ ଉତ୍ତମତାର ବାହ୍ୟ ଅଭିବ୍ୟକ୍ତି। ଅଧିକରୁ ଅଧିକ ସେବାରେ ପ୍ରବୃତ୍ତ ହେଲେ ମଣିଷର ଚେତନା ପରିବ୍ୟାପ୍ତ ଓ ଗଭୀର ହୁଏ ଏବଂ ତାର ଆତ୍ମିକ ସତ୍ୟ ଅଧିକ ସ୍ପଷ୍ଟ ଭାବରେ ଜଣାଯାଏ ।

**କଟକ, ମୋ–୯୯୩୭୧୭୨୮୧୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୀଡ଼ିତାଙ୍କ...

ଏକ ଘରୋଇ ମେଡିକାଲ କଲେଜର ଦ୍ୱିତୀୟ ଶ୍ରେଣୀର ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ପୋଲିସ ଟିମ୍ ତଦନ୍ତ ପ୍ରକ୍ରିୟାରେ ପୁନର୍ବାର ଘଟଣା କିପରି ଘଟିଲା ତାହାର ଦୃଶ୍ୟକୁ ରେକର୍ଡ଼ କରିଛନ୍ତି । ଏହାଛଡ଼ା ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟରେ ଅନେକ ବଡ଼ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଅଧିକାରୀଙ୍କ କହିବା ଅନୁଯାୟୀ ଘଟଣାର ପୁନରାବୃତ୍ତି କରାଇ ରେକର୍ଡ଼ କରିବା ଏକ କଷ୍ଟସାଧ୍ୟ ବ୍ୟବସ୍ଥା । ଯେଉଁମାନଙ୍କୁ ଗିରଫ କରାଯାଇଛି ସେମାନଙ୍କଠାରୁ ପ୍ରମାଣ ହାସଲ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ତେବେ ଏହି ଦୃଶ୍ୟର ପୁନରାବୃତ୍ତି ସମୟରେ ସମ୍ପୃକ୍ତ ମେଡିକାଲ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ସହଯୋଗ ମଧ୍ୟ ନିଆଯାଇଛି । ସେ ଶୁକ୍ରବାର ରାତିରେ ସମ୍ପୃକ୍ତ ଛାତ୍ରୀଙ୍କ ସହ ବାହାରକୁ ଯାଇଥିଲେ । ପୋଲିସ ପକ୍ଷରୁ ମଧ୍ୟ ପିଡ଼ିତାଙ୍କ ବୟାନ ରେକର୍ଡ଼ କରାଯାଇଛି । ଘଟଣା ଘଟିଥିବା ସ୍ଥାନ ଓ ବୟାନକୁ ନେଇ ଯାଞ୍ଚ କରାଯାଉଛି । ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କୁ ଗିରଫ କରାଯାଇଛି । ଦୁର୍ଗାପୁର ନିୟୁଟାଉନସିପ୍ ଥାନା ଓ ଦୁର୍ଗାପୁର ଥାନାର ଏକ ଯୁଗ୍ମ ଟିମ୍ ଏହାକୁ ପରିଚାଳନା କରୁଛନ୍ତି । ସେହିଭଳି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଦୁର୍ଗାପୁର ଯାଇ ପିଡ଼ିତା ଓ ତାଙ୍କ ପରିବାର ସହ କଥା ହୋଇଛନ୍ତି ।


### କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ

(ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କର ଏକ ସ୍ୱୟଂକ୍ରିୟ ସଂସ୍ଥା)
ଜବାହରଲାଲ୍ ନେହେରୁ ଭାରତୀୟ ଚିକିତ୍ସା ଅଭମ ହୋମିଓପାଥି ଅନୁସଂଧାନ ଭବନ
୬୧-୬୫, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଅପୋଜିଟ୍ ଡି- ବ୍ଲକ, ଜନକପୁରୀ, ନୂଆଦିଲ୍ଲୀ-୧୧୦୦୫୮

ବିଜ୍ଞାପନ ସଂଖ୍ୟା : ୧୭୮/୨୦୨୫-୨୬ ତାରିଖ : ୧୩.୧୦.୨୦୨୫

କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ, ନୂଆଦିଲ୍ଲୀଙ୍କ ଅଧୀନରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚୁକ୍ତି ଭିତ୍ତିରେ ନିମ୍ନୋକ୍ତ ପଦବୀଗୁଡିକ ପାଇଁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି ।

| କ୍ରନଂ. | ପଦବୀ ଗୁଡିକର ନାମ | ପଦବୀ ସଂଖ୍ୟା |
|---|---|---|
| ୧. | ସିନିୟର ରିସର୍ଚ୍ଚ ଫେଲୋ (ହୋମିଓପାଥି) | ୦୩ |
| ୨. | ରିସର୍ଚ୍ଚ ଆସୋସିଏଟ୍ (କେମିଷ୍ଟ୍ରି) | ୦୧ |
| ୩. | ରିସର୍ଚ୍ଚ ଆସୋସିଏଟ (ଭେଟେରେନାରୀ) | ୦୧ |
| ୪. | ପ୍ରୋଜେକ୍ଟ ଆସୋସିଏଟ୍ (କେମିଷ୍ଟ୍ରି) | ୦୧ |
| ୫. | ସିନିୟର ରିସର୍ଚ୍ଚ ଫେଲୋ (ହୋମିଓପାଥି) | ୦୨ |
| ୬. | ସିନିୟର ରିସର୍ଚ୍ଚ ଫେଲୋ (ଟାଏଟିସିଆନ) | ୦୧ |
| ୭. | ଜୁନିୟର ରିସର୍ଚ୍ଚ ଫେଲୋ (ଉଦ୍ଭିଦ ବିଜ୍ଞାନ) | ୦୧ |
| ୮. | ସିନିୟର ରିସର୍ଚ୍ଚ ଫେଲୋ (ଉଦ୍ଭିଦ ବିଜ୍ଞାନ) | ୦୧ |
| ୯. | ଫିଲ୍ଡ ଆସିଷ୍ଟାଣ୍ଟ | ୦୧ |
| ୧୦. | ସିନିୟର ରିସର୍ଚ୍ଚ ଫେଲୋ<br>ଜୁନିଅର ରିସର୍ଚ୍ଚ ଫେଲୋ (ଫାର୍ମାକୋଲୋଜି) | ୦୧ |
| ୧୧. | କନ୍‌ସଲଟାଣ୍ଟ (ଆକାଉଣ୍ଟସ୍) | ୧୫ |
| ୧୨. | କନ୍‌ସଲଟାଣ୍ଟ (ଲିଗାଲ) | ୦୧ |
| ୧୩. | ଆସିଷ୍ଟାଣ୍ଟ ୱାର୍ଡେନ୍ ((ପୁରୁଷ ଓ ମହିଳା) | ୦୨୨ |

ସାକ୍ଷାତକାର ତାରିଖ, ପୋଷ୍ଟିଂ ସ୍ଥାନ, ଆବଶ୍ୟକୀୟ ଯୋଗ୍ୟତା, ଅଭିଜ୍ଞତା, ବେତନ ଇତ୍ୟାଦି ସମ୍ପର୍କରେ ସବିଶେଷ ବିବରଣୀ ପରିଷଦର ୱେବସାଇଟ୍ : www.ccrhindia.ayush.gov.in ରେ ଉପଲବ୍ଧ ଅଟେ ।

ଆସିଷ୍ଟାଣ୍ଡ ଡାଇରେକ୍ଟର (ଏଚ)/ ଏସ-୪/ଆଡମିନ୍‌ଷ୍ଟ୍ରେସନ ଆଇ/ସି



### AFFIDAVIT

By virtue of an Affidavit no : 5987 Dated : 09.10.25 sworn before Notary, Talcher I Baniranjan Mohapatra, S/o - Muralidhar Mohapatra, At- Kainchhapada, Po- Kampasala, PS - Chhendipada, Dist-Angul, declare that my actual name is Baniranjan Mohapatra which has been maintained in my all other documents. But in my HSC Certificate no AI-12-180672 my name has been wrongly maintained Baniranjan Momapatra instead of Baniranjan Mohapatra. Henceforth I shall be known as Baniranjan Mohapatra for all purposes.

Sd/- Baniranjan Mohapatra



### ODISHA GRAMEEN BANK

INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, PO: KHANDAGIRI, BHUBANESWAR-751030 (ODISHA)

Bid Number # OGB/ITD/HW/AUCTION/001/2025-26 Date: 15.10.2025

**Odisha Grameen Bank** invites application for disposal of obsolete/unserviceable hardware items from OGB, Head Office, Bhubaneswar. For details and application format please visit Bank's website: **www.odishabank.in**

GENERAL MANAGER



### ଦ.ପୂ. ରେଳପଥ-ଟେଣ୍ଡର

ଡିଆରଏମ/ଇଞ୍ଜିନିୟରିଂ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଭାରତ ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡିକ ପାଇଁ ମାନୁଆଲ ଅଫରର ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । **କ୍ର.ନଂ.-୧, ଟେଣ୍ଡର ନୋଟିସ୍ ନଂ : ସିକେପି-ସେଣ୍ଟ୍ରାଲ-୨୫-୨୬-୪୨, ତାରିଖ : ୧୩.୧୦.୨୦୨୫ । କାର୍ଯ୍ୟର ନାମ** : ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ଏଡିଇଏନ/ସେଟଲମେଣ୍ଟ, ଏଡିଇଏନ/ୱେଷ୍ଟ/ଚକ୍ରଧରପୁର ଏବଂ ଏଡିଇଏନ/ବଣ୍ଡାମୁଣ୍ଡା କ୍ଷମତା ଅଧୀନରେ ଥିବା ଦକ୍ଷିଣ ପୂର୍ବ ରେଳବାଇର ଉପସ୍ଥିତ ପାଚେରୀରେ ରେଳବାଇ ଜମି ମ୍ୟୁଟେସନ୍ ସକାଶେ କନ୍‌ସଲଟାଣ୍ଟ ନିୟୋଜିତ ପାଇଁ ବଳକା କାର୍ଯ୍ୟ । **ଟେଣ୍ଡର ମୂଲ୍ୟ** : ଟ. ୧,୮୯,୮୮,୮୦୩.୨୦ । ଇଏମ୍‌ଡି : ଟ. ୨,୪୫,୦୦୦/- । ଖୋଲା ତାରିଖ : ୦୪.୧୧.୨୦୨୫ । **କ୍ର.ନଂ-୨, ଟେଣ୍ଡର ନୋଟିସ୍ ନଂ : ସିକେପି-ସେଣ୍ଟ୍ରାଲ-୨୫-୨୬-୪୩, ତାରିଖ : ୧୩.୧୦.୨୦୨୫ । କାର୍ଯ୍ୟର ନାମ** : ଚକ୍ରଧରପୁର ଷ୍ଟେସନ ଠାରେ ଦ୍ରୁତ ୱାଟରିଂ ବ୍ୟବସ୍ଥା ସକାଶେ ସିଭିଲ୍ ଇଞ୍ଜିନିୟରିଂ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ** : ଟ. ୧,୦୩,୧୯,୧୯୮.୨୬ । ଇଏମଡି : ଟ. ୨,୦୧,୬୦୦/- । ଖୋଲା ତାରିଖ : ୦୭.୧୧.୨୦୨୫ । **କ୍ର.ନଂ.୩, ଟେଣ୍ଡର ନୋଟିସ୍ ନଂ : ସିକେପି-ସେଣ୍ଟ୍ରାଲ-୨୫-୨୬-୪୪, ତାରିଖ : ୧୩.୧୦.୨୦୨୫ । କାର୍ଯ୍ୟର ନାମ** : ଏଲ୍‌ଏଚ୍‌ଏସ ରୁ ଏନ୍‌ଏଚ୍ ୭୪ ଏବଂ ଏଲ୍‌ଏଚଏସ୍‌ରୁ ଜିଲ୍ଲା ରୋଡ୍ ପର୍ଯ୍ୟନ୍ତ ଏଲ୍‌ଏଚଏସ୍ ୧୭୦ଏ ଆର୍ପୋଚ୍ ରୋଡର ଉନ୍ନତିକରଣ, ପ୍ରଶସ୍ତିକରଣ ଏବଂ ସଂଯୋଗୀକରଣ ଲାଗି ଆର୍ପୋଚ ରୋଡ୍ । ଟେଣ୍ଡର ମୂଲ୍ୟ : ଟ. ୪,୪୧,୦୧,୦୫୨.୯୯ । ଇଏମଡି : ଟ. ୩,୭୦,୫୦୦/- । ଖୋଲା ତାରିଖ : ୧୧.୧୧.୨୦୨୫ । ଟେଣ୍ଡର ଫର୍ମ ମୂଲ୍ୟ : ଟ. ୦ (କ୍ର.ନଂ. ୧ ରୁ ୩ ପର୍ଯ୍ୟନ୍ତ ପ୍ରତ୍ୟେକଟି ପାଇଁ) । ୱେବସାଇଟ **https://www.ireps.gov.in** ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପ୍‌ଲୋଡ୍ ହୋଇଥିବା ଆବଶ୍ୟକ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଇସ୍ୟୁ କରାଯିବ । (କର୍ତ୍ତୃପକ୍ଷ-ରେଳବାଇ ବୋର୍ଡର ପତ୍ରାଙ୍କ ନମ୍ବର ୨୦୨୦/ସିଇ-ଆଇ/ସିଟି/୩ଇ/କିସିସି/ପଲିସି ତାରିଖ : ୧୬.୦୭.୨୦୨୦) । (PR-718)



### AFFIDAVIT

By virtue of an Affidavit sworn before in the court of Executive Magistrate, Talcher on dt. 9.10.2025 I Narendra Kumar Mohanty, S/o- Chintamani Mohanty, At- Dandasingha, Po- Bijigol, PS- Kaniha, Dist- Angul declare that my son's name has been wrongly maintained in his Adhar card and all documents as Somyaranjan Mohanty instead of Soumyaranjan Mohanty. My son's actual name is Soumyaranjan Mohanty. Henceforth My son will be known as Soumyaranjan Mohanty for all purposes.

Sd/- Narendra Kumar Mohanty

### AFFIDAVIT

By virtue of an affidavit sworn before Executive Magistrate, Baripada, Dist-Mayurbhanj, I, **Sunita Naik**, residing At/Po- Baldiha, Via-Shymakhunta, Dist - Mayurbhanj, Pin-757049, declare that this **affidavit no 999, dated. 14.10.2025.** I have changed the name of my minor daughter from **Mayan Naik** to **Naina Naik.** Henceforth, she shall be known as **Naina Naik** for all purposes.

Sd/- Sunita Naik

### AFFIDAVIT

By virtue of an affidavit sworn before (Executive Magistrate), (Kantamal), date. (10.10.2025), I, **(MANJU MAHANANDA)**, Address.(At/Po-Kulutajore, Ps-Kantamal, Dist-Boudh, State-Odisha), Declare that I have changed my name from **(SEEMA TANDI)** To **(MANJU MAHANANDA)**. Henceforth I shall be known as **(MANJU MAHANANDA)** for all purposes.

MANJU MAHANANDA

### AFFIDAVIT

By virtue of an affidavit sworn before Executive Magistrate,Nayagarh Odisha on dated 13.10.2025 I, Bibi Aquila Zaffer W/o -Sayed Tafizul Rahman Resident Of Village Sayedzaffer P.O- Nuahat (Kothar) P.S- Dhusuri Dist-Bhadrak,PIN-756118 declare that I have changed my name from B.A.Zaffer to Bibi Aquila Zaffer Henceforth, I shall be known as Bibi Aquila Zaffer for all purposes.

Sd/- Bibi Aquila Zaffer

### AFFIDAVIT

By virtue of an affidavit sworn Executive Magistrate, Bhuban, Affidavit No - 2151 dated 13.10.2025 I, Ajita Kumar Sahoo S/o- Ranjan Kumar Sahoo permanent resident of VIII.- Mandar Alias Samantsingarpur, Po- Mandar, Ps-Gondia, Dist-Dhenkanal, Odisha-759016 declare that I have changed my name from Ajit Kumar Sahoo to Ajita Kumar Sahoo. Henceforth, I shall be known as Ajita Kumar Sahoo for all purposes.

AJITA KUMAR SAHOO

### AFFIDAVIT

By virtue of an affidavit sworn before Notary Public, Bhubaneswar dated 13.10.2025 I, Muralidhar Malik resident of At/ PO-Barada, PS/Via-Balichandrapur, District-Jajpur, Odisha, Pin-754205 declare that I have changed the name of my son from Dakshyaprakash Malik to Dakshyaprasad Malik. Hence, he shall be known as Dakshyaprasad Malik for all purposes.

(Muralidhar Malik)

### AFFIDAVIT

By virtue of an affidavit sworn in before the Executive Magistrate, Talcher, Dt. 5/8/2025, I Gokul Chandra Sahoo, S/O- Sadasib Sahoo, At/PO Hensamul, P.S-Talcher, Dist. Angul, Pin. 759103. That my wife's name has been mentioned in her HSC certificate and my service records maintained by Ananta OCP, MCL and her medical books as "Sanjukta Nayak" but in her adhar card and Pan card her name has been mentioned as "Sanjukta sahoo". So I hereby declare that both "Sanjukta Nayak" and "Sanjukta Sahoo" is same and one person and there is no other person or persons in such name except my Wife in our locality.

Gokul Chandra Sahoo



### ଯାନ୍ତ୍ରିକ ପଦ୍ଧତିରେ ଧାଡ଼ି ବୁଣା ଧାନ ଯନ୍ତ୍ର

ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟ ଯୋଜନା ଅନ୍ତର୍ଗତ ଧାଡ଼ିରେ ଧାନ ବୁଣା ଯନ୍ତ୍ର ୨୦୨୫-୨୬ ବର୍ଷରେ ଆମ୍ଭ ଢ଼େଙ୍କାନାଳ ଜିଲ୍ଲାରେ ୮୮୦ ହେକ୍ଟର ଚାଷ ଜମିରେ ଧାଡ଼ି ପ୍ରଣାଳୀରେ ଧାନ ବୁଣା ଯନ୍ତ୍ର ଦ୍ୱାରା ଚାଷ କରାଯାଇଅଛି । ଆମ୍ଭ ଜିଲ୍ଲାର ସାତଟି ବ୍ଲକ ତଥା ସଦର, ଗଁଦିଆ, ଓଡ଼ାପଢ଼ା, ହିନ୍ଦୋଳ, କାମାକ୍ଷାନଗର, ଭୁବନ ଓ କଙ୍କଡ଼ାହାଡ଼ ବ୍ଲକରେ ଏହି ଯୋଜନା ଚାଲୁଅଛି ।

ଏହି ଅତ୍ୟାଧୁନିକ ପ୍ରଣାଳୀ ଦ୍ୱାରା ଜମିରେ ପାଣିର ଆବଶ୍ୟକତା କମ୍ ଥାଏ ଉପଯୁକ୍ତ ଗଭୀରତାରେ ଗଛକୁ ଗଛ ଦୂରତାରେ ବିହନ ବୁଣାଯାଏ । ଅଙ୍କୁରୋଦଗମ ଗଜା ଶକ୍ତି ବୃଦ୍ଧି ହୁଏ ଏବଂ ଅଧିକ ଲାଭ ମିଳେ । ଏହାଦ୍ୱାରା ଖର୍ଚ୍ଚ କମ୍, ଶୀଘ୍ର ଅମଳ ଏବଂ ଶ୍ରମ କମ୍ ହୋଇଥାଏ । ସରକାରଙ୍କ ଦ୍ୱାରା ପ୍ରତି ଚାଷୀ ମାନେ ଏହି ଯୋଜନା ଦ୍ୱାରା ଉପକୃତ ହେବେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ଢ଼େଙ୍କାନାଳ



n-177

### DISTRICT PROJECT OFFICE SAMAGRA SHIKSHA, JAJPUR

Phone & Fax-06728-224940, Email-dpjajpurssa.opepa@nic.in
Tender call notice No. 3338/2025 Dated. 13.10.2025

**Notice Inviting Tender**

Sealed Tender under two bid systems are invited from reputed agency/ suppliers/manufacturer having valid PAN, GST & IT clearance along with registration of firm etc. for supply of equipment/ materals for Saksham Resource Centre in PM Shri Schools. The detailed bid documents can be downloaded from district website i.e. www.iaipur.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/ suppliers/manufacturer may download bid document from the above website and apply accordingly on or before OS - 03.11.2025 by 5 PM through regd/speed post only. The Tender will be opened on dt. 04.11.2025 at 11.00 AM at Conference Hall, DPO, SS, Jajpur in the presence of bidders/authorized representative. Required Corrigendum/addendum will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/modify or cancel part or whole tender without assigning any reason thereof.

By Order of Collector-cum-Chairman,
SS, Jajpur
DEO-cum-DPC, SS, Jajpur

OIPR : 27170/11/0007/2526


# ୧୬ରେ ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ

ଭୁବନେଶ୍ୱର, ୧୪ା୧୦ (ସବ୍ୟୁ) : ନୂଆପଡ଼ା ଉପନିର୍ବାଚନ ଲାଗି କସରତ ଆରମ୍ଭ ହୋଇଛି । ଯଦିଓ ବିଜେପିର ପ୍ରାର୍ଥୀ କିଏ ହେବ ତାହା ବିଧିବଦ୍ଧ ଭାବେ ଘୋଷଣା ହୋଇନାହିଁ ତେବେ ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ପ୍ରାର୍ଥୀ ହେବା ଏକରକମ ଚୂଡ଼ାନ୍ତ ହୋଇଛି । ବିଜେପି ନେତା ତଥା ରାଜ୍ୟସଭା ସାଂସଦ ସୁଜିତ କୁମାର ଜୟ ଢୋଲକିଆ ପ୍ରାର୍ଥୀ ହେବେ ବୋଲି ଆଜି ଗଣମାଧ୍ୟମକୁ କହିଛନ୍ତି । ସୁଜିତ କୁମାରଙ୍କ କହିବା ଅନୁଯାୟୀ ଆସନ୍ତା ୧୬ ତାରିଖରେ ବିଜେପି ପ୍ରାର୍ଥୀ ନାମାଙ୍କନ ଦାଖଲ କରିବେ । ଏହି ନାମାଙ୍କନ ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ ।


### ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007,
Tel : 2545586/2545852, email- serifedodisha@gmail.com.
website- www.serifedodisha.in

**INVITATION FOR BIDS (e-Procurement)**

**Bid identification no:- VI-09(09)/SERIFED/2025-26/1288/ Dt. 14.10.2025**

CAD-2018 : The MANAGING DIRECTOR (SERIFED), Odisha. Bhubaneswar invites Item Rate Tenders in double cover system in ONLINE MODE only, from the registered contractors for the work 01 (One) no of work in Cuttack district. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 17.10.2025 to 17.00 hours up to dt. 31.10.2025. Online bids shall be received till 17.00 hours dt. 31.10.2025 & shall be opened at 11.30 AM on Dt. 01.11.2025. Any addendum / corrigendum / cancellation of tender can also be seen in the said website.

OIPR : 31005/11/0019/2526 Sd/- MANAGING DIRECTOR



### OFFICE OF THE SUPERINTENDENT, MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL BRAHMAPUR-760004, GANJAM, ODISHA

E.mail: supdtmkeg@gmail.com

No. 19550MCH /F&S/ 2025 D/Berhampur the, 13.10.25

**TENDER CALL NOTICE**

**E-443 :** Sealed Quotation(s) in prescribed proforma are invited from the reputed local wholesale Dealers/Authorized stockiest/ N.G.Os/Co-operative stores for supply of the Printing articles to this hospital. The details of articles with specification along with other terms and conditions available in website www.ganjam.nic.in/ www.mkcgmch.org.The last date of the receipt of the Quotation(s) through Regd. Post/Speed post/Courier is on or before 03.11.2025 up to 5.30 P.M and will be opened on 04.11.2025 12.30 PM.

Sd/- Superintendent,
M.K.C.G, Medical College Hospital,
Berhampur

OIPR : 10028/11/0054/2526



### ଓଡ଼ିଶା ସରକାର
### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

RR-23

**ବିଜ୍ଞାପନ**

**୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ ଏବଂ ୩୬ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୫ ତମ (୨୦୨୩) ଓ ୩୬ତମ (୨୦୨୪) ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୬.୧୦.୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) ତା. ୦୪.୧୦.୨୦୨୫ ରିଖ ସୁଦ୍ଧା (Registered/Speed Post/Parcel) ଦାଖଲ କରିବା ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା । ସେହିପରି, ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) ୧୬.୧୦.୨୦୨୫ ସୁଦ୍ଧା ଦାଖଲ କରିବେ । ଆବେଦନ ସମ୍ବନ୍ଧୀୟ ବିଷଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ୍ : culture.odisha.gov.in ରେ ଉପଲବ୍ଧ କରାଯାଇଅଛି ।

ସ୍ୱା/- ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଭୁବନେଶ୍ୱର

OIPR : 03029/11/0073/2526



Email ID-cuttackrw2nd@yahoo.co.in
Telephone / Fax No. (0671)-2445119

### GOVERNMENT OF ODISHA
### O/O THE SUPERINTENDING ENGINEER, RURAL WORKS DIVISION-II, CUTTACK

O-1021

**e.-procurement Notice for BUILDING WORK**

**Bid Identification No. SECTC-II- 14 of 2025-26 dt. 13.10.2025**

| | | | |
|---|---|---|---|
| 1. | Number of the work | : | 01 (One) numbers of Building for the year 2025-2026 |
| 2. | Estimated Cost. (Approx) | : | Rs. 16.81 lakh |
| 3. | Period of completion | : | 04 (Four) calendar months |
| 4. | Date & time of sale & receipt of bid document online | : | From:-13.10.2025 at 11:00AM<br>To: 22.10.2025 at 5:00PM |
| 5. | Date & time of opening of Technical bid | : | 23.10.2025 at 11:30AM |
| 6. | Name and address of Inviting Officer | : | Superintending Engineer,<br>R. W. Division-II, Cuttack,<br>Nayabazar, Cuttack-753004 |

Further details can be seen from the State Govt, portal **https://tendersorissa.gov.in**

Sd/- Superintending Engineer
R.W. Division-II, Cuttack

OIPR : 25095/11/0033/2526



### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE,BHUBANESWAR

B - 608

Mall ID.seccbbsr@gmail.com

**REQUEST FOR PROPOSAL No.07 of 2025-26.**

**No. 5950 (Estg.) Bhubaneswar the 13th October-2025**

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites Item rate bid for Training Programme of working Engineers to be received in online bidding, Single cover system for Improvement works as detailed in:https://tendersodisha.gov.in. The details of bid documents will be available in the above website from 5.00 P.M. of 16.10.2025 to 5.00 P.M of 23.10.2025. The bidders must possess compatible Digital Signature Certificate of Class II or III. Bids received online shall be opened at 5.30 P.M of 23.10.2025 in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in.

Addendum / Corrigendum, if required, will be available only in the Website.

Sd/-Er.M.K.Mahananda
Chief Construction Engineer
Central (R&B) Circle, Bhubaneswar

OIPR : 34156/11/0051/2526


## ନିୟମିତ...

ମାନବାଧିକାର କମିଶନଙ୍କୁ ଅବଗତ କରିବା ସହ ଉଦବେଗ ମଧ୍ୟ ପ୍ରକାଶ କରୁଛନ୍ତି । ଏହାକୁ ଆଧାର କରି ଜେଲ ଡିଜି ଚିଠି କରିଛନ୍ତି ।


### OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH

E-mail ID: eepwddeogarh@gmail.com

B - 596

**INVITATIONS FOR BIDS (IFB)**

Letter No. 2788 Dtd. 08.10.2025
Invitation for Bids
Bid Identification No. SE PWD DGR No. 16 of 2025-26

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single & Double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building works |
| 3. | No. of works | : | 02 Nos. |
| 4. | Bid Cost. | : | Rs. 6000/-& 10000/- |
| 5. | Class of Contractor | : | "C" Class & "B" Class |
| 6. | Availability of Bid Documents in the website | : | From dt. 15.10.2025 to 17:00 hours of dt. 30.10.2025 |
| 7. | Date of Opening of Technical Bid | : | Dt. 31.10.2025 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website http://www.tendersorissa.gov.in. Any addendndum / corrigendum / cancellation of tender can also be seen in the said website only. | | |

OIPR : 34061/11/0017/2526 Sd/- Superintending Engineer , Deogarh (R&B) Division



A-721

### GOVERNMENT OF ODISHA
### DEPARTMENT OF WATER RESOURCES

'e' Procurement Notice No 06 (NGR / 2025-26

| | | |
|---|---|---|
| 1 | Name of work | Flood Restoration works and River embankment works |
| 2 | Total No. of work | 31 (Thirty one) |
| 3 | Estimated cost | Rs. 12.47 Lakhs to 46.37 Lakhs |
| 4 | Period of completion | (03) Three calendar months |
| 5 | Date & time of availability of Bid Document in the portal | 15.00 hours of 15.10.2025 to 17.00 hours 27.10.2025 |
| 6 | Last date/ Time for receipt of Bids in the Portal | 27.10.2025 up to 17.00 hours |
| 7 | Date and place of opening of Technical Bid | Dt. 28.10.2025 at 11.00 Hours in the office of the Superintending Engineer, Nayagarh Irrigation Division, Nayagarh |
| 8 | Name and address of the O.I.T (Officer Inviting Tender) | Superintending Engineer, Nayagarh Irrigation Division, Nayagarh. |

Further details can be seen from the e-Procurement Portal **"https://tendersodisha.gov.in"**

Sd/- Superintending Engineer,
Nayagarh Irrigation Division, Nayagarh

OIPR : 32303/11/0023/2526



### GOVERNMENT OF ODISHA : OFFICE OF THE EXECUTIVE ENGINEER, NATIONAL HIGHWAY DIVISION, JHARSUGUTDA.

At-PWD Colony. Po-Kalimandir Road, Dist-Jharsuguda, Pin-768202, E-mail-eenhjsg@gmail.com
TENDER CALL NOTICE TO BID INVITATION NO. E.E(NH)-2/2025-26/JHARSUGUDA

b-26 Letter No. Dated.

The Executive Engineer, N.H. Division, Jharsuguda on behalf of the Governor of Odisha invites percentage rate bid in Single / Double cover system in ONLINE MODE from eligible contractors for construction of Civil works as detailed in table below :

| | | |
|---|---|---|
| 1 | Nature of the work | Civil Works |
| 2 | Total Nos. of the work | 02 (Two) Nos. |
| 3 | Estimated cost | Rs.37.06 Lakhs / Rs.72.74 Lakhs (Appx.) (Excluding GST) as per work |
| 4 | Period of Completion | 03 (Three Calendar months) |
| 5 | Cost of Bid Document | Rs.6,000/-/ Rs. 10,000/- |
| 6 | Bid Security | As per Column No.06 of IFB |
| 7 | Class of contractor | "B" & "C" / "B" |
| 8 | Date & Time of Availability of Bid Document in the portal | From 11.00 hours of dt.15.10.2025 to 17.00 hours of dated.28.10.2025 |
| 9 | Last date/time for receipt of bids in the portal | 17.00 hours of dated 28.10.2025 |
| 10 | Opening dates of Bid | 11.00 hours of dated.29.10.2025 |
| 11 | Name and address of the Officer inviting Bid | EXECUTIVE ENGINEER, NATIONAL HIGHWAY DIVISION, JHARSUGUDA. At-PWD Colony, Po-Kalimandir Road, Dist-Jharsuguda, Pin-768202 |

Further details can be seen from the e-procurement portal http://www.tendersodisha.gov.in. Any addendum/corrigendum/cancellation of tender can also be in the said website only.

OIPR : 24431/11/0002/2526 Sd/- Executive Engineer N.H. Division, Jharsuguda



CAD-1978

### ODISHA LIFT IRRIGATION CORPORATION LTD.

(A GOVT. OF ODISHA UNDERTAKING)
OFFICE OF THE EXECUTIVE ENGINEER, L.I.DIVISION, BALANGIR.
E-mail: www. eeolicbgr@rediffmail.com

**"E" - Procurement Notice**

**BID IDENTIFICATION NO. OLIC-BLGR-02/2025-26, Dt. 09.10.2025.**

Bids are invited from intending tenderers having valid license as specified against the work for installation & energisation of new R.L.Projects with supply of all materials under Percentage rate contract on turn-key basis.

**1. Name of Works :** Installation & energisation of new R.L.Projects with supply of all materials on Turnkey basis. 2. Total Nos. of Packages: 20. 3. Approximate Estimated Cost: Rs. 28.84 Lakhs to 228.86 Lakhs. 4. Class of Contractor: As mentioned in packages. 5. Period of completion: 120 days for all Projects from the date of issue of work order. 6. Other details as follows.

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender in the office of the Executive Engineer, L.I. Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Execuitve Engineer, L.I. Division, Balangir | OLIC-BLGR-02 /2025-26 | 27.10.2025 at 11 A.M. | 03.11.2025 upto 17 Hrs. | 01.11.2025 upto 17 Hrs. | 04.11.2025 at 11 Hrs. |

- Details can be seen from the Website www.tendersodisha.gov.in
- Any Corrigendum/ Addendum will be displayed in the above website only.

Sd/- EXECUTIVE ENGINEER
L.I.DIVISION, BALANGIR

OIPR : 32153/11/0002/2526



CAD-1997

### ODISHA CONSTRUCTION CORPORATION LIMITED

(A Govt of Odisha Undertaking)
UNIT-VIII, BHUBANESWAR
e-mail:theoccltd@odishaconstruction.com
GSTIN- 21AAACO2571K2ZM

**Quotation Call Notice No. 02/OCCL/PUR/2025-26**

Type of Work : Supply of cement (PSC, OPC-43 & OPC-53) to Project sites of OCCL in different districts of Odisha.
No of Bids : 03 Nos.
Period of Supply : 01.11.2025 to 30.04.2026

| Bid Identification No. | Type of Cement | Availability of Bid documents | Submission of Bid documents |
|---|---|---|---|
| OCC-Monitoring/04/ 2025-26 | PSC | 14.10.2025, 11.00 A.M. to 28.10.2025, 4.30 P.M. | 14.10.2025, 11.00 A.M. to 28.10.2025, 4.30 P.M. |
| OCC-Monitoring/05 2025-26 | OPC-43 | 14.10.2025, 11.00 A.M. to 28.10.2025, 4.30 P.M. | 14.10.2025, 11.00 A.M. to 28.10.2025, 4.30 P.M. |
| OCC-Monitoring/06 2025-26 | OPC-53 | 14.10.2025, 11.00 A.M. to 28.10.2025, 4.30 P.M. | 14.10.2025, 11.00 A.M. to 28.10.2025, 4.30 P.M. |

Procurement Officer - General Manager (Mech.), H.O., OCC Ltd, Bhubaneswar
Date of opening of Bid : **28.10.2025 at 05.00 P.M.**
**Further detail can be seen from the OCCL website (www.odishaconstruction.com)**

OIPR : 34120/11/0071/2526 Sd/- Managing Director



### OFFICE OF THE DISTRICT FISHERIES OFFICER. CUTTACK

Email: dfocuttack@gmail.com
EOI No.4416, Dt.10.10.2025

**EOI FOR ERECTION OF FISHERIES STALL (5000 Sq. Ft.) ON THE OCCASION OF HISTORIC BALITYATRA- 2025 FROM 05TM NOVEMBER TO 12TH NOVEMBER 2025 AT BALIYATRA GROUND, CUTTACK.**

**M-32 :** The District Fisheries Officer, Cuttack intends to invite sealed EOI from reputed, registered and experienced'Event Management Organizations for erection of Fisheries Pavilion to display the Departmentst activities in the Baliyatra Ground, Cuttack from 05th November to 12th November 2025. Bidder; fulfilling the prescribed eligibility criteria of the EOI can access and download the complete EOI document and other details from **www.cuttack.odisha.gov.in**

**Schedule of invitation of EOI are :**

| Sl. | List of Critical Events | Key Dates |
|---|---|---|
| 1 | Date of Issue of EOI | 10.10.2025 |
| 2 | Bid Processing Fee | EMD of Rs 40,000/- in shape of bank draft |
| 3 | Last Date of Submission of EOI | 27.10.2025, 11.00 A.M |
| 4 | Technical Bid Opening Date | 27.10.2025, 12.00 P.M |
| 5 | Financial Bid Opening Date | 27.10.2025, 03.30 P.M |
| 6 | EOI Submission and opening at (Address) | Office Chamber of District Fisheries Officer, Jobra, Cuttack |

The EOI has been invited under dual bid system as Technical Bid and Financial Bid. The bid complete in all respects should reach before the undersigned by Speed Post/ Registered post latest by 27.10.2025 before 11.00 A.M in sealed envelopes clearly mentioning "EOI FOR ERECTION OF FISHERIES STALL (5000 Sq. Ft.) ON THE OCCASION OF HISTORIC BALITYATRA-2025" in which two separate sealed envelope super scribed as Technical and Financial bid shall be kept. The 'financial bid processing fee EMD of Rs 40,000/- (Rupees Forty thousand only) shall be in shape of bank draft in favour of District Fisheries Officer, Cuttack drawn in any scheduled commercial bank payable at Cuttack. The -proposals received beyond the last date and time shall not be entertained. The District Fisheries Officer, Cuttack reserves the right to alter the date of opening of EOI and also to reject any or all the EOI without assigning any reason thereof .

Sd/- District Fisheries Officer,
Cuttack

OIPR : 06075/11/0003/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ସମସ୍ତଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟର ଉପଲବ୍ଧତା

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳନ




କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ମନସ୍ତ୍‰ ଓ ମନୋବିଜ୍ଞାନ ବିଭାଗ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ଅବସରରେ ସୋମବାର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସମସ୍ୟା ଏହି କାର୍ଯ୍ୟକ୍ରମର ଆଲୋଚ୍ୟ ବିଷୟ ରହିଛି । ଏଫସିବିଏସ ଅନ୍ତର୍ଗତ ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ଆଲୋଚନାର ଶୀର୍ଷକ ଥିଲା ସମସ୍ତଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟର ଉପଲବ୍ଧତା । କଟକ ବଡ଼ ମେଡିକାଲର ମାନସିକ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଏଥିରେ ଯୋଗ ଦେଇଥିଲେ । ବିଶେଷ କରି ଯୁବପିଢ଼ିଙ୍କ ଉପରେ ଫୋନ୍ ଏବଂ ସାମାଜିକ ଗଣମାଧ୍ୟମର ପ୍ରଭାବ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ମଧ୍ୟ ବାହାର କରାଯାଇଥିଲା । ଯେଉଁଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଏକାଡେମିକ୍ ବିଭାଗ ନିର୍ଦ୍ଦେଶକ, ଏଫସିବିଏସଡିନ୍ ରେଖା ସିଂଘଲ, ସମ୍ପୃକ୍ତ ବିଭାଗର ଫାକଲଫି ଡ. ଗିରିଜା ଶଙ୍କର ପାଣିଗ୍ରାହୀ, ମିସ୍ ପୁଷ୍ପିତା, ମିସ୍ ବନ୍ଦିତାଙ୍କ ସମେତ ଅନ୍ୟ ବିଭାଗର ଛାତ୍ରଛାତ୍ରୀମାନେ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ବିଶ୍ୱର ପ୍ରଥମ ଲକ୍ଜୁରୀ ଆୟୁର୍ବେଦ ବର୍ଗ

ଭୁବନେଶ୍ୱର, (ସବ୍ୟୁ) : ବ୍ରିକ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସେସ (ଆଇଏଲ୍‌ଏସ)ରେ ସୃଷ୍ଟି ଓଡ଼ିଶାର ଏକ ଅଗ୍ରଣୀ ବାୟୋଟେକ ଏବଂ ୱେଲ୍‌ନେସ୍ ଷ୍ଟାର୍ଟଅପ୍ ଜୀବଦା ଭେଞ୍ଚରସ୍‌ପ୍ରାଇଭେଟ ଲିମିଟେଡ ଆନୁଷ୍ଠାନିକ ଭାବରେ ବିଶ୍ୱର ପ୍ରଥମ ଆୟୁର୍ବେଦ ବର୍ଗ ନ୍ୟୁରୋକସ୍‌ମେଟିକ୍ସ ଦ୍ୱାରା ଅନୁପ୍ରେରିତ ହୋଇ ପ୍ରଚଳନ କରିଛି । ଭୁବନେଶ୍ୱରସ୍ଥିତ ଆଇଏଲ୍‌ଏସ ମୁଖ୍ୟ କ୍ୟାମ୍ପସ୍‌ରେ ଅକ୍ଟୋବର ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ବ୍ରିକ୍ସ ଆଇଏଲ୍‌ଏସର ୪ର୍ଥ ଷ୍ଟାର୍ଟଅପ୍ କନକ୍ଲେଭରେ ଏହି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରାଚୀନ ଆୟୁର୍ବେଦକୁ ଆଧୁନିକ ନ୍ୟୁରୋକସ୍‌ମେଟିକ୍ସ ପ୍ରଯୁକ୍ତି ସହିତ ସମ୍ମିଶ୍ରିତ କରି ଜିଭାଡାର ନୂତନ ବର୍ଗ ବିଳାସପୂର୍ଣ୍ଣ ଆୟୁର୍ବେଦ ଏବଂ ତ୍ୱଚାଯତ୍ନ ନବସୃଜନ କ୍ଷେତ୍ରରେ ଏକ ସଫଳତାର ପ୍ରତିନିଧିତ୍ୱ କରୁଛି ।

# ଶାସ୍ତ୍ରୀ ଶିକ୍ଷାଗତ ଯୋଗ୍ୟତା ବ୍ୟାଚେଲର ଡିଗ୍ରୀ ସହ ସମାନ : ହାଇକୋର୍ଟ

କଟକ,(ସବ୍ୟୁ): ଶାସ୍ତ୍ରୀ ଶିକ୍ଷାଗତ ଯୋଗ୍ୟତା ବ୍ୟାଚେଲର ଡିଗ୍ରୀ ସହ ସମାନ ଓ ଜଣେ ଶାସ୍ତ୍ରୀ ଶିକ୍ଷାଗତ ଯୋଗ୍ୟତାଧାରୀ ଯଦି ପରୀକ୍ଷାରେ ଆବଶ୍ୟକ ମାର୍କ ରଖିଛନ୍ତି ସେହି ଆଧାରରେ ତାଙ୍କୁ ହିନ୍ଦି ଶିକ୍ଷକ ପଦରେ ନିଯୁକ୍ତି ଦେବାରେ କୌଣସି ଅସୁବିଧା ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ହିନ୍ଦି ଶିକ୍ଷକ ପଦଲାଗି ଶାସ୍ତ୍ରୀ ଶିକ୍ଷାଗତ ଯୋଗ୍ୟତାଧାରୀଙ୍କୁ ନିଯୁକ୍ତି ପାଇଁ ଅନୁଗୁଳ ଜିଲ୍ଲାପାଳ ମନା କରିଦେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣକିଆ ବିଚାରପତି ଆବେଦନକାରୀ ପବିତ୍ର ବେହେରାଙ୍କୁ ହିନ୍ଦି ଶିକ୍ଷକ ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲାବେଳେ ଏହାକୁ ଚାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ମାମଲାରେ ରାୟ ପ୍ରକାଶ କରି ଜଣକିଆ ବିଚାରପତିଙ୍କ ରାୟକୁ କାଏମ୍ ରଖିଛନ୍ତି ଓ ଜଣକିଆ ବିଚାରପତିଙ୍କ ଆଦେଶ ଆଧାରରେ ପବିତ୍ର ବେହେରାଙ୍କୁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ୨୦୧୪-୧୫ ମସିହାରେ ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ହିନ୍ଦି ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯେଉଁମାନଙ୍କର ଶିକ୍ଷାଗତ ଯୋଗ୍ୟତା 'ରାଷ୍ଟ୍ରଭାଷା ଶାସ୍ତ୍ରୀ' ଏବଂ ବ୍ୟାଚେଲର ଡିଗ୍ରୀ ଥିବ ସେହିମାନେ ଏହି ପଦଲାଗି ଆବେଦନ କରିପାରିବେ ବୋଲି କୁହାଯାଇଥିଲା । ଆବେଦନକାରୀଙ୍କର ଉଭୟ ବ୍ୟାଚେଲର ଡିଗ୍ରୀ ଏବଂ ରାଷ୍ଟ୍ରଭାଷା ଶାସ୍ତ୍ରୀ ଶିକ୍ଷାଗତ ଯୋଗ୍ୟତା ରହିଥିଲା । ସେହି ଏହି ପଦ ଲାଗି ଆବେଦନ କରିଥିଲେ । କିନ୍ତୁ ସେ ବ୍ୟାଚେଲର ଡିଗ୍ରୀରେ ମୋଟ୍ ଉପରେ ୩୬% ମାର୍କ ରଖିଥିବାରୁ ସେ ଏହି ପଦଲାଗି ଯୋଗ୍ୟ ନୁହେଁ ବୋଲି ଦର୍ଶାଯାଇ ତାଙ୍କ ଆବେଦନକୁ ଖାରଜ କରି ଦିଆଯାଇଥିଲା । କିନ୍ତୁ ସେ ରାଷ୍ଟ୍ରଭାଷା ଶାସ୍ତ୍ରୀରେ ୬୩% ରଖିଥିଲାବେଳେ ଏହାକୁ ଗ୍ରହଣକୁ ନିଆଯାଇନଥିଲା । ଫଳରେ ପ୍ରଥମେ ସ୍ୟାଟ୍ ଏବଂ ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣକିଆ ବିଚାରପତି ଏହି ମାମଲାର ଶୁଣାଣି ଅବସରରେ ଆବେଦନକାରୀଙ୍କର ରାଷ୍ଟ୍ରଭାଷା ଶାସ୍ତ୍ରୀରେ ୬୩% ମାର୍କ ଥିବାରୁ ସେ ଏହି ପଦଲାଗି ଯୋଗ୍ୟ ବୋଲି କହିବା ସହ ତାଙ୍କୁ ଏହି ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

ଜଣକିଆ ବିଚାରପତିଙ୍କ ଏହି ଆଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟକୁ ରିଟ୍ ଅପିଲ୍‌ରେ ଆସିଥିଲେ । ହାଇକୋର୍ଟ ଆଜି ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ବ୍ୟାଚେଲର ଡିଗ୍ରୀ ସହ ରାଷ୍ଟ୍ରଭାଷା ଶାସ୍ତ୍ରୀ ଶିକ୍ଷାଗତ ଯୋଗ୍ୟତା ସମାନ । ଯଦି ସେ ବ୍ୟାଚେଲର ଡିଗ୍ରୀରେ କମ୍ ଶତକଡ଼ା ମାର୍କ ରଖିଛନ୍ତି କିନ୍ତୁ ରାଷ୍ଟ୍ରଭାଷା ସମିତିରେ ଏହି ପଦଲାଗି ଆବଶ୍ୟକ କରୁଥିବା ମାର୍କ ରଖିଛନ୍ତି । ତେଣୁ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରାଯାଇ ପାରିବ ନାହିଁ । ତେଣୁ ହିନ୍ଦି ଶିକ୍ଷକ ପଦରେ ଆବେଦନକାରୀଙ୍କୁ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ହରିଆନା ଆଇପିଏସ ଅଧିକାରୀଙ୍କୁ ନ୍ୟାୟ ଦେବାକୁ ପିସିସିର ଦାବୀ



ଭୁବନେଶ୍ୱର(ସବ୍ୟୁ): ହରିଆନାର ୨୦୦୧ ବ୍ୟାଚର ଆଇପିଏସ ଅଫିସର ୱାଇ.ପୁରନ କୁମାରଙ୍କ ମୃତ୍ୟୁ ଓ ତାଙ୍କ ସୁଇସାଇଡ ନୋଟ ଅନୁଯାୟୀ ହରିଆନା ସରକାର ପଦକ୍ଷେପ ନେଉନଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ବ୍ୟଥିତ ହୋଇଛି ।ଉଲ୍ଲେଖ ଯୋଗ୍ୟଯେ ଶ୍ରୀ କୁମାର ଜଣେ ଅନୁସୂଚିତ ଜାତିବର୍ଗର ଅଫିସର ଥିଲେ ଓ ସେ ସର୍ବଦା ଚାକିରୀ ଏବଂ ପଦୋନ୍ନତି କ୍ଷେତ୍ରରେ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଅଧିକାରୀ ମାନଙ୍କର ଅନୁପାତିକ ସଂରକ୍ଷଣ ସପକ୍ଷରେ ସ୍ୱର ଉତ୍ତୋଳନ କରୁଥିଲେ । ଗତ ଅକେଟାବର ୭ ତାରିଖରେ ସେ ଲେଖିଥିବା ୯ ପୃଷ୍ଠା ବିଶିଷ୍ଟ ସୁଇସାଇଡ ନୋଟ ଅନୁଯାୟୀ ହରିଆନା ପୋଲିସ ଡିଜି ଶତୃଜିତ କପୁର ଓ ଅନ୍ୟ ୧୬ ଜଣ ଆଇଏଏସ ଏବଂ ଆଇପିଏସ ଅଧିକାରୀ ମାନେ ତାଙ୍କୁ ଜାତିଗତ ନିର୍ଯ୍ୟାତନା ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ହରିଆନା ସରକାର କୌଣସି ଜଣେ ମଧ୍ୟ ଅଧିକାରୀଙ୍କୁ ତଦନ୍ତ ପରିସର ଭୁକ୍ତ କରିନାହାନ୍ତି । ଅପର ପକ୍ଷରେ ହରିଆନାର ବିଜେପି ସରକାର ହରିଆନା ପୋଲିସ ମହାନିର୍ଦ୍ଦେଶକଙ୍କୁ ତଦନ୍ତରୁ ବଞ୍ଚାଇବାପାଇଁ ଛୁଟିରେ ପଠେଇ ଦେଇଅଛନ୍ତି । ଆହୁରି ମଧ୍ୟ ସୂଚନା ଯୋଗ୍ୟ ଯେ ମୃତ ଆଇପିଏସ ଅଧିକାରୀ ଶ୍ରୀ କୁମାରଙ୍କ ଧର୍ମପନୀ ଅମନିତ ପି କୁମାର ଯିଏ ମଧ୍ୟ ଜଣେ ଆଇଏଏସ ଅଧିକାରୀ ସୁଇସାଇଡ ନୋଟରେ ଥିବା ଅଧିକାରୀ ମାନଙ୍କ ନାମରେ ଏତଲା ରୁଜୁ କରିଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ହରିଆନା ସରକାର ତାଙ୍କ ଏତଲା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କରି ନାହାନ୍ତି ଯାହାକି ହରିଆନା ସରକାରଙ୍କ ଜାତିଗତ ବିଦ୍ୱେଷ ଭାବର ପ୍ରମାଣିତ କରୁଛି । ଉଲ୍ଲେଖ ଯୋଗ୍ୟ ଯେ ସଂସଦର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଘଟଣାସ୍ଥଳକୁ ପରିଦର୍ଶନ କରୁଛନ୍ତି । ଏଣୁ ଆମ୍ଭେମାନେ ମଧ୍ୟ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଶ୍ରୀ କୁମାରଙ୍କ ସୁଇସାଇଡ ନୋଟରେ ଉଲ୍ଲେଖିତ ଥିବା ସମସ୍ତ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାପାଇଁ ଓ ସିବିଆଇକୁ ଏହି ତଦନ୍ତଭାର ଦେବାପାଇଁ ଦାବି କରୁଛୁ । ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ, ପିସିସି ସମ୍ପାଦିକା ଅନିମା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

# ସିମେନ୍ସ ହେଲ୍‌ଥିନିୟର୍ସ ପକ୍ଷରୁ ନୋଇଙ୍ଗ ଇଜ୍ କମ୍ଫର୍ଟିଙ୍ଗ ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ସିମେନ୍ସ ହେଲ୍‌ଥିନିର୍ସ ଭାରତରେ ସ୍କାନକ୍ସାଇଟିକୁ ଦୂର କରିବା ପାଇଁ 'ନୋଇଙ୍ଗ ଇଜ୍ କମ୍ଫର୍ଟିଙ୍ଗ' ଅଭିଯାନ ଆରମ୍ଭ କରିଛି । ସ୍କାନକ୍ସାଇଟି ହେଉଛି ଏକ ଉଚ୍ଚ ସ୍ତରର ଉତ୍କଣ୍ଠା, ଭୟ କିମ୍ବା ଯନ୍ତ୍ରଣା ଯାହା ଲୋକମାନେ ମେଡିକାଲ ଇମେଜିଙ୍ଗ ସ୍କାନ ପୂର୍ବରୁ, ସମୟରେ ଏବଂ ପରେ ଅନୁଭବ କରିପାରନ୍ତି । ଏହି ଅଭିଯାନର ଲକ୍ଷ୍ୟ ହେଉଛି ମାମୋଗ୍ରାଫି, ଏମଆରଆଇ, ସିଟି ଏବଂ ପିଇଟି ସିଟି ସ୍କାନ ପରି ଡାଇଗ୍ନୋଷ୍ଟିକ୍ ଇମେଜିଙ୍ଗକୁ ନେଇ ରୋଗୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କର ଉତ୍କଣ୍ଠାକୁ ହ୍ରାସ କରିବା । ଇଂରାଜୀ ଏବଂ ଦଶଟି ଆଞ୍ଚଳିକ ଭାଷା- ଆସାମୀ, ବଙ୍ଗାଳୀ, ହିନ୍ଦୀ, ଗୁଜରାଟୀ, କନ୍ନଡ, ମରାଠୀ, ମାଲାୟାଲମ୍, ତାମିଲ, ତେଲୁଗୁ ଏବଂ ଓଡ଼ିଆ ଭାଷାରେ ପ୍ରସ୍ତୁତ ସଚେତନତା ଭିଡିଓ ମାଧ୍ୟମରେ ଏହି ଅଭିଯାନ ଆଧୁନିକ ଇମେଜିଙ୍ଗ ବିଷୟରେ ରୋଗୀମାନଙ୍କୁ ଅଧିକ ଭଲ ଭାବରେ ବୁଝାଇବାକୁ ଚେଷ୍ଟା କରୁଛି ଏବଂ ସଦ୍ୟତମ ଉଦ୍ଭାବନ କିପରି ସମସ୍ତଙ୍କ ପାଇଁ ସ୍କାନଗୁଡ଼ିକୁ ଉନ୍ନତ ଏବଂ ଅଧିକ ଆରାମଦାୟକ କରିଛି ତାହା ଉପରେ ଆଲୋକପାତ କରୁଛି । ସିମେନ୍ସ ହେଲଥକେୟାର ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ହରିହରନ୍ ସୁବ୍ରମଣିୟମ କହିଛନ୍ତି, "ଶୀଘ୍ର ଏବଂ ସଠିକ୍ ରୋଗ ନିର୍ଣ୍ଣୟ ଦ୍ୱାରା ଉତ୍ତମ ଫଳାଫଳ, ସମୟାନୁବର୍ତ୍ତୀ ଚିକିତ୍ସା ଏବଂ ଜୀବନଶୈଳୀ ରୋଗର ପ୍ରଭାବୀ ପରିଚାଳନା ହୋଇପାରିଥାଏ ।

# ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ପୋଷଣ ମାସ ପାଳନ

ପୁରୀ, (ସବ୍ୟୁ) ପୁରୀ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସ୍ତରୀୟ ପୋଷଣ ମାସ ମଙ୍ଗଳବାର ପୂର୍ବାହ୍ନରେ ଟାଉନ ହଲ ପରିସରରେ ପାଳିତ ହୋଇଥିଲା ।ଜିଲ୍ଲା ପ୍ରଶାସନ, ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁସ୍ଥ ରହିବା ପାଇଁ ପୋଷଣ ଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି ବୋଲି କହିଥିଲେ ।ପୂର୍ବରୁ ପ୍ରତି ପରିବାରର ବାଡ଼ି ବଗିଚା ରେ ହେଉଥିବା ସତେଜ ପନିପରିବା ଖାଇ ସମସ୍ତେ ସୁସ୍ଥ ଓ ନିରୋଗ ରହୁଥିଲେ ।ସମୟ ବଦଳିବା ସହ ଖାଦ୍ୟ ଗ୍ରହଣର ତରିକା ବଦଳିଛି ।ଆଜି କାଲି ର ପିଲା ମାନେ ଆମ ପାରମ୍ପରିକ ଖାଦ୍ୟ ଯାହା ପୁଷ୍ଟିକର ଓ ସ୍ୱାସ୍ଥ୍ୟ ପ୍ରଦ ତାକୁ ନା ପସନ୍ଦ କରି ଜଙ୍କ ଫୁଡ ଖାଇ ଅସୁସ୍ଥ ହେଉଛନ୍ତି ।ଆମ ସମସ୍ତେ ଏ ସମ୍ପର୍କରେ ସଚେତନ ହେବା ଓ ସମସ୍ତ ଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ ।ଅନ୍ୟତମ ଅତିଥି ଭାବେ ପୁରୀ ପୌରପାଳିକା ର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଆମ ପାରମ୍ପରିକ ଖାଦ୍ୟ ରେ ଯେଉଁ ପୁଷ୍ଟି ଓ ଶକ୍ତି ରହିଛି ତାହା ଅନ୍ୟ କେଉଁଠାରେ ମିଳିବ ନାହିଁ ।ଏଠାରେ ପ୍ରଦର୍ଶିତ ଖାଦ୍ୟ ସମୂହ ତାହାର ଉଦାହରଣ ।ଅଙ୍ଗନବାଡି ରେ ଦିଆ ଯାଉଥିବା ଖାଦ୍ୟ ପ୍ରଣାଳୀ ସମ୍ପର୍କରେ ସମସ୍ତ ମା ମାନଙ୍କୁ ସଚେତନ କଲେ ଏହାର ଉପକାରିତା ମିଳିପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସବୁଦିନ ପୋଷଣ ର ଦିନ ଓ ପ୍ରତେକ ପ୍ରାକୃତିକ ଶାଗ ମୁଗ,ପନିପରିବା ଓ ପାରମ୍ପରିକ ପ୍ରଣାଳୀ ରେ ପ୍ରସ୍ତୁତ ଖାଦ୍ୟ କୁ ଗ୍ରହଣ କଲେ ଡାକ୍ତରଖାନା ଯିବାର ଆବଶ୍ୟକତା ପଡିବ ନାହିଁ ବୋଲି କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ପର୍ଯ୍ୟଟନ ସହ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।




ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧକ୍ଷତା କରିବା ସହ ଅତିଥି ମାନଙ୍କୁ ସ୍ୱାଗତ, କାର୍ଯ୍ୟକ୍ରମ ର ଆଭିମୁଖ୍ୟ ଓ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ ।ପରେ ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଶ୍ରେଷ୍ଠ ହୋଇଥିବା ଅଂଶଗ୍ରହଣ କାରୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।ଏହି ଅବସରରେ ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା ।ପୂର୍ବରୁ ପୋଷଣର ଉପକାରିତା ନେଇ ଏକ ସଚେତନତା ଶୋଭାଯାତ୍ରା ର ଆୟୋଜନ କରାଯାଇଥିଲା ।କାର୍ଯ୍ୟକ୍ରମ ରେ ସମାଜ କଲ୍ୟାଣ କାର୍ଯ୍ୟାଳୟ ର ପୋଷଣର ଜିଲ୍ଲା ସଂଯୋଜକ ସସ୍ମିତା କର୍ମକାର,ମମତା ର ଡିପିସି ପ୍ରଣତି ମହାନ୍ତି, ସୁପରଭାଇଜର ବାଲ୍ୟବତୀ ମହାନ୍ତି ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ବାପୁଜୀନଗର ନାଗରିକ କମିଟିର ବାର୍ଷିକୋତ୍ସବ

# ସରକାରଙ୍କ ସହ ସମନ୍ୱୟରେ ଉନ୍ନତିକରଣ ସମ୍ଭବ

ଭୁବନେଶ୍ୱର(ସବ୍ୟୁ): ବାପୁଜୀନଗର ନାଗରିକ କମିଟିର ବାର୍ଷିକ ଉତ୍ସବ ଗତ ସନ୍ଧ୍ୟାରେ ସ୍ଥାନୀୟ ଗଜଲକ୍ଷ୍ମୀ ପୂଜା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ବିଏମସି ଅତିରିକ୍ତ କମିଶନର ରନାକର ସାହୁ ଯୋଗ ଦେଇନାଗରିକମାନଙ୍କ ଦାୟିତ୍ୱବୋଧ ତଥା ସରକାରଙ୍କ ସହ ସମନ୍ୱୟରେ ଉନ୍ନତିକରଣ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଏହି ଉତ୍ସବରେ କମିଟିର ସଭାପତି ହିମାଂଶୁ ମହାନ୍ତି ଓ ସାଧାରଣ ସମ୍ପାଦକ ଡ଼ଃ ଦୁଷ୍ମନ୍ତ ସାହୁ ନୂତନ ଭୁବନେଶ୍ୱରର ପ୍ରଥମ ଆବାସିକ କଲୋନୀ ବାପୁଜୀନଗର ସମ୍ବନ୍ଧରେ ଅନେକ ରୋଚକ ତଥ୍ୟ ଉପସ୍ଥାପନ କରିବା ସହ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଆବଣ୍ଟନ କରାଯାଇଥିବା ଲିଜ୍ ପ୍ଲଟ ସ୍ଥିତିବାନ କରିବା ସମ୍ବନ୍ଧରେ ସରକାରଙ୍କୁ ଦିଆଯାଇଥିବା ସାମୂହିକ ପତ୍ର ସମ୍ବନ୍ଧୀୟ ଅନେକ ତଥ୍ୟ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ନାଗରିକ ମାଧବ ଚରଣ ଦାଶଙ୍କୁ ନାଗରୀକ ସମ୍ମାନ ପ୍ରଦାନ କରିଥିଲେ । ଭୁବନେଶ୍ୱର ଜୋନ୍-୧ ଏସିପି ରମେଶ ଚନ୍ଦ୍ର ବିଶୋୟୀ ତଥା କ୍ୟାପିଟାଲ ଥାନା ଇନ୍ସପେକଟର



ରାଧାକାନ୍ତ ସାହୁ, ଓ୍ୱାଟକୋର ଅଧିକାରୀ ବିଶ୍ୱରଂଜନ କାନୁନ୍‌ଗୋ ଓ ବିଏମସିର ଅଧିକାରୀ ଶୁଭରଞ୍ଜନ ସାହୁଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କମିଟି ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ସ୍ଥାନୀୟ ଦୂର୍ଗା ମନ୍ଦିର କମିଟି ତରଫରୁ ନିରଞ୍ଜନ ସାମନ୍ତରାୟ, ଲକ୍ଷ୍ମୀପୂଜା କମିଟି ତରଫରୁ ଆଶିଷ ପଟ୍ଟନାୟକ, ସମ୍ପୂର୍ଣ୍ଣା ମହିଳା ସଂଗଠନ ତରଫରୁ ଇତିଶ୍ରୀ ସେନାପତି ଓ ଯୁବ ମହାସଂଘ ତରଫରୁ ସୂର୍ଯ୍ୟନାରାୟଣ ଦାସଙ୍କୁ ସମ୍ମାନୀତ କରାଯାଇଥିଲା । କମିଟି ତରଫରୁ ମଞ୍ଚରେ ପ୍ୟାରୀମୋହନ ସେନାପତି, ବିଶ୍ୱଜିତ୍ ମିତ୍ର, ଜୟନ୍ତ ପଟ୍ଟନାୟକ, ମାନସ ମହାପାତ୍ର ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । କମିଟିର ମହିଳା ସଂପାଦକ ସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ ।

# କିମ୍ସରେ ଅତି ବିରଳ ସ୍ନାୟୁ ରୋଗ 'ନୋଡୋପାଥି'ର ସଫଳ ଚିକିତ୍ସା

ଭୁବନେଶ୍ୱର, (ସବ୍ୟୁ): କିମସ ଡାକ୍ତରମାନେ ନୋଡୋପାଥି ଓ ପାରାନୋଡୋପାଥି ଭଳି ନୂତନ ଆବିଷ୍କୃତ ଅତି ବିରଳ ସ୍ନାୟୁ ରୋଗରେ ସଫଳ ଚିକିତ୍ସା କରି ଉଦାହରଣ ସୃଷ୍ଟି କରିଛନ୍ତି । ଜଣେ ୩୪ ବର୍ଷୀୟ ମହିଳା



ପକ୍ଷାଘାତଗ୍ରସ୍ତ ରୋଗରେ ଆକ୍ରାନ୍ତ ହୋଇ ମୁଣ୍ଡ ବ୍ୟତୀତ ଶରୀରର ଅନ୍ୟ କୌଣସି ଅଂଶ କାମ କରୁନଥିଲା । ଗୁରୁତର ଅବସ୍ଥା ସତ୍ତ୍ୱେ ସେ ସଂପୂର୍ଣ୍ଣ ସଚେତନ ଥିଲେ । କିମ୍ସରେ ଭର୍ତ୍ତି ହେବା ପରେ ସ୍ନାୟୁରୋଗ ବିଭାଗ ମୁଖ୍ୟ ଡା ସନ୍ତୋଷ ଦାଶ ତାଙ୍କ ରୋଗ ସମ୍ପର୍କରେ ବ୍ୟାପକ ତର୍ଜମା କରିଥିଲେ । ଶେଷରେ ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷାରୁ ତାଙ୍କଠାରେ ନୋଡୋପାଥି ଓ ପାରାନୋଡୋପାଥି ଭଳି ନୂତନ ଆବିଷ୍କୃତ ଅତି ବିରଳ ସ୍ନାୟୁ ରୋଗରେ ପୀଡ଼ିତ ବୋଲି ଜଣାପଡ଼ିଥିଲା । ଏଭଳି ବିରଳ ସ୍ନାୟୁ ରୋଗ ଗୁରୁତର ସ୍ନାୟୁଗତ କ୍ଷତି କରିଥାଏ ଏବଂ ସଂପୂର୍ଣ୍ଣ ପକ୍ଷାଘାତର କାରଣ ହୋଇଥାଏ । ଏଭଳି ଘଟଣା ସମଗ୍ର ଭାରତରେ ବିରଳ ବୋଲି ଡା ଦାଶ ଦାବି କରିଛନ୍ତି । ଏଭଳି ରୋଗକୁ ଅଳ୍ପ କିଛି ଦିନ ପୂର୍ବରୁ ଚିକିତ୍ସାରେ ଅନ୍ତର୍ଭୁକ୍ତ କରାଯାଇଥିବା ଡା ଦାଶ ପ୍ରକାଶ କରିଛନ୍ତି । ଡା. ଦାଶଙ୍କ ନେତୃତ୍ୱରେ କିମସର ଡାକ୍ତର ଅବିନାଶ ବଡ଼ପଣ୍ଡା ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଏହି ଚିକିତ୍ସା ଚ୍ୟାଲେଞ୍ଜକୁ ଦୃଢ଼ତାର ସହିତ ଗ୍ରହଣ କରିଥିଲେ । ବିରଳ ରୋଗର ଜଟିଳତା ସତ୍ତ୍ୱେ ରୋଗୀଙ୍କ ସଫଳ ଚିକିତ୍ସା କରିଥିଲେ । ରୋଗୀଙ୍କ ଅବସ୍ଥା ଏପରି ଥିଲା ଯେ, ତାଙ୍କୁ ଭେଣ୍ଟିଲେଟରରେ ରଖିବାକୁ ପଡ଼ିଥିଲା । ଆବଶ୍ୟକ ରକ୍ତ ପରୀକ୍ଷା କେରଳରେ କରାଯାଉଥିବାରୁ ଓଡ଼ିଶାରେ ରୋଗ ନିର୍ଣ୍ଣୟ ସମ୍ଭବ ହେଉନଥିଲା । ଶେଷରେ କିମ୍ସ ଡାକ୍ତରମାନେ ସଫଳତାର ସହ ମହିଳାଙ୍କ ଚିକିତ୍ସା କରିଛନ୍ତି । ଏବେ ସେ ସୁସ୍ଥ ଅଛନ୍ତି ଓ ସାଧାରଣ ଜୀବନ ଜୀଉଛନ୍ତି । ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଓ କିମ୍ସ କର୍ମଚାରୀଙ୍କ ସେବା ପାଇଁ ସେ କିମ୍ସକୁ ଧନ୍ୟବାଦ ଜଣାଛନ୍ତି । ରୋଗୀ ଜଣକ କହିଛନ୍ତି, 'ମୁଁ କେବେ ଭାବି ନଥିଲି ଯେ ମୁଁ ଜୀବିତ ଫେରିବି । କିମସର ଡାକ୍ତରମାନେ ମୋତେ ଏକ ନୂତନ ଜୀବନ ଦେଇଛନ୍ତି ।' ଅପରପକ୍ଷରେ ଏଭଳି ବିରଳ ରୋଗ ଚିହ୍ନଟ ଓ ସଫଳ ଚିକିତ୍ସା କରିପାରିଥିବାରୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିମ୍ସ ସଂପୃକ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ରୋଗୀଙ୍କ ସୁସ୍ଥଜୀବନ କାମନା କରିଛନ୍ତି ।

# ନୂତନ ଏସ୍‌ଏଚ୍‌ଜି କେନ୍ଦ୍ର ସହିତ ଗ୍ରାମୀଣ ମହିଳାଙ୍କ ଜୀବିକାକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାରେ ସୁଭଲକ୍ଷ୍ମୀ ସମବାୟ ଦ୍ୱାରା ପରିଚାଳିତ ଏକ ଉତ୍ସର୍ଗୀକୃତ କାର୍ଯ୍ୟାଳୟ ଏବଂ ଉତ୍ପାଦ ଗ୍ୟାଲେରୀର ଉଦଘାଟନ ସହିତ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବାର ଯାତ୍ରାରେ ଏକ ନୂତନ ମାଇଲଖୁଣ୍ଟ ଚିହ୍ନିତ କରିଛି । ଏହି କେନ୍ଦ୍ରକୁ ସହଯୋଗ, ତାଲିମ ଏବଂ ଉଦ୍ୟୋଗ ବିକାଶ ପାଇଁ ଏକ ସ୍ପନ୍ଦନଶୀଳ କେନ୍ଦ୍ର ଭାବରେ କଳ୍ପନା କରାଯାଇଛି, ଯେତେବେଳେ ବେଦାନ୍ତ ଆଲୁମିନିୟମର କାର୍ଯ୍ୟରେ ସମର୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଦ୍ୱାରା ନିର୍ମିତ ବ୍ୟାପକ ପରିସରର ଉତ୍ପାଦ ପାଇଁ ଏକ ପ୍ରଦର୍ଶନୀ ଭାବରେ ମଧ୍ୟ କାର୍ଯ୍ୟ କରିବ । ୨୦୦୮ ମସିହାରେ ପ୍ରତିଷ୍ଠିତ, ସୁଭଲକ୍ଷ୍ମୀ ସମବାୟ ଆଜି ଓଡ଼ିଶାର ସର୍ବବୃହତ ସ୍ୱୟଂ ସହାୟକ ଗୋଷ୍ଠୀ ସମବାୟରେ ପରିଣତ ହୋଇଛି, ଯାହା ବର୍ତ୍ତମାନ ୧୦୨ ଟି ଗ୍ରାମର ୪୭୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୦୦୦ ରୁ ଅଧିକ ମହିଳାଙ୍କୁ ନିୟୋଜିତ କରିଛି । ଏହି ସମବାୟ ମହିଳାମାନଙ୍କୁ ବଜାର-ପ୍ରାସଙ୍ଗିକ ଦକ୍ଷତା, ଋଣ ଉପଲବ୍ଧତା ଏବଂ ବ୍ୟବସାୟ ତାଲିମ ପ୍ରଦାନ କରି ସ୍ଥାୟୀ ଜୀବିକା, ନେତୃତ୍ୱ ବିକାଶ ଏବଂ ଆର୍ôଥକ ସ୍ୱାବଲମ୍ବନକୁ ପ୍ରୋତ୍ସାହିତ




କରୁଛି, ଯାହା ସେମାନଙ୍କୁ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ପରିବର୍ତ୍ତନକାରୀ ହେବାକୁ ସକ୍ଷମ କରିଛି ।

ବର୍ଷ ବର୍ଷ ଧରି, ଏହି ସଂଗଠନ ଗ୍ରାମାଂଚଳରେ କ୍ଷମତା ନିର୍ମାଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ଉପରେ ଧ୍ୟାନ ଦେଇ ମହିଳା ସଶକ୍ତିକରଣକୁ ନିରନ୍ତର ଭାବରେ ସମର୍ଥନ କରିଆସିଛି । ଏହା ମହିଳାମାନଙ୍କୁ ସେମାନଙ୍କ ପରିବାର ଏବଂ ବିସ୍ତୃତ ସମ୍ପ୍ରଦାୟର ବିକାଶରେ ଆତ୍ମବିଶ୍ୱାସୀ ଯୋଗଦାନକାରୀ ହେବାରେ ସଫଳ ହୋଇଛି । ଏସଏଚଜି ସଦସ୍ୟମାନେ ବିଭିନ୍ନ ଜୀବିକା ସୃଷ୍ଟି ପଦକ୍ଷେପରେ ସକ୍ରିୟ ଭାବରେ ଜଡିତ । ବିଶେଷ ଉତ୍ପାଦ ଗୁଡ଼ିକ ସମେତ: ବେଦାମୃତ - ଜୈବିକ ମହୁ ଚାଷ, ବେଦମୂର୍ତ୍ତିକା - ଟେରାକୋଟା ପ୍ରତିମା, ବେଦସୂତା - ହସ୍ତତନ୍ତ ଉତ୍ପାଦ, କଳାକୃତି - ପାଟ୍ ଉତ୍ପାଦ, ଏହି ଅଂଚଳରୁ ପାରମ୍ପରିକ ଖାଦ୍ୟ ଉତ୍ପାଦନ । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏସଏଚଜି ସଦସ୍ୟ, କର୍ମଚାରୀ, ଏନଜିଓ ଅଂଶୀଦାର ଏବଂ ବେଦାନ୍ତ କର୍ମଚାରୀଙ୍କ ଉତ୍ସାହୀ ଅଂଶଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କମ୍ପାନୀର ମୂଳ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରି କହିଥିଲେ, "ବେଦାନ୍ତରେ, ସଶକ୍ତିକରଣ ହେଉଛି ଏକ ସହଭାଗୀ ଲକ୍ଷ୍ୟ ଯାହା ଆମର ବିକାଶମୂଳକ ପ୍ରୟାସକୁ ପରିଭାଷିତ କରିଛି । ସୁଭଲକ୍ଷ୍ମୀ ସମବାୟ ଏହାର ଉଦାହରଣ ଦେଇଥାଏ ଯେ ଆମେ କିପରି ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସେମାନଙ୍କ ଭବିଷ୍ୟତର ମାଲିକାନା ନେବାକୁ ଏବଂ ସ୍ଥାୟୀ ଜୀବିକା ନିର୍ବାହର ଏକ ମାଧ୍ୟମ ଭାବରେ ଉଦ୍ୟୋଗୀତାକୁ ଏକୀକୃତ କରିବାକୁ ସକ୍ଷମ କରୁଛୁ । ଆମର ସହଯୋଗ ଏବଂ ଏହି ନୂତନ କେନ୍ଦ୍ର ଭଳି ଉତ୍ସର୍ଗୀକୃତ ସମ୍ବଳ ମାଧ୍ୟମରେ, ଆମେ ସମ୍ପ୍ରଦାୟ କଲ୍ୟାଣ ଏବଂ ଦୀର୍ଘକାଳୀନ ବିକାଶ ଉଭୟକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ ।

## ଗାଜାରେ ଶାନ୍ତି ଚୁକ୍ତି ଉଲଂଘନ

# ୮ ଜଣଙ୍କୁ ହତ୍ୟା କଲା ହମାସ



ତେଲଆଭିଭ: ଇସ୍ରାଏଲ ସହ ଶାନ୍ତି ଚୁକ୍ତି ପରେ ପାଲେଷ୍ଟାଇନର ସାଧାରଣ ଲୋକ ଆଶା କରିଥିଲେ ଯେ ଗାଜାରେ ଶାନ୍ତି ଫେରିବ । କିନ୍ତୁ ଇସ୍ରାଏଲ ସହ ଶାନ୍ତି ଚୁକ୍ତି କରିଥିବା ହମାସ ଏବେ ରକ୍ତର ହୋଲି ଖେଳିବା ଆରମ୍ଭ କରିଛି । ଗାଜାରେ ନିଜର ଦବାଦବା ପ୍ରଦର୍ଶନ କରି ପୁଣି ଶାସନ କରିବାକୁ ହମାସ ପକ୍ଷରୁ ବିଦ୍ରୋହୀଙ୍କ ଜୀବନ ନେବା ଆରମ୍ଭ କରିଛି । ହମାସର ଫାୟାରିଂ ଗ୍ରୁପ ପକ୍ଷରୁ ସର୍ବସମ୍ମୁଖରେ ବିଦ୍ରୋହୀ ଗୋଷ୍ଠୀର ୮ ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଇସ୍ରାଏଲର ହମଲା ବେଳେ ଏମାନେ ହମାସ ବିରୋଧରେ ରହିଥିଲେ । ତେଣୁ ସେମାନଙ୍କୁ ସର୍ବସମ୍ମୁଖରେ ଦଣ୍ଡ ଦିଆଯାଇଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଏହାକୁ ମିଶାଇ ହମାସ ବିଦ୍ରୋହୀ ଗୋଷ୍ଠୀର ୫୦ରୁ ଅଧିକ ଲୋକଙ୍କ ଜୀବନ ନେଇ ସାରିଲାଣି । ଗାଜାର ଆଭ୍ୟନ୍ତରୀଣ ସୁରକ୍ଷାକୁ ହମାସ ନିୟନ୍ତ୍ରଣ କରିବାକୁ ସକ୍ଷମ ବୋଲି ଶାନ୍ତି ଚୁକ୍ତିରେ ମଧ୍ୟସ୍ଥି ସାଜିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବାର କିଛି ସମୟରେ ଏପରି ଖବର ସାମ୍ନାକୁ ଆସିଛି । ସ୍ଥାନୀୟ ସୋଶାଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ ମୁଖାପିନ୍ଧା ବନ୍ଧୁକଧାରୀମାନେ ତଥାକଥିତ ଦଣ୍ଡକୁ କାର୍ଯ୍ୟକାରୀ କରୁଛନ୍ତି ।

ପୀଡ଼ିତମାନଙ୍କ ଆଖିରେ ପଟି ପଡ଼ିଥିବା ବେଳେ ସେମାନଙ୍କ ହାତ ପଛରେ ବନ୍ଧା ଯାଇଛ ।ହମାସ ପକ୍ଷରୁ କୁହାଯାଇଛି ଯେ ଅପରାଧିକ କାର୍ଯ୍ୟକଳାପ ଓ ଇସ୍ରାଏଲର ହମଲା ବେଳେ ସେମାନଙ୍କ ସାଥ ଦେଇଥିବା ଲୋକମାନଙ୍କୁ ହିଁ ଦଣ୍ଡ ଦିଆଯାଇଛି । ଆଗକୁ ମଧ୍ୟ ସେଭଳି ଲୋକଙ୍କୁ ଚିହ୍ନଟ କରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଏପରି କାର୍ଯ୍ୟାନୁଷ୍ଠାନ ପରେ ଗାଜାରେ ପୁଣି ହମାସ ଓ ସ୍ଥାନୀୟ ଅଞ୍ଚଳର ଅନ୍ୟତମ ସଶକ୍ତ ସଶସ୍ତ୍ର ବଳ ଦୋଗମୁଶ ବଂଶଜଙ୍କ ମଧ୍ୟରେ ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇଛି । ଗୋଟିଏ ରିପୋର୍ଟରେ କୁହାଯାଇଛି ଯେ ହମାସର ଆଭ୍ୟନ୍ତରୀଣ ସୁରକ୍ଷାବଳ ସହ ଲଢେଇ କରି ଦୋଗମୁଶ ବଂଶଜ ୫୨ ଜଣଙ୍କ ମୃତ୍ୟୁ ହୋଇସାରିଲାଣି । ସେହିପରି ପାଲଟା ଆକ୍ରମଣରେ ୧୨ ଜଣ ହମାସ ସଦସ୍ୟଙ୍କ ଜୀବନ ଯାଇଛି । ମୃତକଙ୍କ ମଧ୍ୟରେ ହମାସର ବରିଷ୍ଠ ଅଧିକାରୀ ବସୀମ ନୈମର ପୁଅ ମଧ୍ୟ ରହିଛି । ଦୋଗମୁଶ ବଂଶଜ ସଶସ୍ତ୍ର ବଳ ଭାବେ ବେଶ ପରିଚିତ । ଏହି ସଂଗଠନକୁ ଇସ୍ରାଏଲ ସମର୍ଥନ କରେ ବୋଲି କୁହାଯାଏ । ଇସ୍ରାଏଲ ସେନା ହମାସ ଲଢେଇ କରୁଥିବା ବେଳେ ଦୋଗମୁଶ ବଂଶଜମାନେ ଏଥିରେ ସାମିଲ ହୋଇଥିଲେ । ତେଣୁ ଏବେ ହମାସ ସେମାନଙ୍କ ବିରୋଧରେ ଲେଇ ଆରମ୍ଭ କରିଦେଇଛି । ଏହାକୁ ନେଇ ପୁଣି ଅଶାନ୍ତ ହୋଇ ଉଠିଛି ଗାଜା ।

# ଇଜିପ୍ଟରେ ଗାଜା ଶାନ୍ତି ସମ୍ମିଳନୀ

## ଶାନ୍ତି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ



ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇଜିପଟ ରାଷ୍ଟ୍ରପତି ଅବଦେଲ ଫତେହ ଅଲ ସିସି ଇଜିପଟର ଶର୍ମ ଏଲ ଶେଖରେ ଗାଜା ଶାନ୍ତି ସମ୍ମିଳନୀର ମିଳିତ ଆୟୋଜନ କରିଛନ୍ତି । ଗାଜା ଷ୍ଟ୍ରିପରେ ଯୁଦ୍ଧ ଶେଷ କରିବା ଏହି ସମ୍ମିଳନୀର ଲକ୍ଷ୍ୟ । ଏହି ସମ୍ମିଳନୀରେ ୨୦ରୁ ଅଧିକ ବିଶ୍ୱ ନେତା ଯୋଗ ଦେଇଛନ୍ତି । ଇଜିପଟରେ ଗାଜା ଶାନ୍ତି ସମ୍ମିଳନୀରେ ବିଶ୍ୱ ନେତାମାନଙ୍କ ସହ ସାକ୍ଷାତ କରିବା ଅବସରରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ଶେଷ କରିବା ପାଇଁ ତାଙ୍କ ୨୦ ସୂତ୍ରୀ ଯୁଦ୍ଧବିରତି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇସାରିଛି । ଗାଜା ଶାନ୍ତି ସମ୍ମିଳନୀରେ ଟ୍ରମ୍ପ ଏବଂ ଅବଦେଲ ଫତେହ ଅଲ ସିସିଙ୍କ ବ୍ୟତୀତ ଆହୁରି ୨୦ରୁ ଅଧିକ ନେତା ଯୋଗ ଦେଇଛନ୍ତି । ତେବେ ଏହି ସମ୍ମିଳନୀରେ ଇସ୍ରାଏଲ ଅଧିକାରୀ, ହମାସ ପ୍ରତିନିଧି ଏବଂ ଇରାନୀୟ ଅଧିକାରୀମାନେ ଯୋଗ ଦେଇନାହାନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଗାଜାରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ହୋଇଥିବା ଯୁଦ୍ଧବିରତିରେ ଇଜିପଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଇଜିପଟ ରାଷ୍ଟ୍ରପତି ଅବଦେଲ ଫତେହ ଅଲ ସିସି ମଧ୍ୟ ଟ୍ରମ୍ପଙ୍କୁ ପ୍ରଶଂସା କରି କହିଛନ୍ତି ଯେ ଶାନ୍ତି ଆଣିବାପାଇଁ ଟ୍ରମ୍ପ ହିଁ ଏକମାତ୍ର ସକ୍ଷମ ବ୍ୟକ୍ତି । ଇଜିପଟରେ ଗାଜା ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରି ଇସ୍ରାଏଲ-ହମାସ ଯୁଦ୍ଧରେ ଅବସାନ ଘଟାଇଛନ୍ତ । ଭାରତ ପକ୍ଷରୁ ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତ ।

# ଶେହବାଜ୍‌ଙ୍କ ସାମ୍ନାରେ ମୋଦୀଙ୍କ ପ୍ରଶଂସା କଲେ ଟ୍ରମ୍ପ୍

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ସଂପର୍କକୁ ନେଇ ପୁଣି ଥରେ ମୁହଁ ଖୋଲିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ । ଟ୍ରମ୍ପ କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ଏକତ୍ର ବହୁତ ଭଲ ଭାବରେ ରହିବେ । ଏ ବିଶ୍ୱାସ ତାଙ୍କର ରହିଛି । ମିଶରରେ ଗାଜା ଶାନ୍ତି ସମ୍ମିଳନୀ ସମୟରେ ସେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜଣେ ଉତ୍ତମ ବନ୍ଧୁ ବୋଲି ସମ୍ବୋଧନ କରି ଏପରି ମନ୍ତବ୍ୟ ଦେଇଛନ୍ତି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏହି ସମ୍ମିଳନୀରେ ତାଙ୍କ ପଛରେ ଠିଆ ହୋଇଥିବା ଭାରତ ଏକ ମହାନ ଦେଶ । ଯାହାର ଶୀର୍ଷ ପଦରେ ମୋର ଜଣେ ବହୁତ ଭଲ ବନ୍ଧୁ ଅଛନ୍ତି । ସେ ଖୁବ୍ ଚମତ୍କାର କାମ କରିଛନ୍ତି । ମୁଁ ଭାବୁଛି ଯେ ପାକିସ୍ତାନ ଏବଂ ଭାରତ ଏକାଠି ବହୁତ ଭଲ ଭାବରେ ରହିବେ, ଟ୍ରମ୍ପ କ୍ୟାମେରା ଚାହିଁ ହସିବା ସହ ସାମ୍ବାଦିକମାନଙ୍କୁ ଏପରି କହିଛନ୍ତି ।



କେବଳ ସେତିକି ନୁହେଁ ସେ ପଛରେ ଛିଡ଼ା ହୋଇଥିବା ଶେହବାଜ୍‌ଙ୍କ ଆଡ଼କୁ ବୁଲିଯାଇ ଠିକ୍ କହୁଛି ନା ବୋଲି ପ୍ରଶ୍ନ କରିଥିଲେ । ଏହାକୁ ସମର୍ଥନ ଜଣାଇ ଶେହବାଜ୍ ବି ମୁଣ୍ଡ ହଲାଇ ହଁ କହିଥିଲେ । ଏହି ସମୟର ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଖୁବ୍ ଜୋରରେ ଭାଇରାଲ୍ ହେଉଛି ।

ଉଲ୍ଲେଖଯୋଗ୍ୟ, ହମାସ ଓ ଇସ୍ରାଏଲ ମଧ୍ୟରେ ପ୍ରାୟ ୨ ବର୍ଷ ଧରି ଚାଲିଥିବା ଯୁଦ୍ଧରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଗତକାଲି ଇସ୍ରାଏଲକୁ ଏକ ସ୍ୱତନ୍ତ୍ର ଗସ୍ତରେ ଟ୍ରମ୍ପ ଯିବା ସହ ସଂସଦ ନେସେଟରେ ଉଦ୍‌ବୋଧନ ଦେଇଛନ୍ତି ।ସାଂସଦମାନଙ୍କୁ ଉଦ୍‌ବୋଧନ ଦେଇ ଟ୍ରମ୍ପ କହିଛନ୍ତି, ଦୀର୍ଘ ଏବଂ ଯନ୍ତ୍ରଣାଦାୟକ ଦୁଃସ୍ୱପ୍ନରେ ଶେଷରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ମଧ୍ୟପ୍ରାଚ୍ୟରେ ନୂଆ ପ୍ରଭାତର ଏହା ଐତିହାସିକ କ୍ଷଣ ବୋଲି ସେ କହିଛନ୍ତି ।

# ଦିଲ୍ଲୀରେ ବିଷାକ୍ତ ପ୍ରଦୂଷଣ ଚିନ୍ତା ଘାରିଲାଣି

ନୂଆଦିଲ୍ଲୀ : ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଦିଲ୍ଲୀରେ ପୁଣି ବିଷାକ୍ତ ପ୍ରଦୂଷଣ ଚିନ୍ତା ଘାରିଲାଣି । କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ପକ୍ଷରୁ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ଜିଆର୍‌ଏପି -୧ ଲାଗୁ କରିବାକୁ ସୁପାରିସ କରାଯାଇଛି ।

ସିଏକ୍ୟୁଏମ୍ ପକ୍ଷରୁ ଏହି ନିଷ୍ପତ୍ତି ନିଆଯିବା ସହ ଦିଲ୍ଲୀରେ ବାୟୁ ମାନ ସୂଚାଙ୍କ ୨୧୧ ରହିଛି ବୋଲି ଘୋଷଣା କରାଯାଇଛି । ଯାହା ଅତ୍ୟନ୍ତ ଖରାପ ପର୍ଯ୍ୟାୟ । ଜିଆର୍‌ଏପିର ଏକ ସବ୍‌କମିଟିର ଅନୁଷ୍ଠିତ ସମୀକ୍ଷା ବୈଠକରେ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ ଆସିଥିବା ବର୍ତ୍ତମାନ ସମୟର ବାସ୍ତବ ତଥ୍ୟକୁ ନେଇ ବିଶ୍ଳେଷଣ କରାଯାଇଛି । ସେହିଭଳି ଆଇଏମ୍‌ଡି ଓ ଆଇଆଇଟିଏମ୍‌ର ଆଗୁଆ ସୂଚନାକୁ ଏଥିରେ ଅନୁଧ୍ୟାନ କରାଯାଇଛି । ଦିଲ୍ଲୀ ବାୟୁ ମାନ ଏବେ ଅତ୍ୟନ୍ତ ଖରାପ ସ୍ତରରେ ପହଞ୍ଚିଛି । ଆଗାମୀ ଦିନରେ ପାଣିପାଗର ସ୍ଥିତି ନେଇ ଏହା ଆହୁରି ବିଷାକ୍ତ ହୋଇପାରେ । କମିଟି ପକ୍ଷରୁ କୁହାଯାଇଛି ଯେ ନିର୍ମାଣାଧୀନ କାର୍ଯ୍ୟରେ ଧୂଳିକୁ ନିୟନ୍ତ୍ରଣ କରାଯାଉ । ବିଶେଷକରି ଯେଉଁ ନିର୍ମାଣରେ ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି, ତାହାକୁ ନିଷିଦ୍ଧ କରାଯାଉ । ସବୁ ପ୍ରକଳ୍ପ ନିର୍ମାଣ ସ୍ଥାନରେ ପାଣି ପକାଇବାକୁ ବାଧ୍ୟତାମୂଳକ କରାଯାଉ । ସେହିଭଳି ଶିଳ୍ପ ସଂସ୍ଥାଗୁଡ଼ିକୁ ଯାଞ୍ଚ କରାଯାଉ ଓ ସାଧାରଣ ପରିବହନରେ ସିଏନ୍‌ଜିକୁ ବୃଦ୍ଧି କରାଯାଉ । ବର୍ଜ୍ୟବସ୍ତୁ ପରିଚାଳନାକୁ ଗୁରୁତ୍ୱ ଦିଆଯାଉ । ସମସ୍ତ ବର୍ଜ୍ୟବସ୍ତୁକୁ ଜଳାଇବା କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯାଉ ଏବଂ ପ୍ରୋଟୋକଲ ଅନୁଯାୟୀ ବାୟୋମେଡିକାଲ ବର୍ଜ୍ୟବସ୍ତୁର ପରିଚାଳନା କରାଯାଉ । କଳାଧୂଆଁ ବାହାରୁଥିବା ଭାରୀ ଯାନ ଉପରେ



କଟକଣା ଲଗାଇବା ସହ ଦିଲ୍ଲୀରୁ ୧୦ କିମି ପରିସର ମଧ୍ୟରେ ଥିବା ବିଦ୍ୟୁତ୍ କାରଖାନାଗୁଡ଼ିକରେ ଶତପ୍ରତିଶତ ପ୍ରାକୃତିକ ଗ୍ୟାସ୍ ବ୍ୟବହାର ପାଇଁ କୁହାଯାଉ । ଏହି ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ସଂସ୍ଥା ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଉ । ବାୟୁର ମାନ ଧୀରେଧୀରେ ଅତ୍ୟନ୍ତ ଖରାପ ଓ ଗୁରୁତର ପର୍ଯ୍ୟାୟରେ ପହଞ୍ଚିବାର ସମ୍ଭାବନା ରହିଛି । ନାଗରିକମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜଆଡ଼ୁ ସାଧାରଣ ପରିବହନ ବ୍ୟବସ୍ଥାକୁ ବ୍ୟବହାର କରନ୍ତୁ । ପ୍ରଦୂଷଣ ସମୟ ମୁଖ୍ୟତଃ ସନ୍ଧ୍ୟାରେ ବାହାରକୁ ଯିବା ବନ୍ଦ କରନ୍ତୁ । ପରିବେଶବିତ୍‌ମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ଏଭଳି ଢାଞ୍ଚାଗତ ସଂସ୍କାରର ଏବେ ଆବଶ୍ୟକତା ଅଛି ବୋଲି ସେମାନେ କହିଛନ୍ତି ।

ସେହିଭଳି ନଡ଼ା ଜଳାଇବା ଉପରେ ନଜର ରଖିବା ସହ ଏହାକୁ ସମନ୍ୱୟ ରକ୍ଷାକରି ଧୂଆଁର କମଳରେ ଯେଭଳି ଦିଲ୍ଲୀ ଯେଭଳି ଆଚ୍ଛାଦିତ ନହେବ, ସେଥିଲାଗି ପଦକ୍ଷେପ ନିଆଯାଉ । ଆଇଆଇଟିଏମ୍‌ର ତଥ୍ୟ ଅନୁଯାୟୀ ୮୦%ରୁ ଅଧିକ ପ୍ରଦୂଷଣକୁ ଅତ୍ୟନ୍ତ ଖରାପ ସ୍ଥିତିରେ ଗ୍ରହଣ କରାଯାଇଛି । ବାୟୁର ମାନ ଚଳିତ ମାସ ଶେଷ ସୁଦ୍ଧା ୨୫୦ରୁ ଅଧିକ ହୋଇପାରେ ବୋଲି କୁହାଯାଉଛି ।

## ବିଜେପିର ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ

# ଦଳରେ ସାମିଲ ହେଲେ ମୈଥିଳୀ ଠାକୁର



ପାଟନା: ବିହାର ନିର୍ବାଚନ ପାଇଁ ଆଜି ବିଜେପିର ପ୍ରଥମ ତାଲିକା ପ୍ରକାଶ ପାଇଛି । ଏଥିରେ ୭୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେପି କିଛି ପ୍ରମୁଖ ନେତାଙ୍କୁ ମଧ୍ୟ ତାଲିକାରୁ ବାଦ୍ ଦେଇଛି । ଆଜି ପ୍ରଥମ ତାଲିକା ପ୍ରକାଶ ପାଇବା ସହ ଲୋକ ଗାୟିକା ମୈଥିଳୀ ଠାକୁର ବିଜେପିରେ ଯୋଗ ଦେଇଛନ୍ତି । ବିଜେପିରେ ସାମିଲ ହେବା ପରେ ସେ ଦରଭଙ୍ଗାର ଆଲିନଗର ଆସନରୁ ବିଧାନସଭା ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଆଜି ଘୋଷଣା କରାଯାଇଥିବା ତାଲିକାରୁ ବିଧାନସଭା ବାଚସ୍ପତି ନନ୍ଦ କିଶୋର ଯାଦବଙ୍କ ଟିକେଟ୍ କଟାଯାଇଛି । କୁମରହାରରୁ ଅରୁଣ ସିଂହଙ୍କ ଟିକେଟ୍ ମଧ୍ୟ କଟାଯାଇଛି । ପ୍ରମୁଖ ନାମଗୁଡ଼ିକ ମଧ୍ୟରେ, ବିଜେପି ସଭାପତି ସମ୍ରାଟ ଚୌଧୁରୀଙ୍କୁ ତାରାପୁରରୁ ପ୍ରାର୍ଥୀ କରାଯାଇଛି । ମଙ୍ଗଳ ପାଣ୍ଡେଙ୍କୁ ସିଓ୍ୱାନରୁ ପ୍ରାର୍ଥୀ କରାଯିବା ସହ ମନ୍ତ୍ରୀ ନୀତିନ ନବୀନଙ୍କୁ ବାଙ୍କିପୁରରୁ , ସଞ୍ଜୀବ ଚୌରାସିଆଙ୍କୁ ଦୀଘାରୁ, ସଞ୍ଜୟ ସରାଓ୍ୱାଗିଙ୍କୁ ଦରଭଙ୍ଗାରୁ ଏବଂ ଶ୍ରେୟସୀ ସିଂହଙ୍କୁ ଜାମୁଇରୁ ପ୍ରାର୍ଥୀ କରାଯାଇଛି ।

# ଗୁଗୁଲ୍ ଏ ଆଇ ହବ୍ ଭାରତର ଡିଜିଟାଲ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବ: ବୈଷ୍ଣବ

ବିଶାଖାପାଟଣା : ବିଶାଖାପାଟଣାରେ ସ୍ଥାପନ ହେବାକୁ ଥିବା ଗୁଗୁଲ୍ ଏ ଆଇ ହବ୍ ଭାରତର ଡିଜିଟାଲ୍ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଆଗାମୀ ଭାରତ ଏଆଇ ସମ୍ମିଳନୀରେ ଅଂଶଗ୍ରହଣ କରିବା ପୂର୍ବରୁ ଗୁଗୁଲ୍ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମ 'ଭାରତ ଏଆଇ ଶକ୍ତି'କୁ ସମ୍ବୋଧିତ କରି ସେ ଏହା କହିଛନ୍ତି ।ସେ କହିଛନ୍ତି, "ଗୁଗୁଲ୍ ଏଆଇ ହବ୍ ଭାରତର ଡିଜିଟାଲ୍ ଅର୍ଥବ୍ୟବସ୍ଥା ପାଇଁ ଏକ ନୂତନ ଯୁଗର ଆରମ୍ଭ କରିବାକୁ ଯାଉଛି । ଏହି ଭିତ୍ତିଭୂମି ନୂତନ ସମୁଦ୍ର କେବୁଲ ନେଟୱାର୍କରେ ନିବେଶ ଦ୍ୱାରା ଏବଂ ସ୍ୱଚ୍ଛ ଶକ୍ତି ଦ୍ୱାରା ପରିଚାଳିତ ଏଆଇ-ପ୍ରଥମ ଡାଟା ସେଣ୍ଟର ସ୍ଥାପତ୍ୟ କ୍ଷେତ୍ରରେ ନୂତନ ଭୂମି ସୃଷ୍ଟି କରିଛି। ଏହା କେବଳ ଏଆଇ-ଚାଳିତ ସେବାର ଏକ ନୂତନ ଯୁଗକୁ ଇନ୍ଧନ ଦେବ ନାହିଁ ବରଂ ସାରା ଦେଶରେ ଉଚ୍ଚ-ମୂଲ୍ୟର ଚାକିରି ଏବଂ ଆର୍ଥିକ ସୁଯୋଗ ସୃଷ୍ଟି କରିବ। ଏହି ସହଭାଗୀତା ଭାରତରେ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ଆଣିବା ଗୌରବର ବିଷୟ।" ଭାରତ ଏଆଇ ମିଶନର ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ଏହି ହବର ଭୂମିକା ଉପରେ ଗୁରୁତ୍ୱାରୋପ କରି ମନ୍ତ୍ରୀ କହିଛନ୍ତି, ଏହି ଡିଜିଟାଲ୍ ଭିତ୍ତିଭୂମି ଇଣ୍ଡିଆ ଏଆଇ ମିଶନର ଲକ୍ଷ୍ୟ ପୂରଣ କରିବାରେ ବିଶେଷ ସହାୟକ ହେବ। ଅଶ୍ୱିନୀ ବୈଷ୍ଣବ ଭାରତର ଡିଜିଟାଲ୍ ଅର୍ଥବ୍ୟବସ୍ଥାରେ ଏଆଇ ସେବାଗୁଡ଼ିକୁ ଏକ ପ୍ରମୁଖ ଉଦୀୟମାନ କ୍ଷେତ୍ର ଭାବରେ ଅଭିହିତ କରିଥିଲେ । ପ୍ରତିଭା ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଏହି ସୁବିଧାକୁ ବ୍ୟବହାର କରିବାକୁ ପାଇଁ କେନ୍ଦ୍ର ମନ୍ତ୍ରୀ ଗୁଗୁଲକୁ ଅନୁରୋଧ କରିଥିଲେ। ଇଣ୍ଡିଆ ଏଆଇ ମିଶନ ଅଧୀନରେ ସାଧାରଣ କମ୍ପ୍ୟୁଟ୍ ଭିତ୍ତିଭୂମିର ଅଂଶ ଭାବରେ ଏନଭିଡିଆର ଜିପିୟୁ (ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍) ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସେ



ଗୁଗୁଲର ଟିପିୟୁ (ଟେନସର ପ୍ରୋସେସିଂ ୟୁନିଟ୍)କୁ ସ୍ୱାଗତ କରିଥିଲେ। ମନ୍ତ୍ରୀ ଏହା ମଧ୍ୟ ଆଲୋକପାତ କରିଥିଲେ ଯେ ଏଆଇ ହବ୍ ଇଣ୍ଡିଆ ଏଆଇ ମିଶନର ଲକ୍ଷ୍ୟକୁ ସାକାର କରିବା ଦିଗରେ ବିଶେଷ ସହାୟକ ହେବ। ଦ୍ରୁତ ଏଆଇ-ଚାଳିତ ପରିବର୍ତ୍ତନ ମଧ୍ୟରେ ଆଇଟି ପେସାଦାରମାନଙ୍କର ବ୍ୟାପକ ଉନ୍ନତ କୌଶଳ ବିକାଶ ଏବଂ ଉନ୍ନତୀକରଣର ଆବଶ୍ୟକତା ଉପରେ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ। ସେ ଗୁଗୁଲକୁ ଏହି ପ୍ରୟାସରେ ଶିଳ୍ପ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ଗୁଗୁଲ୍ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଏକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ହବ୍ ପ୍ରତିଷ୍ଠା ଘୋଷଣା କରିଛି, ଯାହା କମ୍ପାନୀକୁ ସମଗ୍ର ଭାରତରେ ଏଆଇ-ଚାଳିତ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହାର ସମ୍ପୂର୍ଣ୍ଣ ଏଆଇ ଷ୍ଟାକ୍ ନିୟୋଜିତ କରିବାକୁ ସକ୍ଷମ କରିବ। ନୂତନ ଏଆଇ ହବ୍ ଉନ୍ନତ ଏଆଇ ଭିତ୍ତିଭୂମି, ଡାଟା ସେଣ୍ଟର କ୍ଷମତା, ବଡ଼ ପରିମାଣର ନବୀକରଣୀୟ ଶକ୍ତି ଉତ୍ସ ଏବଂ ଏକ ବିସ୍ତାରିତ ଫାଇବର-ଅପ୍ଟିକ୍ ନେଟୱାର୍କକୁ ଗୋଟିଏ ସ୍ଥାନରେ ଏକାଠି କରିବ।

# ଗୁଳିବିନିମୟରେ ଦୁଇ ଆତଙ୍କବାଦୀ ନିହତ

କୁପଓ୍ୱାଡା: ଜମ୍ମୁ - କଶ୍ମୀରର କୁପଓ୍ୱାଡା ଜିଲ୍ଲାର ଦୁଇଟି ସ୍ଥାନ ମାଚିଲ ଏବଂ ଦୁଦନିଆଲ ସେକଟରରୁ ଗୁଳିଚାଳନା ଏବଂ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି । ଏହା ଆତଙ୍କବାଦୀମାନଙ୍କ ଅନୁପ୍ରବେଶ ବୋଲି ଅନୁମାନ କରାଯାଉଛି । ତେବେ ଏହାକୁ ପ୍ରତିବାଦ କରି ସୁରକ୍ଷା ବାହିନୀ ଗୁଳି ଚାଳନା କରିଥିଲେ । ଏଥିରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ସୂତ୍ର ଅନୁଯାୟୀ, ସୈନ୍ୟମାନେ ମାଚିଲ ନିୟନ୍ତ୍ରଣ ରେଖା ନିକଟରେ ସନ୍ଦେହଜନକ ଗତିବିଧି ଚିହ୍ନଟ କରିଥିଲେ । ଯାହାର ତୁରନ୍ତ ଜବାବ ଦିଆଯାଇଥିଲା । ସେନା ସନ୍ଦିପ ଅନୁପ୍ରବେଶକାରୀଙ୍କୁ ଚ୍ୟାଲେଞ୍ଜ କରିଥିଲା, ଯାହା ଫଳରେ ଗୁଳି ବିନିମୟ ହୋଇଥିବା ପ୍ରକାଶ ।

ଭାରତୀୟ ସେନା ଅଧିକାରୀମାନେ ଏଏନ୍‌ଆଇରେ ନିଜର ବୟାନ ଦେଇ କହିଛନ୍ତି, “"ଜମ୍ମୁ ଓ କଶ୍ମୀରର କୁପଓ୍ୱାଡା ସେକଟରରେ, ଭାରତୀୟ ସେନାର ସୈନିକମାନେ ନିୟନ୍ତ୍ରଣ ରେଖା ପାଖରେ କିଛି ସନ୍ଦେହଜନକ ଗତିବିଧି ଦେଖିଥିଲେ ଏବଂ ସନ୍ଧ୍ୟା ପ୍ରାୟ ୭ଟାରେ ଏହାକୁ ପ୍ରତିରୋଧ କରି ଗୁଳି ଚଳାଇଥିଲେ ।ଏହି ଅଞ୍ଚଳରେ ଅପରେସନ ଏବେ ବି ଜାରି ରହିଛି । ଅଧିକ ବିବରଣୀ ପାଇଁ ଅପେକ୍ଷା କରାଯାଇଛି ।

## ଆଇପିଏସ୍ ଆତ୍ମହତ୍ୟା ମାମଲା

# ଗିରଫ ଭୟରେ ଜୀବନ ହାରିଲେ ଏଏସ୍‌ଆଇ

ରୋହତକ୍: ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୁରନ କୁମାରଙ୍କ ମୃତ୍ୟୁ ମାମଲାରେ ଆଉ ଏକ ଆଶ୍ଚର୍ଯ୍ୟଜନକ ମୋଡ଼ ଆସିଛି ।ରୋହତକର ସାଇବର ସେଲରେ ନିୟୋଜିତ ହରିୟାଣାର ଜଣେ ପୁଲିସ କର୍ମଚାରୀ ମଙ୍ଗଳବାର ଦିନ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି । ଜୀବନ ହାରିବା ପୂର୍ବରୁ ସେ ଏକ ତିନି ପୃଷ୍ଠାର ସୁଇସାଇଡ୍ ନୋଟ୍ ଏବଂ ଏକ ଭିଡିଓ ଛାଡିଯାଇଛନ୍ତି ଯେଉଁଥିରେ ସେ ଦିବଂଗତ ଆଇପିଏସ ଅଧିକାରୀ ଓ୍ୱାଇ ପୁରନ କୁମାର ଦୁର୍ନୀତିଗ୍ରସ୍ତ ଥିଲେ ବୋଲି କହିଛନ୍ତି ।ଆସିଷ୍ଟାଣ୍ଟ ସବ-ଇନ୍ସପେକଟର (ଏଏସଆଇ) ସନ୍ଦୀପ କୁମାରଙ୍କ ମୃତଦେହ ରୋହତକ-ପାନିପତ ରାସ୍ତାରେ ଏକ ଟ୍ୟୁବେଓ୍ୱେଲ ପାଖରୁ ମିଳିଛି । ପୁଲିସ ଏକ ସୁଇସାଇଡ ନୋଟ୍ ଜବତ କରିଛି ଏବଂ ଆତ୍ମହତ୍ୟା କରିବା ପୂର୍ବରୁ ଅଧିକାରୀ ରେକର୍ଡ କରିଥିବା ଭିଡିଓର ଯାଞ୍ଚ କରୁଛି ।ତାଙ୍କ ନୋଟରେ ସନ୍ଦୀପ କୁମାର, ଆଇପିଏସ ଅଧିକାରୀ ଓ୍ୱାଇ ପୁରନ କୁମାରଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି, ଯିଏ ନିଜେ ଅକ୍ଟୋବର ୭ ତାରିଖରେ ଚଣ୍ଡିଗଡ଼ରେ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଥିଲେ । ସୁଇସାଇଡ୍ ନୋଟରେ ସେ ଲେଖିଛନ୍ତି ଯେ, ଓ୍ୱାଇ ପୁରନ କୁମାର ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଥିଲେ । । ତାଙ୍କ ବିରୋଧରେ ଅନେକ ପ୍ରମାଣ ଅଛି । ପୁରନ କୁମାରଙ୍କ ମୃତ୍ୟୁକୁ ନେଇ ଚାଲିଥିବା ତଦନ୍ତରେ ମୋତେ ଗିରଫ କରାଯିବ ବୋଲି ମୋ ମନରେ ଡର ଥିଲା । ତେଣୁ ମୁଁ ଏଭଳି ପଦକ୍ଷେପ ନେଉଛି । ହେଲେ ମରିବା ପୂର୍ବରୁ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାର ପର୍ଦ୍ଦାଫାସ କରିବାକୁ ଚାହୁଁଛ । ନିରପେକ୍ଷ ତଦନ୍ତ ଦାବି କରି ମୁଁ ମୋ ଜୀବନର ବଳିଦାନ ଦେଉଛି । ଏହି ଦୁର୍ନୀତିଗ୍ରସ୍ତ ପରିବାରକୁ ଛଡ଼ାଯିବା ଉଚିତ ନୁହେଁ । ପୁରଣ କୁମାର ଦୁର୍ନୀତିରେ ଜଡିତ ଥିଲେ ଏବଂ ଜାତିବାଦର ଆଶ୍ରୟ ନେଇ ବ୍ୟବସ୍ଥାକୁ ହାଇଜାକ୍ କରୁଥିଲେ ।ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୭ତାରିଖରେ ଅଧିକାରୀଙ୍କ ମୃତଦେହ ତାଙ୍କ କୋଠରୀ ଭିତରୁ ମିଳିଥିଲା । ଏକ ସୋଫାରେ ତାଙ୍କ ମୃତଦେହ ପଡ଼ିଥିବା ବେଳେ ତାଙ୍କ ମୁଣ୍ଡର ଡାହାଣ ପାଶ୍ୱର୍ରେ ଗୁଳି ବାଜିଥିବା ଦେଖିବାକୁ ମିଳିଥିଲା । ଅତି ନିକଟରୁ ସେ ନିଜକୁ ଗୁଳି କରିଥିଲେ । ସ୍ୱାମୀଙ୍କ ମୃତ୍ୟୁର ଖବର ପାଇବା ପରେ ଆଇଏଏସ୍ ପତ୍ନୀ ଘରେ ପହଞ୍ଚିଥିଲେ ଏବଂ ତାଙ୍କ ହାତରେ ସୁଇସାଇଡ୍ ନୋଟ୍ ଲାଗିଥିଲା । ସେ ଆତ୍ମହତ୍ୟା କରିବା ପୂର୍ବରୁ ଏକ ସୁଇସାଇଡ୍ ନୋଟ୍ ଲେଖିଥିଲେ, ଯେଉଁଥିରେ ସେ ୯ ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପରେ ଜାତି-ଭିତ୍ତିକ ଭେଦଭାବ, ମାନସିକ ନିର୍ଯାତନା, ସାର୍ବଜନୀନ ଅପମାନ ଏବଂ ଅତ୍ୟାଚାରର ଅଭିଯୋଗ ଆଣିଥିଲେ ।

# ଜୋମାଟୋ ସହିତ ବୁଝାମଣାପତ୍ର ସ୍ୱାକ୍ଷର

ନୂଆଦିଲ୍ଲୀ: ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଜୋମାଟୋ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଏହା ଦ୍ୱାରା ଜାତୀୟ କ୍ୟାରିଅର ସେବା ପ୍ଲାଟଫର୍ମ ମାଧ୍ୟମରେ ନମନୀୟ ଏବଂ ପ୍ରଯୁକ୍ତିବିଦ୍ୟା-ସକ୍ଷମ ଜୀବିକା ସୁଯୋଗ ଉପଲବ୍ଧତା ବୃଦ୍ଧି ପାଇବ । କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ଏବଂ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକଟର ମନସୁଖ ମାଣ୍ଡାଭିଆ, ଶ୍ରମ ଏବଂ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କରାଣ୍ଡଲାଜେ ଏବଂ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ସଚିବ ବନ୍ଦନା ଗୁରନାନିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଏହି ଅବସରରେ ଡକଟର ମନସୁଖ ମାଣ୍ଡାଭିଆ ଜୋମାଟୋ ସହିତ ସହଭାଗୀତାକୁ ସ୍ୱାଗତ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଏହା ଆନୁଷ୍ଠାନିକ ନିଯୁକ୍ତି ବ୍ୟବସ୍ଥାରେ ପ୍ଲାଟଫର୍ମ ଅର୍ଥନୀତି ଭୂମିକାକୁ ଏକୀକୃତ କରିବ । ଯୁବପିଢ଼ି ଏବଂ ମହିଳା ଚାକିରି ଖୋଜୁଥିବା ଲୋକଙ୍କୁ ମର୍ଯ୍ୟାଦାଜନକ, ପ୍ରଯୁକ୍ତିବିଦ୍ୟା-ସକ୍ଷମ ଜୀବିକା ସହିତ ସଂଯୋଗ କରିବ ।

ଡକଟର ମାଣ୍ଡାଭିଆ ଆଲୋକପାତ କରିଥିଲେ ଯେ ଏନସିଏସ ପୋର୍ଟାଲ୍ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଚାକିରି ଖୋଜୁଥିବା ବ୍ୟକ୍ତିଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ ଉଭା ହୋଇଛ । ଲକ୍ଷ ଲକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତି ଏବଂ ଜୀବିକା ସୁଯୋଗ ସହିତ ଯୋଡ଼ିଛି । ସେ ଉଲ୍ଲେଖ କରିଛନ୍ତି ଯେ ୨୦୧୫ ରେ ଆରମ୍ଭ ହୋଇଥିବା ଏହି ପୋର୍ଟାଲ ୭.୭ କୋଟିରୁ ଅଧିକ ଖାଲି ପଦବୀକୁ ଏକତ୍ରିତ କରିଛି ଏବଂ ଚାକିରି ଖୋଜୁଥିବା




ଏବଂ ନିଯୁକ୍ତିଦାତାଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବରେ କାର୍ଯ୍ୟ କରୁଛି ।

ଡକଟର ମାଣ୍ଡଭିଆ ଆହୁରି କହିଛନ୍ତି ଯେ ଅନେକ ପ୍ରମୁଖ ସଂଗଠନ ପୂର୍ବରୁ ଏନସିଏସ ପୋର୍ଟାଲ୍ ସହିତ ସହଭାଗୀ ହୋଇସାରିଛନ୍ତି, ଏବଂ ଆଜି ଜୋମାଟୋ ସହିତ ସହଯୋଗ ନମନୀୟ ଏବଂ ପ୍ରଯୁକ୍ତିବିଦ୍ୟା-ସକ୍ଷମ ଜୀବିକାକୁ ବିସ୍ତାର କରିବା ପାଇଁ ମନ୍ତ୍ରଣାଳୟର ପ୍ରୟାସରେ ଆଉ ଏକ ମାଇଲଖୁଣ୍ଟ । ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଏବଂ ଜୋମାଟୋ ଏକତ୍ର କାମ କରିବା କେବଳ ଉଭୟ ଅଂଶୀଦାରଙ୍କ ପାଇଁ ନୁହେଁ ବରଂ ସମସ୍ତ ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ମଧ୍ୟ ପାରସ୍ପରିକ ଭାବରେ ଲାଭଦାୟକ ହେବ । ଏହି ଅବସରରେ, ଶ୍ରମ ଏବଂ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କରାଣ୍ଡଲାଜେ ଦେଶର ପ୍ରତ୍ୟେକ ସଂଗଠିତ ଏବଂ ଅସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ସଚିବ ବନ୍ଦନା ଗୁରନାନି ସମସ୍ତ ଶ୍ରମିକଙ୍କ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତି ଏବଂ ସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟେବୁଲ

## ତୃତୀୟ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୧୪।୧୦(ଏଜେନ୍ସି) : ଭାରତ ଶୃଙ୍ଖଳା ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲ୍‌ରେ ପୂର୍ବଭଳି ତୃତୀୟ ସ୍ଥାନରେ ରହିଛି। ପଏଣ୍ଟ ଟେବୁଲର ୧ ନଂ ସ୍ଥାନରେ ଅଷ୍ଟ୍ରେଲିଆ ଓ ୨ ନଂ ସ୍ଥାନରେ ଶ୍ରୀଲଙ୍କା ରହିଛି। ଗିଲ୍‌ଙ୍କ ଅଧିନାୟିକତ୍ୱରେ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଅଭିଯାନ ଆରମ୍ଭ କରିଥିବା ଭାରତ ପ୍ରଥମେ ଇଂଲଣ୍ଡ ମାଟିରେ ୫ ଟି ଟେଷ୍ଟ ଖେଳିଥିଲା। ଏହି ଶୃଙ୍ଖଳା ୨-୨ ବରାବର ରହିଥିଲା। ଏବେ ଘରୋଇ ମାଟିରେ ଦଳ ଇଣ୍ଡିଜ ବିପକ୍ଷରେ ଦୁଇଟି ଟେଷ୍ଟ ଖେଳି ବିଜୟୀ ହୋଇଛି। ଭାରତ ବିଜୟ ସତ୍ତ୍ୱେ ପଏଣ୍ଟ ଟେବୁଲ୍‌ର ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଭାରତ ବିଜୟ ପ୍ରତିଶତ ୬୧.୯୦ କୁ ବୃଦ୍ଧି ପାଇଛି। ଭାରତ ଏଯାଏ ୭ ଟି ଟେଷ୍ଟ ଖେଳିଥିବା ବେଳେ ୪ ଟି ଜିତିଛି ଓ ଦୁଇଟି ହାରିଛି, ଗୋଟିଏ ମ୍ୟାଚ ଡ୍ର ରହିଛି। ପ୍ରଥମ ସ୍ଥାନରେ ଥିବା ଅଷ୍ଟ୍ରେଲିଆ ଖେଳିଥିବା ୩ ଟି ଯାକ ମ୍ୟାଚ୍ ଜିତିଛି। ତେଣୁ ଦଳର ବିଜୟ ପ୍ରତିଶତ ୧୦୦ ରହିଛି। ଶ୍ରୀଲଙ୍କା ଦୁଇଟି ଟେଷ୍ଟ ଖେଳି ଗୋଟିଏ ବିଜୟୀ ହୋଇଥିବା ଗୋଟିଏ ଡ୍ର ରହିଛି। ତେଣୁ ଶ୍ରୀଲଙ୍କାର ବିଜୟ ୬୬.୬୭ ପ୍ରତିଶତ ରହିଛି। ଅଷ୍ଟ୍ରେଲିଆ , ଶ୍ରୀଲଙ୍କା ଓ ଭାରତ ପରେ ଇଂଲଣ୍ଡ ଓ ବାଂଲାଦେଶ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।


ICC WORLD TEST CHAMPIONSHIP
STANDINGS

| TEAM | P | W | L | D | DED | PTS | PCT |
|---|---|---|---|---|---|---|---|
| AUSTRALIA | 3 | 3 | 0 | 0 | 0 | 36 | 100.00 |
| SRI LANKA | 2 | 1 | 0 | 1 | 0 | 16 | 66.67 |
| INDIA | 7 | 4 | 2 | 1 | 0 | 52 | 61.90 |
| ENGLAND | 5 | 2 | 2 | 1 | 2 | 26 | 43.33 |
| BANGLADESH | 2 | 0 | 1 | 1 | 0 | 4 | 16.67 |
| WEST INDIES | 5 | 0 | 5 | 0 | 0 | 0 | 0.00 |
| NEW ZEALAND | 0 | 0 | 0 | 0 | 0 | 0 | 0.00 |
| PAKISTAN | 0 | 0 | 0 | 0 | 0 | 0 | 0.00 |
| SOUTH AFRICA | 0 | 0 | 0 | 0 | 0 | 0 | 0.00 |

AFTER INDvWI SECOND TEST
TEAMS ARE RANKED BASED ON THEIR POINTS PERCENTAGE | TOP TWO TEAMS ADVANCE TO THE FINAL IN 2027
DED: POINT DEDUCTIONS OCCUR FOR SLOW OVER RATES
CricTracker

# ଭାରତ ଜିତିଲା ଟେଷ୍ଟ ଶୃଙ୍ଖଳା

ନୂଆଦିଲ୍ଲୀ, ୧୪।୧୦(ଏଜେନ୍ସି) : ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତ ୭ ୱିକେଟ୍‌ରେ ବିଜୟୀ ହୋଇଛି। ଏହି ଜମାଣିଆ ବିଜୟ ସହ ଭ୍ରମଣକାରୀ ଇଣ୍ଡିଜ୍ ବିପକ୍ଷରେ ଭାରତ ୨-୦ ଟେଷ୍ଟ ଶୃଙ୍ଖଳା କ୍ଲିନ୍ ସୁଇପ୍ କରିଛି। ଭାରତ ପ୍ରଥମ ଇନିଂସରେ ୫୧୮/୫ ଏବଂ ଦ୍ୱିତୀୟ ଇନିଂସରେ ୧୨୪/୩ ରନ୍ କରିଥିଲା। ଇଣ୍ଡିଜ୍ ପ୍ରଥମ ଇନିଂସରେ ୨୪୮ ରନ୍ କରି ଫଲୋ ଅନ୍ ଖାଇଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ୩୯୦ ରନ୍ ସଂଗ୍ରହ କରି ଇନିଂସ ପରାଜୟରୁ ବର୍ତ୍ତିବା ସହ ଭାରତ ସମ୍ମୁଖରେ ୧୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଅଧିନାୟକ ଭାବେ ପ୍ରଥମ ଟେଷ୍ଟ ଶୃଙ୍ଖଳା ଜିତିଛନ୍ତି ଶୁଭମନ୍ ଗିଲ୍। ଗତ ଜୁନରେ ଗିଲ୍ ଭାରତର ଟେଷ୍ଟ ଅଧିନାୟକ ହୋଇଥିଲେ। ତାଙ୍କ ନେତୃତ୍ୱରେ ଦଳ ଇଂଲଣ୍ଡ ବିପକ୍ଷରେ ୫ ଟିକିଆ ଟେଷ୍ଟ ଶୃଙ୍ଖଳା ଖେଳିଥିଲା। ଏହି ଶୃଙ୍ଖଳା ୨-୨ରେ ଡ୍ର ରହିଥିଲା। କିନ୍ତୁ ଘରୋଇ ମାଟିରେ ଗିଲ୍ ଇଣ୍ଡିଜ ବିପକ୍ଷ ଶୃଙ୍ଖଳାକୁ ୨-୦ରେ କ୍ଲିନ୍ ସୁଇପ୍ କରିଛନ୍ତି। ଦୁଇଟି ଇନିଂସରେ ୮ ୱିକେଟ୍ ଅକ୍ତିଆର କରିଥିବା କୁଲଦୀପ ଯାଦବଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ଏବଂ ୮ ୱିକେଟ୍ ସହ ୧୦୪ ରନ୍ କରିଥିବା ରବିନ୍ଦ୍ର ଜାଡେଜାଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍ ବିବେଚିତ କରାଯାଇଥିଲା।

ଅଭିଜ୍ଞ ଲୋକେଶ ରାହୁଲ ଦ୍ୱିତୀୟ ଇନିଂସରେ ଅର୍ଦ୍ଧ ଶତକ ହାସଲ କରିଥିଲେ। ଶେଷ ଦିନ ଭାରତକୁ ଜିତିବା ପାଇଁ ୫୮ ରନ୍‌ର ଆବଶ୍ୟକତା ଥିବା ବେଳେ ସାଇ ସୁଦର୍ଶନ ଓ ଶୁଭମନ୍ ଗିଲ୍ ଆଉଟ୍ ହୋଇଥିଲେ। କିନ୍ତୁ ରାହୁଲ ଶେଷ ଯାଏ ଅପରାଜିତ ରହି ୫୮ ରନ୍‌ର ଇନିଂସ ଖେଳିବା ସହ ଭାରତକୁ ବିଜୟ ଭେଟି ଦେଇଥିଲେ।

ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳିବା କଷ୍ଟକର ଥିଲା। ସେଠାରେ ବଲ ଟର୍ଣ୍ଣ କରିବା ସହ ତଳୁଆ ରହିଥାଏ। ତଥାପି ରାହୁଲ ନିଜର ବୀରତ୍ୱ ଦେଖାଇଛନ୍ତି। ରାହୁଲଙ୍କ ଯୋଗୁଁ ପଞ୍ଚମ ଦିନର ପ୍ରଥମ ଅଧିବେଶନରେ ହିଁ ଭାରତ ମ୍ୟାଚକୁ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାତର ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲଙ୍କ ୧୭୫ ରନ୍, ଗିଲ୍‌ଙ୍କ ଅପରାଜିତ ୧୨୯, ସାଇ ସୁଦର୍ଶନଙ୍କ ୮୭ ଧ୍ରୁବ ଜୁରେଲଙ୍କ ୪୩ ଓରାହୁଲଙ୍କ ୩୮ ରନ୍ ବଳରେ ୫୧୮/୫ ରନ୍‌ରେ ପାଳି ଘୋଷଣା କରିଥିଲା। ଜବାବରେ ଇଣ୍ଡିଜ୍ ୨୪୮ ରନ୍ କରି ଅଲଆଉଟ୍ ହୋଇଥିଲା। କୁଲଦୀପ ଯାଦବ ସର୍ବାଧିକ ୫, ରବିନ୍ଦ୍ର ଜାଡେଜା ୩, ଯଶପ୍ରୀତ ବୁମରା ଓ ସିରାଜ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ପ୍ରଥମ ଇନିଂସରେ ଇଣ୍ଡିଜ ଭାରତଠାରୁ ୨୭୦ ରନ୍ ପଛରେ ରହିଥିଲା। ତେଣୁ ଗିଲ୍ ଫଲୋ ଅନ୍ ଦେଇଥିଲେ। ଲାଗୁଥିଲା ମ୍ୟାଚ୍ ଶୀଘ୍ର ସରିଯିବ। କିନ୍ତୁ ଇଣ୍ଡିଜ୍ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ୫ମ ଦିନକୁ ନେବାରେ ସକ୍ଷମ ହୋଇଥିଲା। ଦ୍ୱିତୀୟ ଇନିଂସରେ ଇଣ୍ଡିଜ୍ ୩୯୦ ରନ୍ କରିବାରୁ ଭାରତ ସମ୍ମୁଖରେ ୧୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଚତୁର୍ଥ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୧୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୬୩ରନ୍ କରିଥିଲା। ତେଣୁ ଜିତିବା ପାଇଁ ୫୮ ରନ୍‌ର ଆବଶ୍ୟକତା ଥିଲା। ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନ୍ କରି ଅପରାଜିତ ଥିଲେ। ପଞ୍ଚମ ଦିନ ସୁଦର୍ଶନ ଓ ରାହୁଲ ସ୍ଥିତି ସମ୍ଭାଳି ସ୍କୋରକୁ ଆଗକୁ ବଢାଇଥିଲେ। କିନ୍ତୁ ବ୍ୟକ୍ତିଗତ ସ୍କୋରରେ ଆଉ ୯ ରନ୍ ଯୋଡିବାକୁ ସମର୍ଥ ହୋଇଥିଲେ ସୁଦର୍ଶନ। ତାଙ୍କୁ ରୋଷ୍ଟନ ଚେଜ୍ ଆଉଟ୍ କରିଥିଲେ। ଗିଲ୍ ମଧ୍ୟ ୧୩ ରନ୍ କରି ପାଭିଲିୟନ ଫେରିଥିଲେ। ସେତେବେଳେକୁ ଭାରତ ବିଜୟ ଠାରୁ ମାତ୍ର ୧୩ ରନ୍ ପଛରେ ଥିଲା। ରାହୁଲ ୧୦୧ ବଲରେ ଅର୍ଦ୍ଧ ଶତକ ପୂରଣ କରିଥିଲେ। ରାହୁଲଙ୍କ ସହ ଜୁରେଲ ମ୍ୟାଚ ଶେଷ କରିଥିଲେ। ରାହୁଲ ୫୮ ଓ ଜୁରେଲ ୬ ରନ୍ କରିଥିଲେ।

ଦିଲ୍ଲୀ ମ୍ୟାଚ ପରାଜୟ ସହ ୱେଷ୍ଟଇଣ୍ଡିଜ୍ କ୍ରମାଗତ ୧୦ ଟି ଟେଷ୍ଟରେ ଭାରତ ଠାରୁ ହାରିବାର ଲଜ୍ୟା ଜନକ ରେକର୍ଡ ମୁଣ୍ଡାଇଛି। ୨୦୦୨ରୁ ୨୦୨୫ ମଧ୍ୟରେ ଦଳ ୧୦ ଟି ଟେଷ୍ଟ ଭାରତ ସହ ଖେଳି ସବୁଥର ହାରିଛି।

# ଟିମ୍ ଇଣ୍ଡିଆକୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ଶୃଙ୍ଖଳାକୁ ଭାରତ ୨-୦ କ୍ଲିନ୍ ସୁଇପ୍ କରିଛି। ଏହି ଐତିହାସିକ ବିଜୟ ପରେ ଭାରତୀୟ ଦଳର ସବୁ ଖେଳାଳି, କୋଚ୍ ଓ କର୍ମଚାରୀଙ୍କୁ ଓଡିଶା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆ ଟ୍ୱିଟରରେ ଏକ ଅଭିନନ୍ଦନ ବାର୍ତ୍ତା ପୋଷ୍ଟ କରାଯାଇଛି। ଏହି ଶୃଙ୍ଖଳା ବିଜୟ ଭାରତୀୟ କ୍ରିକେଟର ଦକ୍ଷତା ଓ ସାମର୍ଥ୍ୟକୁ ପ୍ରତିପାଦିତ କରିଛି ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି। ଲକ୍ଷ ଲକ୍ଷ କ୍ରିକେଟ୍ ପ୍ରେମୀଙ୍କୁ ଆମ ଖେଳାଳି ଅନୁପ୍ରାଣିତ କରିଛନ୍ତି। ଆଗକୁ ଭାରତୀୟ ଦଳର ଜୟଯାତ୍ରା ଜାରି ରହୁ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି।




# ଓଡିଶା ରଗ୍‌ବୀ ଫୁଟବଲ୍ ଆସୋସିଏସନ୍ ନିର୍ବାଚନ

## ପ୍ରିୟଦର୍ଶୀ ସଭାପତି

## ସୁଶାନ୍ତ ସମ୍ପାଦକ



ଭୁବନେଶ୍ୱର : ଓଡିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବିନା ପ୍ରତିଦ୍ୱନ୍ଦିତାରେ ଭିନ୍ନ ଭିନ୍ନ ପଦବୀ ପାଇଁ ନିର୍ବାଚନ ଶେଷ ହୋଇଛି। ପୂର୍ବଭଳି ପ୍ରିୟଦର୍ଶୀ ମିଶ୍ର ଓରଫାର ସଭାପତି ପଦ ଅଳଙ୍କୃତ କରିଛନ୍ତି। ଉପେନ୍ଦ୍ର କୁମାର ମହାନ୍ତି ଉପସଭାପତି , ସୁଶାନ୍ତ କୁମାର ସାହୁ ସମ୍ପାଦକ, ଶକ୍ତିରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ, ଭରତ ସାହୁ ଯୁଗ୍ମ ସମ୍ପାଦକ ଦାୟିତ୍ୱ ତୁଲାଇବେ। ପରିଚାଳନା କମିଟିରେ ୪ ଜଣ ସଦସ୍ୟ ରହିଛନ୍ତି। ଅଙ୍କୁଶ ଅରୋରା, ଅଜୟ ବେହେରା, ସୁଶାନ୍ତ ସାହୁ ପ୍ରମୁଖ ନିରୀକ୍ଷକ ଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଏସ୍‌ଆର୍ ପରିଜା ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବିଚାରପତି ରତିକାନ୍ତ ମହାପାତ୍ର ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ଥିଲେ।

# ପାଲଲହଡା କପ ଫୁଟବଲ :କଟକ ଯୁବଜ୍ୟୋତି ଚାମ୍ପିଅନ

ପାଲଲହଡା ,(ସବ୍ୟୁ) :ଗତ ଆଠ ତାରିଖଠାରୁ ପାଲଲହଡା ଷ୍ଟାଡିଅମ ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୩୭ତମ ପାଲଲହଡା କପର ଆଜିଥିଲା ଚୂଡାନ୍ତ ଫାଇନାଲ ମ୍ୟାଚ। ଆଜିର ଏହି ଫାଇନାଲ ମ୍ୟାଚ ଖେଳ ଗତବର୍ଷର ପାଲଲହଡା କପ ଚମ୍ପିୟାନ କଟକ ଯୁବଜ୍ୟୋତି କ୍ଲବ ଓ ରାଉରକେଲାୟଙ୍ଗ ବଏଜ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କଟକ ଯୁବଜ୍ୟୋତି କ୍ଲବ ଏକାଦଶ ରାଉରକେଲାୟଙ୍ଗ ବଏଜ କ୍ଲବ ଏକାଦଶକୁ ଚାରି -ଶୂନ ଗୋଲରେ ପରାସ୍ତ କରି ଦ୍ୱିତୀୟ ଥର ପାଇଁ ଲଗାତାର ପାଲଲହଡା କପ ଚମ୍ପିୟାନ ଆଖ୍ୟା ଅର୍ଜନ କରି କପ ସମେତ ନଗଦ ପଇଚାଳିଶ ହଜାର ଟଙ୍କା ଏବଂ ରାଉରକେଲାୟଙ୍ଗ ବଏଜ କ୍ଲବ ପରାସ୍ତ ହୋଇ ରନର୍ସ ଅପ ଟ୍ରଫି ସମେତ ନଗଦ ପଇତିରିଶ ହଜାର ଟଙ୍କା ମୁଖ୍ୟ ଅତିଥି ଙ୍କ ଠାରୁ ଗ୍ରହଣ କରିଥିଲେ। ଆଜିର ମ୍ୟାଚକୁ ଜାତୀୟ ସ୍ତରର ଖ୍ୟାତନାମା ରେଫରୀ ଶିବଶଙ୍କର ପଣ୍ଡା ପରିଚାଳନା କରୁଥିବାବେଳେ ତାଙ୍କୁ ସହାୟତା ପ୍ରଦାନ କରୁଥିଲେ ସୁଶାନ୍ତ ପାତ୍ର ଓ ସୁଜିତ ରାଜହଂସ ଏବଂ ଚତୁର୍ଥ ରେଫରୀ ଭାବେ ଦିଲ୍ଲୀପ ରାଉତ ଦାଇତ୍ୱ ନିର୍ବାହ କରିଥିଲେ। ଆୟୋଜକ ପାଲଲହଡା କପର ଅଧ୍ୟକ୍ଷ ସୁଧାଂଶୁ କପର୍ଦାରଙ୍କ ଅଧ୍ୟକ୍ଷତା ଓ ସଭାପତି ଇଂ ନୀଳାମ୍ବର ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ମ୍ୟାଚରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ରୂପେ ଅନୁଗୁଳ ଜିଲ୍ଲା ସ୍ପୋର୍ଟ୍ସ ହଷ୍ଟେଲର ଅଧ୍ୟକ୍ଷ ଅକ୍ଷୟ ସିଂ, ଅନୁଗୁଳ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଗୌରଗୋବିନ୍ଦ ସାମନ୍ତ, ପ୍ରାକ୍ତନ ରାଜ୍ୟ ସ୍ତରୀୟ ଫୁଟବଲ ଖେଳାଳି ଆର ଆଇ ଟୀଗା ପ୍ରମୁଖ ଯୋଗଦେଇଥିଲେ। ଆଜିର ଫାଇନାଲ ମ୍ୟାଚରେ ଓଡିଶା ଫୁଟବଲ ଆସୋସିଏସନ ର ସଭାପତି ଟଙ୍କଧର ତ୍ରିପାଠୀ ଯୋଗଦେବାର କାର୍ଯ୍ୟକ୍ରମ ଥିଲା ବେଳେ ନିର୍ଦ୍ଧିଷ୍ଟ ସମୟରେ ପହଂଚି ନପାରିବାରୁ ତାଙ୍କ ଅନୁପସ୍ଥିତିରେ ବିଧାୟକ ଅଶୋକ ମହାନ୍ତି ପାଲଲହଡାରେ ଚଳିତ ବର୍ଷରୁ ମାଲ୍ୟଗିରି ଫୁଟବଲ ଏକାଡେମୀ ଖୋଲିବାକୁ ଘୋଷଣା କରି ଥିଲାବେଳେ ମ୍ୟାନ ଅଫ ଦି ମ୍ୟାଚକଟକ ଯୁବଜ୍ୟୋତି କ୍ଲବର ଖେଳାଳି ଗଣେଶ ସେଠି ଙ୍କୁ ମ୍ୟାନ ଅଫ ଦି ସିରିଜ, ଦୀନବନ୍ଧୁ ଦାସ, ରାଉରକେଲାୟଙ୍ଗ ବଏଜ କ୍ଲବର ବିଶାଳ ଡୁଙ୍ଗଡୁଙ୍ଗ ବେଷ୍ଟ ସ୍କୋରର ଭାବେ ଟ୍ରଫି ସହିତ ପୁରସ୍କୃତ କରିଥିଲେ। ଆଜି ମ୍ୟାଚର ଧାରବିବରଣୀ ପ୍ରଦାନ କରିଥିଲେ ବର୍ଷିଆନ ଫୁଟବଲ ତାରକା ତଥା ଅବସରପ୍ରାପ୍ତ ଶିକ୍ଷକ ଅଭୟ ନାଏକ ଓ ହରିହର ବେହେରା।



# ଆଜିଠୁ ରଣଜୀ ଋତୁ



ଭୁବନେଶ୍ୱର, ୧୪।୧୦(ସବ୍ୟୁ) : ବିସିସିଆଇର ସର୍ବବୃହତ୍ତ ଘରୋଇ ଟୁର୍ଣ୍ଣମେଣ୍ଟ ରଣଜୀ ଟ୍ରଫି ସଜନ୍ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି। ଏଲିଟ ଗ୍ରୁପ୍ ଏ ରେ ସ୍ଥାନ ପାଇଥିବା ଓଡିଶା ଦଳ ଐତିହାସିକ ବାରବାଟୀରେ ବରୋଦା ବିପକ୍ଷ ପ୍ରଥମ ମ୍ୟାଚ ଖେଳିବ। ଏନେଇ ପ୍ରସ୍ତୁତି ଶେଷ ହୋଇଛି, କେବଳ ଆହ୍ୱାନକୁ ଅପେକ୍ଷା। ଏଥର ଓଡିଶା ରଣଜୀ ଦଳର ନେତୃତ୍ୱ ଶୁଭ୍ରାଂଶୁ ସେନାପତି ନେବେ। ଦଳରେ ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦାର, ଆର୍ଶୀବାଦ ସ୍ୱାଇଁ, ରାଜେଶ ଧୁପର, ଅନିଲ ପରିଡା, ସମ୍ବିତ ଏସ୍ ବରାଳ, ସୁନିତ ଶର୍ମା, ବାଦଲ ବିଶ୍ୱାଳ, ସୁନିଲ ରାଉଳ, ରାଜେଶ ମହାନ୍ତି, ତାରେଣିସ ପ୍ରମୁଖ ରହିଛନ୍ତି। ବରୋଦା ଭଳି ଟାଣୁଆ ଦଳ ବିପକ୍ଷରେ ଓଡିଶାର ରଣଜୀ ଅଭିଯାନ ଆରମ୍ଭ ବେଶ୍ ଚାଲେଞ୍ଜ୍ ପୂର୍ଣ୍ଣ ରହିବ। କାରଣ ବରୋଦାର ନେତୃତ୍ୱ ଅତୀତ ସେଟ୍ ନେଇଛନ୍ତି। ଦଳରେ ରାଜଲିମ୍ବାନି, ଲୁକ ମ୍ୟାନ୍ ମେରିୱାଲା, ରସିକ୍ ସଲାମ, ଶିବାଲିକ୍ ଶର୍ମାଙ୍କ ଭଳି ଦକ୍ଷ ବୋଲର ଥିବାରୁ ଓଡିଶା ବ୍ୟାଟରଙ୍କୁ ସତର୍କତାର ସହ ଖେଳିବାକୁ ପଡିବ। ତଥାପି ବାରବାଟୀ ଷ୍ଟାଡିୟମ ଘରୋଇ ଦଳ ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି।

ପ୍ରଥମ ପର୍ଯ୍ୟାୟରେ ୧୯ ଟି ମ୍ୟାଚ ଖେଳାଯିବ। ୪ ଟି ଗ୍ରୁପରେ ୧୬ ଟି ମ୍ୟାଚ୍ ତଥା ପ୍ଲେଟ୍ ଗ୍ରୁପର ୩ ଟି ମ୍ୟାଚ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି। ସମସ୍ତ ମ୍ୟାଚ ସକାଳ ୯.୪୫ ରୁ ଆରମ୍ଭ ହେବ। ଓଡିଶା - ବରୋଦା ମ୍ୟାଚ ବ୍ୟତୀତ ଗ୍ରୁପ ଏ ର ଅନ୍ୟ ମ୍ୟାଚଗୁଡିକରେ ଉତ୍ତରପ୍ରଦେଶ-ଆନ୍ଧ୍ର (କାନପୁର), ତାମିଲନାଡୁ-ଝାଡଖଣ୍ଡ(କୋଏମବାଟୁର), ନାଗାଲାଣ୍ଡ -ବିଦର୍ଭ(ବେଙ୍ଗାଲୁରୁ), ଗ୍ରୁପ ବି ରେ :- କେରଳ -ମହାରାଷ୍ଟ୍ର (ଥିରୁବନନ୍ତପୁରମ୍), ଗୋଆ- ଚଣ୍ଡିଗଡ(ପୋରଭୋରିମ୍), ମଧ୍ୟପ୍ରଦେଶ- ପଞ୍ଜାବ(ଇନ୍ଦୋର), ସ୍ୱରାଷ୍ଟ -କର୍ଣ୍ଣାଟକ(ରାଜକୋଟ), ଗ୍ରୁପ ସି ରେ : - ସର୍ଭିସେସ -ତ୍ରିପୁରା(ଦିଲ୍ଲୀ), ଗୁଜରାଟ -ଆସିମ(ଅହମ୍ମଦାବାଦ), ବେଙ୍ଗଲ - ଉତ୍ତରାଖଣ୍ଡ(ଇଡେନ୍‌ଗାଡେନ୍), ରେଳବାଇ - ହରିୟାଣା(ସୁରଟ), ଗ୍ରୁପ୍ ଡି ରେ: - ପୁଡୁଚେରୀ -ହିମାଞ୍ଚଳ ପ୍ରଦେଶ (ପୁଡୁଚେରୀ), ଜମ୍ମୁ କଶ୍ମିର -ମୁମ୍ବାଇ(ଶ୍ରୀନଗର), ରାଜସ୍ଥାନ -ଛତିଶଗଡ(ରାଜସମନ୍ଦ), ହାଇଦ୍ରାବାଦ -ଦିଲ୍ଲୀ (ହାଇଦ୍ରାବାଦ), ପ୍ଲେଟ ଗ୍ରୁପ୍ ରେ :- ବିହାର -ଅରୁଣାଚଳ ପ୍ରଦେଶ (ପାଟଣା), ସିକିମ -ମଣିପୁର (ରଙ୍ଗପୋ), ମେଘାଳୟ-ମିଜୋରାମ(ସିଲମ)।

# ଟିମ୍ ମ୍ୟାନେଜମେଣ୍ଟକୁ

## ସାମିଙ୍କ ଟାର୍ଗେଟ




ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି) : ବାରମ୍ବାର ଜାତୀୟ ଦଳରୁ ବାହାରେ ରହିଆସୁଥିବା ମହମ୍ମଦ ସାମି ନିଜର ଧୈର୍ଯ୍ୟ ହରାଇଛନ୍ତି। ତାଙ୍କୁ ଚୟନ କରାଯାଉନଥିବାରୁ ସେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଫିଟ୍‌ନେସ୍ ଆଳରେ ବିସିସିଆଇ ତାଙ୍କୁ ଉପେକ୍ଷିତ କରୁଛି। କିନ୍ତୁ ଫିଟ୍‌ନେସ୍ କାରଣକୁ ନେଇ ସାମି ସିଧା ଟିମ୍ ମ୍ୟାନେଜମେଣ୍ଟକୁ ଟାର୍ଗେଟ୍ କରିଛନ୍ତି। ସାମିଙ୍କ ଫିଟ୍‌ନେସ୍ ସମସ୍ୟା ଥିବା ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ଦଳ ଘୋଷଣା ବେଳେ କହୁଛନ୍ତି। ଏହି ଗୁଜବକୁ ଖଣ୍ଡନ କରିଛନ୍ତି ସାମି। ସେ ସୀମିତ ଓଭର କ୍ରିକେଟ୍ ସ୍ଥାନ ପାଉନଥିଲେ ହେଁ ତାଙ୍କର କୌଣସି ଫିଟ୍‌ନେସ୍ ସମସ୍ୟା ନାହିଁ। ମ୍ୟାନେଜମେଣ୍ଟର ଯୋଗାଯୋଗର ସମସ୍ୟା ରହିଛି। ଏଥିରେ ତାଙ୍କର ଭୁଲ ନାହିଁ। ଯଦି ସେ ରଣଜୀ ଟ୍ରଫି ଖେଳିବାକୁ ଫିଟ୍ ଅଛନ୍ତି, ତାହାହେଲେ ଦିନିକିଆ କ୍ରିକେଟ୍ ଖେଳିବାକୁ ଫିଟ୍ ଥିବା ସାମି ମତ ରଖିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ଶୃଙ୍ଖଳାରୁ ବାଦ୍ ପଡିଥିବା ସାମିଙ୍କ ନାଁ ରଣଜୀ ଟ୍ରଫି ପାଇଁ ଘୋଷଣା ହୋଇଥା ବେଙ୍ଗଲ ଦଳରେ ରହିଛି। ବେଙ୍ଗଲର ନେତୃତ୍ୱରେ ଅଭିମନ୍ୟୁ ଇଶ୍ୱରନ୍ ନେବେ। ସାମି ବେଙ୍ଗଲ ପାଇଁ ଖେଳିବେ। ବୁଧବାର ଠାରୁ ରଣଜୀ ଟ୍ରଫି ଆରମ୍ଭ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ସାମିଙ୍କ ବଡ ବୟାନ ସାମ୍ନାକୁ ଆସିଛି। ଭାରତୀୟ ଦଳ ମ୍ୟାନେଜମେଣ୍ଟ ମୋ ସହ ଫିଟ୍‌ନେସକୁ ନେଇ କୌଣସି ପ୍ରକାର ଆଲୋଚନା କରିନାହାଁନ୍ତି। ଯଦି ମୁଁ ଚାରିଦିନିଆ ରଣଜୀ ଟ୍ରଫି ଖେଳିପାରିବି ତାହାହେଲେ ଟେଷ୍ଟ କିମ୍ବା ୫୦ ଓଭର ବିଶିଷ୍ଟ ମ୍ୟାଚ କାହିଁକି ଖେଳିପାରିବି ନାହିଁ। ଯଦି ମୁଁ ଫିଟ୍ ନାହିଁ ତାହାହେଲେ ଏନ୍‌ସିଏରେ ରହିବା କଥା। ରଣଜୀ ଟ୍ରଫି ଖେଳିବା କଥା ନୁହେଁ। ସାମି ଚାମ୍ପିଅନସିପରେ ଶେଷ ଥର ପାଇଁ ଖେଳିଥିଲେ। ଏହା ପରଠାରୁ ଫିଟ୍‌ନେସ୍ ସମସ୍ୟା ପାଇଁ ତାଙ୍କୁ ଦଳରୁ ବାହାରେ ରଖାଯାଇଛି।

# ବଇଣ୍ଡାରେ ବ୍ଲକ ସ୍ତରୀୟ ଖୋ ଖୋ, ଫୁଟବଲ, କବାଡି ପ୍ରତିଯୋଗିତା

ଠାକୁରଗଡ ,(ସବ୍ୟୁ) : ନିଜର ସ୍ୱାସ୍ଥ୍ୟ ସବୁ ବେଳେ ଫିଟ ରଖିବା ପାଇଁ କ୍ରିଡାର ଆବଶ୍ୟକତା ଜରୁରୀ ହୋଇ ପଡିଛି। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏନେକ ବ୍ୟକ୍ତି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେମାନଙ୍କୁ ଖେଳ କୁଦ ପାଇଁ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ଛାତ୍ରୀ ଛାତ୍ର ମାନେ ଏହାକୁ ଅନୁସରଣ କରନ୍ତୁ। କ୍ରିଡା ସେମାନଙ୍କର ସ୍ୱତନ୍ତ୍ର ପରିଚୟ ଗଠନ କରି ପାରିବ ବୋଲି ମଙ୍ଗଳବାର ଦିନ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ସ୍ତରୀୟ ୧୭ ବର୍ଷ ରୁ କମ ଛାତ୍ରୀ ଛାତ୍ର ଙ୍କୁ ନେଇ ଖୋ କୋ , ଫୁଟବଲ ଓ କବାଡି ପ୍ରତିଯୋଗୀତା କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ ପରିସର ରେ ଅନୁଷ୍ଠିତର ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରିଡାରେ ମୁଖ୍ୟବକ୍ତା ଭାବରେ ଭିକାରି ବନ୍ଧୁ ସାହୁ , ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ପ୍ରଧାନ , ନୁନୁକାପଶି ସରପଞ୍ଚ ଦୀପ୍ତିମାୟୀ ସାହୁ , ଶିକ୍ଷକ ପୀତାମ୍ବର ସାହୁ , କ୍ଷିତିଜା ରଞ୍ଜନ ଦେହୁରି , ସିଆରସିସି ରଞ୍ଜନ କୁମାର ବିଶ୍ୱାଳ , ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁକାନ୍ତି ମଞ୍ଜରି ଚତମ୍ବା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକର ୫ ଟି ଜୋନର ସମସ୍ତ ବିଦ୍ୟାଳୟର ୩୫୦ ଜଣ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ଖୋ କୋ , କବାଡି , ଫୁଟବଲ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଚୟନ ହୋଇଥିବା ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରରେ ହେବାକୁ କ୍ରିଡା ପ୍ରତିଯୋଗୀତାରେ ଅଂଶ କରିବେ। ଏହି କ୍ରିଡାକୁ ଖେଳ ଶିକ୍ଷକ ବିଶ୍ୱନାଥ ଦେହୁରି , ସନ୍ତୋଷ କୁମାର ସାହୁ , ଅରୁଣ କୁମାର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ଗୋପାଳ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲ।

# ଗୌତମଙ୍କୁ ୪୪

ନୂଆଦିଲ୍ଲୀ, ୧୪।୧୦(ଏଜେନ୍ସି) : ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ୪୪ ବର୍ଷରେ ପଦାର୍ପଣ କରିଛନ୍ତି। ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରୁଛି। ଟିମ୍ ଇଣ୍ଡିଆ ୨୦୨୫ାରେ ଆଇସିସି ଚାମ୍ପିଅନସିପ୍ ଟ୍ରଫି ଜିତିଥିଲା। ଏସିଆ କପ୍ ଟାଇଟଲ ମଧ୍ୟ ନିକଟରେ ଜିତିଛି ଟିମ୍ ଇଣ୍ଡିଆ। ଗୌତମ ଗମ୍ଭୀର ଜୁଲାଇ ୨୦୨୪ରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ହୋଇଥିଲେ। କୋଚ୍ ହେବା ପରଠାରୁ ଗମ୍ଭୀର ଯୁବ ଖେଳାଳିଙ୍କ ଉପରେ ଅଧିକ ଫୋକସ କରିଛନ୍ତି। ଗମ୍ଭୀର ଜଣେ ସଫଳ ପ୍ରଶିକ୍ଷକ ଭାବେ ପ୍ରମାଣିତ କରିଛନ୍ତି। ଜଣେ କ୍ରିକେଟ୍‌ର ଭାବେ ଗମ୍ଭୀର କୀର୍ତ୍ତିମାନ ସ୍ଥାପନ କରିଥିଲେ। ୨୦୦୭ ଟି -୨୦ ବିଶ୍ୱ କପ୍ ଫାଇନାଲ ଏବଂ ୨୦୧୧ ବିଶ୍ୱ କପ୍ ଫାଇନାଲରେ ଭାରତ ପାଇଁ ଗମ୍ଭୀର ସର୍ବାଧିକ ରନ କରିଥିଲେ। ସେ ଯଥାକ୍ରମେ ୭୫ ଏବଂ ୯୭ ରନ୍‌ର ଇନିଂସ ସହିତ ଭାରତର ଟାଇଟଲ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଗମ୍ଭୀର ଟେଷ୍ଟ କ୍ରିକେଟ୍‌ରେ ଏକ ଅନନ୍ୟ ରେକର୍ଡ କରିଥିଲେ। ସେ କ୍ରମାଗତ ୫ ଟି ଟେଷ୍ଟରେ ଶତକ ହାସଲ କରିଥିବା ପ୍ରଥମ ଭାରତୀୟ ବ୍ୟାଟର। ଏହି ରେକର୍ଡ ୧୫ ବର୍ଷ ପରେ ମଧ୍ୟ ଅତୁଟ ରହିଛି। ୨୦୧୦ରେ ବାଂଲାଦେଶ ବିପକ୍ଷ ଚିଟାଗଙ୍ଗ ଟେଷ୍ଟରେ ଗମ୍ଭୀର ୧୧୬ ରନ ଇନିଂସ ଖେଳିଥିଲେ। ଗମ୍ଭୀର ବିଶ୍ୱର ଚତୁର୍ଥ ବ୍ୟାଟର ଭାବେ ଲଗାତାର ୫ ଟି ଟେଷ୍ଟ ଶତକ ମାରିଛନ୍ତି। ଏହି ତାଲିକାରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡ ମ୍ୟାନ ଶୀର୍ଷରେ ଅଛନ୍ତି। ସେ ଲଗାତାର ୬ ଟି ମ୍ୟାଚରେ ଶତକ ମାରିଥିଲେ। ଦକ୍ଷିଣ ଆଫ୍ରିକାର କାଲିସ ଓ ପାକିସ୍ତାନର ମହମ୍ମଦ ଇସୁଫ ଲଗାତାର ୫ ଟି ମ୍ୟାଚରେ ଶତକ ମାରିବାରେ ସଫଳ ହୋଇଥିଲେ। ଗମ୍ଭୀରଙ୍କ ପାଖରେ ବ୍ରାଡ ମ୍ୟାନ୍‌ଙ୍କ ରେକର୍ଡ ସମକକ୍ଷ ହୋବରେ ସୁଯୋଗ ଥିଲା। କିନ୍ତୁ ସେ ୨୦୧୦ ମିରପୁର ଟେଷ୍ଟରେ ୬୮ ରନ୍ କରି ଆଉଟ୍ ହୋଇଥିଲେ। ୨୦୧୮ରେ ଗମ୍ଭୀର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ସେ ୨୦୧୬ରେ ରାଜକୋଟରେ ଶେଷ ଟେଷ୍ଟ ଖେଳିଥିଲେ। ଗମ୍ଭୀର ୫୮ ଟେଷ୍ଟ ମ୍ୟାଚ ଖେଳି ୪୧୫୪ ରନ୍ କରିଥିଲେ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି